ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US ON TWITTER
twitter.com/paryabekhyak

Vol.25 . No.20 Bhubaneswar Thursday, February 24, 2022 | ୨୫ତମ ବର୍ଷ ସଂଖ୍ୟା-୨୦ ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୨୪, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) | Member-INS


## ଗୁପ୍ତ କୋଠରୀରେ କ'ଣ କରୁଥିଲା ରୋମିଓ ନକଲି ଡାକ୍ତର ରମେଶ ?

ଭୁବନେଶ୍ୱର, ୨୩।୨(ପି.ଏନ): ୧୮ ପତ୍ନୀକୁ ନେଇ ଚର୍ଚ୍ଚାରେ ଥିବା ରୋମିଓ ନକଲି ଡାକ୍ତର ରମେଶ ସ୍ୱାଇଁର ଘରେ ରହିଛି ଗୁପ୍ତ କୋଠରୀ। ଯେଉଁ କୋଠରୀ ଭିତରକୁ ସିଡି ପକାଇ ଯାଉଥିଲା ରମେଶ। ଆଉ ସେଠାରେ କରୁଥିଲା ଗୁପ୍ତ ଅପରେସନ୍। ରମେଶର ଏହି ଗୁପ୍ତ କୋଠରୀ ରହିଛି ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରରେ। ତେବେ ଏହି କୋଠରୀରେ ସେ ପ୍ରକୃତରେ ଅପରେସନ୍ କରୁଥିଲା ନା ଅନ୍ୟ କିଛି କାର୍ଯ୍ୟରେ ଲିପ୍ତ ରହୁଥିଲା, ତାହା ତଦନ୍ତ ସାପେକ୍ଷ। ଏବେ କମିଶନରେଟ୍‌ପୁଲିସ୍ ନଜରରେ ପଡିଛି ଏହି ଗୁପ୍ତ କୋଠରୀ।ମାଟ୍ରିକ ଫେଲ୍ ରମେଶର କାମାକ୍ଷାନଗରରେ ରହିଛି ଗୋଟିଏ ଘର। ଏହି ଘରେ ଚାଲିଥିଲା ସାଇଶ୍ରୀ କ୍ଲିନିକ୍। ଜଣେ ଅଭିଜ୍ଞ ଡାକ୍ତରଙ୍କ ପରି ସେଠାରେ ସେ ରୋଗୀ ସେବା କରୁଥିଲା। ୧୯୯୦ରୁ ୨୦୧୦ ମସିହା ପର୍ଯ୍ୟନ୍ତ ଅନ୍ୟତମ ପତ୍ନୀ ଶାନ୍ତିଲତାଙ୍କ ସହ ସେଠାରେ ରହୁଥିଲା ରମେଶ। କେବଳ ସେତିକି ନୁହେଁ, ତା' ଗ୍ୟାରେଜରେ ଏକ ପୁରୁଣା





ଟିଭିଏସ୍ ବାଇକ ରଖାଯାଇଛି। ଯାହାର ଗାଡି ନମ୍ବରଟିକୁ ପଥରରେ ଘଷି ଲିଭାଇ ଦିଆଯାଇଛି। ଏଥିରୁ ଜଣାପଡୁଛି ଜାଲିଆତିର ସବୁ ସୀମା ଅତିକ୍ରମ କରିସାରିଥିଲା ରମେଶ। ଅନ୍ୟପକ୍ଷରେ ଆଜି ବନ୍ଧା ହୋଇଛି ଠକ ଡାକ୍ତରର ଭଉଣୀ। ଯିଏ ଭାଇର କ୍ରାଇମ ପାର୍ଟନର ସାଜି ଚଳାଉଥିଲା କଳା ବେପାର। ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶଙ୍କ କହିବା ଅନୁସାରେ, ରମେଶର ଭଉଣୀ ରଶ୍ମିତା ଭାଇର କ୍ରାଇମ୍ କନେକ୍ସନରେ ଥିଲେ ମୁଖ୍ୟ ପୁରୋଧା। ଟଙ୍କା, ସୁନା, ଧନ ସମ୍ପତ୍ତି ଲୁଟିବା ଚକ୍କରରେ ଏକାଧିକ ମହିଳାଙ୍କୁ ବିବାହ ଷଡ଼ଯନ୍ତ୍ରରେ ସଂଶ୍ଳିଷ୍ଟ ଥିଲା। ଭାଇଙ୍କୁ କେନ୍ଦ୍ର ସରକାରଙ୍କ କର୍ମଚାରୀ ଓ ଡାକ୍ତର ବୋଲି ଦର୍ଶାଇ ମହିଳାଙ୍କୁ ପରିଚିତ କରାଉଥିଲା। ଅଭିଯୁକ୍ତ ରମେଶ ସ୍ୱାଇଁଙ୍କ ସହ ତାଙ୍କ ଭଉଣୀଙ୍କ ଭିଡିଓ କନଫରେନ୍ସିଂରୁ ଏହାର ପ୍ରମାଣ ମିଳିଥିବା ଡିସିପି କହିଛନ୍ତି। ରମେଶ ଓ ରଶ୍ମିତାଙ୍କୁ ରିମାଣ୍ଡରେ ନେବା ପରେ ଆହୁରି ଅନେକ ଗୁପ୍ତ ତଥ୍ୟ ପଦାକୁ ଆସିବ ବୋଲି ଡିସିପି କହିଛନ୍ତି। ତା'ସହ ରମେଶଙ୍କ କ୍ରାଇମ ସିଣ୍ଡିକେଟ୍‌ରେ ଥିବା ଭିଶୋଇ ତଥା ରଶ୍ମିତାଙ୍କ ସ୍ୱାମୀ ଓ ଡ୍ରାଇଭରଙ୍କୁ ଖୋଜୁଛି ପୁଲିସ।ସେପଟେ ଆନ୍ଧ୍ରପ୍ରଦେଶର ନର୍ସରୀ ବ୍ୟବସାୟୀ ଆଣିଥିବା ଅଭିଯୋଗର ମଧ୍ୟ ଫିଟୁଛି ଗୁମର। ରମେଶ ୪ ଲକ୍ଷ ଟଙ୍କାର ଚାରା ନେଇ ଧରାଛୁଆଁ ଦେଇନଥିଲା। ରମେଶର କଟକ ଖୁଣ୍ଟୁଣି ଥାନା ଖମାରନୂଆଗାଁରେ ରହିଛି ଫାର୍ମ ହାଉସ। ଅଭିଯୋଗ ହୋଇଛି, ସଂପୃକ୍ତ ବ୍ୟବସାୟୀଙ୍କଠୁ ଯେଉଁ ଚାରି ଲକ୍ଷ ଟଙ୍କାର ଚାରା ଆଣିଥିଲେ ରମେଶ, ସେ ସବୁକୁ ଏହି ଫାର୍ମହାଉସରେ ଲଗାଇଛନ୍ତି। ୨୦୧୮ ମସିହାରେ ଏହି ଫାର୍ମ ହାଉସ୍ ଜମିକୁ ଅନ୍ୟତମ ପତ୍ନୀ କମଳା ସ୍ୱାଇଁଙ୍କ ନାଁରେ କିଣିଥିଲେ ରମେଶ। ସେହି ଜମିରେ ଏକ ୪ ମହଲା ଘର ମଧ୍ୟ ରହିଛି। ଏସବୁ ସ୍ଥାନରେ ଆଜି ଚଢ଼ଉ କରିଛି ପୁଲିସ। ତା'ସହ ପତ୍ନୀ କମଳାଙ୍କୁ ପଚରାଉଚରା କରିବା ପାଇଁ ପୁଲିସ୍ ଯୋଜନା ରଖିଛି।

## ବୋମା ମାଡ଼ରେ ଯୁବକଙ୍କ ମୁଣ୍ଡ ଉଡିଗଲା



ନୟାଗଡ଼ : ବୋମା ମାଡରେ ଉଡିଗଲା ଯୁବକଙ୍କ ମୁଣ୍ଡ। ଖଣ୍ଡ ବିଖଣ୍ଡିତ ମର ଶରୀର ଗାଁ ଦାଣ୍ଡରେ ପଡିଛି। ଆସନ୍ତାକାଲି ନୟାଗଡରେ ପଞ୍ଚାୟତ ନିର୍ବାଚନ ପାଇଁ ମତଦାନ ଥିବା ବେଳେ ଆଜି ରାତିରେ ବୋମା ମାଡ ଘଟିଛି। ଏହାକୁ ନେଇ ଗାଁରେ ଉତ୍ତ?ଜନା ପ୍ରକାଶ ପାଇଛି।ନୟାଗଡ଼ ଜିଲ୍ଲା ଖଣ୍ଡପଡା ଥାନା ଅନ୍ତର୍ଗତ ବଡ଼ବୋଦସା ଗାଁର ଶ୍ୟାମ ତାରେଣିଆଙ୍କ ୩୩ ବର୍ଷୀୟ ପୁଅ ପ୍ରଶାନ୍ତ ଆଜି ରାତି ପ୍ରାୟ ୮ଟା ବେଳେ ତାରେଣିଆ ଗାଁ ଦେଇ ବାଇକ ଚଳାଇ ଯାଉଥିଲେ। ଠିକ୍ ସେହି ସମୟରେ ବେଳେ ତାଙ୍କ ଉପରେ ବୋମା ମାଡ଼ ହୋଇଥିଲା। ଜଣେ ବ୍ୟକ୍ତି ବୋମା ଫିଙ୍ଗି ଚମ୍ପଟ ମାରିଥିଲେ। ବୋମା ମାଡ଼ରେ ପ୍ରଶାନ୍ତଙ୍କ ମୁଣ୍ଡ ଉଡି ଯାଇଛି। ଆସନ୍ତା କାଲି ଖଣ୍ଡପଡା ନିର୍ବାଚନମଣ୍ଡଳୀରେ ମତଦାନ ଥିବା ବେଳେ ଆଜି ସନ୍ଧ୍ୟା ବେଳେ ବୋମାମାଡ ହୋଇଛି। ଏହାକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ଅଭିଯୁକ୍ତଙ୍କ ଗିରଫ ଦାବିରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ଖଣ୍ଡପଡା ଥାନା ପୁଲିସ ଗାଁରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଅନ୍ୟପକ୍ଷରେ ସୁରକ୍ଷା ଦୃଷ୍ଟିରୁ ଗାଁରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଛି।

## ୨୬ରୁ ଭୋଟ୍ ଗଣତି

ଭୁବନେଶ୍ୱର, ୨୩।୨(ପି.ଏନ): ଆସନ୍ତା ୨୬, ୨୭, ୨୮ରେ ଭୋଟ ଗଣନା ହେବାକୁ ଥିବା ବେଳେ ଏନେଇ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା ଚୂଡାନ୍ତ ପର୍ଯ୍ୟାୟରେ ପହଂଚିଛି। ରାଜ୍ୟ ନିର୍ବାଚନ କମିଶନଙ୍କ ସଚିବ ରବୀନ୍ଦ୍ର ନାଥ ସାହୁ କହିଛନ୍ତି ଜିଲ୍ଲା ପରିଷଦ ଜୋନ୍ ଅନୁଯାୟୀ ଭୋଟ ଗଣନା କରିବାକୁ ନିଷ୍ପତି ନିଆଯାଇଛି। ପ୍ରତି ଜୋନରେ ଯେତିକି ଗ୍ରାମ ପଂଚାୟତ ରହିଛି ସେତିକି ଟେବୁଲ ରହିବ ଏବଂ ନନ ଷ୍ଟପ ଗଣନା ହେବା ସହ ଓଡ଼ିଆ ବର୍ଣ୍ଣମାଳା ଅନୁଯାୟୀ ପଂଚାୟତଗୁଡ଼ିକୁ ଟେବୁଲ ଦିଆଯିବ। ଗୋଟିଏ ଟେବୁଲରେ ଜଣେ କାଉଂଟିଙ୍ଗ ସୁପରଭାଇଜର, ଦୁଇ ଜଣ ଆସିଷ୍ଟାଣ୍ଡ କାଉଂଟିଙ୍ଗ ଅଫିସର ଏବଂ ଜଣେ ଗ୍ରୁପ ଡ଼ି କର୍ମଚାରୀ ରହିବେ। କେଉଁ ଟିମ୍ କେଉଁ ଟେବୁଲରେ ବସିବେ ସେ ନେଇ ଗୁଳା ପଡିବ। ଜଣେ ପ୍ରାର୍ଥୀଙ୍କ ଜଣେ ଏଜେଂଟ ରହିବେ। ଯେତେଜଣ ପ୍ରାର୍ଥୀ ସେତିକି ଟ୍ରେ ଟେବୁଲରେ ରଖାଯିବା ସହ ଆଉ ଗୋଟିଏ ଟ୍ରେ ନାକଚ ପାଇଁ ରହିବ। ବାଲଟ ପେପରକୁ ପ୍ରଥମେ ରଙ୍ଗ ଅନୁସାରେ ଅଲଗା କରାଯାଇ ପ୍ରଥମେ ୱାର୍ଡ ମେମ୍ବର ପରେ ସରପଂଚ ଓ ତା'ପରେ ସମିତି ସଭ୍ୟ ଏବଂ ଶେଷରେ ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କ ଭୋଟ ଗଣନା ହେବ। ପର୍ଯ୍ୟାୟକ୍ରମେ ବ୍ଲକ କାର୍ଯ୍ୟାଳୟରେ ଫଳାଫଳ ଘୋଷଣା କରାଯିବ ବୋଲି କହିଛନ୍ତି ରବୀନ୍ଦ୍ର ନାଥ ସାହୁ।ଆସନ୍ତାକାଲି ହେବ ପଂଚାୟତ ନିର୍ବାଚନର ଅନ୍ତିମ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ। ଆସନ୍ତାକାଲି ୨୫ ଜିଲ୍ଲାର ୧୩୧ ଜିଲ୍ଲା ପରିଷଦ ଜୋନ ପାଇଁ ନିର୍ବାଚନ ହେବ। ୧୩୧ ଜିଲ୍ଲା ପରିଷଦ ଜୋନରେ ୫୨୦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ମତଦାତା।

## ଗୋଟିଏ ଦିନରେ ୩୪୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୩।୨(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୩୪୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୩୬୩୯ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୮୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୦୨୨୧ ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୩୨୦ ରହିଛି ।ଆଜି ଚିହ୍ନଟ ହୋଇଥିବା ୩୪୨ ଜଣଙ୍କ ମଧ୍ୟରୁ ୧୯୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୪୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ସବୁଠାରୁ ଅଧିକ ୩୯ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୧୨ , ବାଲେଶ୍ୱର ଜିଲ୍ଲାରୁ ୫ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବରଗଡ ଜିଲ୍ଲାରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗୀର ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୧୦ , କଟକରୁ ୨୦ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ଗଜପତି ଜିଲ୍ଲାରୁ ୨୯, ଗଂଜାମ ଜିଲ୍ଲାରେ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୮, ଯାଜପୁରରୁ ୨୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ଝାରସୁଗୁଡ଼ା ଜିଲ୍ଲାରୁ ୧୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୩ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୨, ଖୋର୍ଦ୍ଧାରୁ ୩୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୯ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୯ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୧୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୨୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୩୯, ଷ୍ଟେଟ୍ ପୁଲରୁ ୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ପଶ୍ଚିମା-ଝଡ ପ୍ରଭାବରେ କାଲିଠୁ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୩।୨(ପି.ଏନ): ଆଫଗାନିସ୍ଥାନ ଏବଂ ପାର୍ଶ୍ୱବର୍ତୀ ଅଂଚଳରେ ସକ୍ରିୟ ପଶ୍ଚିମା-ଝଡ ପ୍ରଭାବରେ ରାଜ୍ୟରେ ୨୪ ରୁ ବର୍ଷା ସମ୍ଭାବନା ରହିଛି। ସେହିପରି ୨୫ରୁ ବର୍ଷା ବଢିବ ଏବଂ କିଛି ଜିଲ୍ଲାରେ ବିଜୁଳି ଘଡଘଡି ସମ୍ଭାବନା ରହିଛି। ଅନ୍ୟପକ୍ଷରେ ୨୫ ରେ ଆଉ ଏକ ପଶ୍ଚିମା ଝଡ ପଶ୍ଚିମ-ହିମାଳୟ ଅଂଚଳରେ ସକ୍ରିୟ ହେବ ବୋଲି ଭୁବନେଶ୍ୱର ସ୍ଥିତ ଆଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ୨୪ ତାରିଖରେ ଝାରସୁଗୁଡା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ, କେନ୍ଦୁଝର, ମୟୂରଭଞ୍ଜ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛିସେହିପରି ୨୫ରୁ ୨୬ ତାରିଖ ମଧ୍ୟରେ ଉତର ଓଡିଶାର ଜିଲ୍ଲାଗୁଡ଼ିକର କିଛି ସ୍ଥାନରେ ଏବଂ ଦକ୍ଷିଣ ଓଡିଶାର ଜିଲ୍ଲାଗୁଡ଼ିକର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ତେବେ, ଏହି ସମୟ ମଧ୍ୟରେ ଦେବଗଡ଼, ଅନୁଗୁଳ, ଢ଼େଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ହେବାର ସମ୍ଭାବନା ରହିଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।ସେହିପରି ୨୬ ତାରିଖ ଦିନ ମଧ୍ୟ ଉପକୂଳ ଓଡ଼ିଶା ସମେତ କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ ଓ କନ୍ଧମାଳ ଆଦି ଜିଲ୍ଲାରେ ହାଲୁକା ବର୍ଷାର ସମ୍ଭାବନା ରହିଛି। ଅବଶିଷ୍ଟ ଓଡ଼ିଶାରେ ପାଗ ଶୁଖିଲା ଓ ଖରାଟିଆ ରହିବ।

## ୪ ଘଣ୍ଟା ପରେ ମୁକୁଳିଲେ ପାତ୍ରପୁର ବିଡିଓ

ବ୍ରହ୍ମପୁର, ୨୩।୨(ପି.ଏନ): ଗାଁରେ ଦୀର୍ଘ ୪ ଘଣ୍ଟା ଅଟକି ରହିଲେ ଗଞ୍ଜାମ ପାତ୍ରପୁର ବିଡିଓ ପ୍ରକାଶ ଦାଶ। ପ୍ରଶାସନ ସହ ଆଲୋଚନା ପରେ ବିଡିଓଙ୍କୁ ଛାଡ଼ିଲେ ଗାଁ ଲୋକ। ବିଡିଓ ମୁକୁଳିବା ନେଇ ବ୍ରହ୍ମପୁର ଉପଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ସୂଚନା ଦେଇଛନ୍ତି। ଭୋଟର ଲିଷ୍ଟରେ ନାଁ ନଥିବାରୁ ଏହାକୁ ବିରୋଧ କରି ବିଡିଓଙ୍କୁ ଦାୟୀ କରିବା ସହ ଅଟକ ରଖିଥିଲେ।ଗତ ୨୦ ତାରିଖରେ ପାତ୍ରପୁର ବ୍ଲକ୍ ତୁମ୍ବା ପଞ୍ଚାୟତରେ ମତଦାନ ସରିଛି। ପ୍ରାର୍ଥୀଙ୍କ ଭାଗ୍ୟ ଭୋଟ୍ ବାକ୍ସରେ ସିଲ୍ ହୋଇଛି।



ହେଲେ ଆଦିବାସୀ ଅଧ୍ୟୁଷିତ ଧାଡ଼ିଆମ୍ବ ଗାଁର ବହୁ ଲୋକ ମତଦାନରୁ ବଞ୍ଚିତ ହୋଇଥିଲେ। ଭୋଟ୍ ତାଲିକାରେ ନାଁ ନଥିବାରୁ ସେମାନେ ଭୋଟ୍ ଦେଇ ପାରି ନ ଥିଲେ। ଏହାକୁ ନେଇ ଗାଁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।ଆଜି ପାତ୍ରପୁର ବିଡିଓ ପ୍ରକାଶ ଦାଶ ବିଦ୍ୟାଳୟ ରୂପାନ୍ତରିଣ କାମ ଦେଖି ଫେରୁଥିଲେ। ଏ ସମ୍ପର୍କରେ ଧାଡିଆମ୍ବ ଗାଁର ମହିଳାମାନେ ଜାଣିପାରି ବିଡିଓଙ୍କୁ ବିଚ୍ ରାସ୍ତାରେ ଅଟକାଇ ଥିଲେ। ଆଉ ପ୍ରଶ୍ନ ପଚାରି ଘାଇଲା କରିଥିଲେ। ଭୋଟ୍‌ର ତାଲିକାରେ କାହିଁକି ନାଁ ନାହିଁ ବୋଲି ପଚାରିଥିଲେ ଏହା ପରେ ମହିଳାମାନେ ବିଡିଓଙ୍କୁ ଗାଡିରୁ ଟାଣି ଗାଁ ଭିତରକୁ ନେଇ ଯାଇଥିଲେ। ତାଙ୍କୁ ଗାଁରେ ଅଟକ ରଖିଥିଲେ। ବିଡିଓ ଲିଖିତ ପ୍ରତିଶ୍ରୁତି ଦେବା ପରେ ଗାଁ ଲୋକେ ତାଙ୍କୁ ଛାଡି ଥିଲେ।

## ଲିଙ୍ଗରାଜ ମନ୍ଦିରରେ ରାତି ୧୦ଟାରେ ଉଠିବ ମହାଦୀପ

ଭୁବନେଶ୍ୱର, ୨୩।୨(ପି.ଏନ): ଆସନ୍ତା ମାର୍ଚ୍ଚ ୧ ତାରିଖି ମହାଶିବରାତ୍ରୀ ପାଳନ ନେଇ ଭୁବନେଶ୍ୱର ସ୍ଥିତ ଲିଙ୍ଗରାଜ ମନ୍ଦିରରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଅଧକ୍ଷତାରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଲିଙ୍ଗରାଜ ମନ୍ଦିରରେ ଉକ୍ତ ଦିନ ରାତି ୧୦ଟାରେ ମହାଦୀପ ଉଠିବ। ଚଳିତ ଥର ଭକ୍ତଙ୍କୁ ଦର୍ଶନ ସୁଯୋଗ ମିଳିବ। ବୈଠକର ନିଷ୍ପତି ଅନୁଯାୟୀ ଏଥର ମନ୍ଦିର ଭିତରେ କୋଭିଡ୍ କଟକଣା ଭିତରେ ଭକ୍ତମାନେ ଦୀପ ଜାଳିପାରିବେ। ମନ୍ଦିରର ଗର୍ଭଗୃହ ଭିତରକୁ ଭକ୍ତମାନେ ଯାଇ ପାରିବେ ନାହିଁ। ଆଡ଼କାଠ ପାଖରୁ ଲିଙ୍ଗରାଜଙ୍କ ଦର୍ଶନ କରିପାରିବେ ଭକ୍ତ।ଏଥର ମନ୍ଦିର ବାହାରେ ସଙ୍ଗରୋଧ କେନ୍ଦ୍ର କରାଯିବ। ଗହଳି ହଟାଇବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। କୋଭିଡ ନିୟମକୁ ଗୁରୁତ୍ୱ ଦିଆଯିବ।ଶିବରାତ୍ରୀ ଦିନ ରାତି ୩ ଟାରୁ ୩.୩୦ ପର୍ଯ୍ୟନ୍ତ ଅବକାଶ ନୀତି ଅନୁଷ୍ଠିତ ହେବା ସହ ସକାଳ ୫ ଟା ଯାଏଁ ସେବାୟତଙ୍କ ପରିବାର ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଦର୍ଶନ କରିବେ। ୫ଟା ପରଠାରୁ ସର୍ବସାଧାରଣ ଦର୍ଶନ ପାଇଁ ଅନୁମତି ମିଳିବ।ମହାଶିବରାତ୍ରୀର ସମସ୍ତ ରୀତିକାନ୍ତି ସୁରୁଖୁରୁରେ ସଂପାଦନ କରିବା ପାଇଁ ସମସ୍ତ ନିଯୋଗ ପୂର୍ଣ୍ଣ ସହଯୋଗ ଦେବେ ବୋଲି ବୈଠକରେ ପ୍ରତିଶ୍ରୁତି ଦେଇଛନ୍ତି। ଶାନ୍ତି ଶୃଙ୍ଖଳିତ ରକ୍ଷା କରିବା ପାଇଁ ପୁଲିସ୍ ବିଭାଗ ସହିତ ଆଲୋଚନା କରାଯାଇଛି। ଟ୍ରାଫିକ ଓ ପାର୍କିଂକୁ ବ୍ୟବସ୍ଥିତ କରାଯିବ ବୋଲି ଖୋର୍ଦ୍ଧା ଜିଲ୍ଲାପାଳ ତଥା ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି ସଂଗ୍ରାମ କେଶରୀ ମହାପାତ୍ର କହିଛନ୍ତି।



## ଚତୁର୍ଥ ପର୍ଯ୍ୟାୟରେ ୭୯% ମତଦାନ

ଭୁବନେଶ୍ୱର, ୨୩।୨(ପି.ଏନ): ଗତକାଲି ଅନୁଷ୍ଠିତ ପଂଚାୟତ ନିର୍ବାଚନର ଚତୁର୍ଥ ପର୍ଯ୍ୟାୟରେ ୭୯ ପ୍ରତିଶତ ମତଦାନ ହୋଇଛି। ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଚତୁର୍ଥ ପର୍ଯ୍ୟାୟରେ ସୁବର୍ଣ୍ଣପୁରରେ ସର୍ବାଧିକ ୮୬.୫୧ ପ୍ରତିଶତ, ବରଗଡରେ ୮୪.୮୭ ପ୍ରତିଶତ, ଅନୁଗୁଳରେ ୭୭.୭୫ ପ୍ରତିଶତ, ବାଲେଶ୍ୱରରେ ୭୮.୦୮ ପ୍ରତିଶତ, ବଲାଙ୍ଗୀରରେ ୮୨.୨ ପ୍ରତିଶତ, ଭଦ୍ରକରେ ୭୭ ପ୍ରତିଶତ, କଟକରେ ୮୦.୬୪ ପ୍ରତିଶତ, ଢେଙ୍କାନାଳରେ ୮୦.୫୯ ପ୍ରତିଶତ, ଗଜପତିରେ ୮୨.୧୭ ପ୍ରତିଶତ, ଗଞ୍ଜାମରେ ୬୫.୨ ପ୍ରତିଶତ, ଜଗତସିଂହପୁରରେ ୮୧ ପ୍ରତିଶତ ମତଦାନ ହୋଇଛି ।ସେହିପରି ଯାଜପୁରରେ ୭୩ ପ୍ରତିଶତ, କଳାହାଣ୍ଡିରେ ୮୦ ପ୍ରତିଶତ, କନ୍ଧମାଳ ଓ ଖୋର୍ଦ୍ଧାରେ ୭୪ ପ୍ରତିଶତ, କେନ୍ଦ୍ରାପଡା ଓ କେଉଁଝରରେ ୭୭ ପ୍ରତିଶତ, କୋରାପୁଟରେ ୮୨ ପ୍ରତିଶତ, ମାଲକାନଗିରିରେ ୭୪ ପ୍ରତିଶତ, ମୟୁରଭଞ୍ଜରେ ୭୫ ପ୍ରତିଶତ, ନବରଙ୍ଗପୁରରେ ୮୩ ପ୍ରତିଶତ ମତଦାନ ହୋଇଛି ।ଉଲ୍ଲେଖନୀୟ ଯେ ରାଜ୍ୟରେ ଫେବୃୟାରୀ ୧୬ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୭୭.୨%, ଫେବୃୟାରୀ ୧୮ ଦ୍ୱିତୀୟ ପର୍ଯ୍ୟାୟରେ ୭୮.୩%, ଫେବୃୟାରୀ ୨୦ ତୃତୀୟ ପର୍ଯ୍ୟାୟରେ ୭୮.୬% ମତଦାନ ହୋଇଛି। ୨୪ତାରିଖରେ ପଂଚମ ତଥା ଶେଷ ପର୍ଯ୍ୟାୟ ଭୋଟ ଗ୍ରହଣ ହେବ।

## ଆଜି ୨୫ ଜିଲ୍ଲାରେ ନିର୍ବାଚନ

ଭୁବନେଶ୍ୱର, ୨୩।୨(ପି.ଏନ): ଆଜି(ଗୁରୁବାର)ପଂଚାୟତ ନିର୍ବାଚନର ପଂଚମ ତଥା ଅନ୍ତିମ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ। ଅନ୍ତିମ ପର୍ଯ୍ୟାୟରେ ୨୫ ଜିଲ୍ଲାର ୪୮ ବ୍ଲକର ୧୩୧ ଜିଲ୍ଲା ପରିଷଦ ଜୋନ ପାଇଁ ନିର୍ବାଚନ ହେବ। ୧୩୧ ଜିଲ୍ଲା ପରିଷଦ ଜୋନରେ ୫୨୦ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି। ମୋଟ ୧୩୫୧୪ ବୁଥରେ ୪୧୮୮୩୮୨ ଭୋଟର ମତସାବ୍ୟସ୍ତ କରିବେ। ସେଥିରୁ ୨୦୨୭ଟି ବୁଥ ସମ୍ବେଦନଶୀଳ ରହିଥିବା ଜଣାପଡ଼ିଛି । ଏ ନେଇ ସେଠାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ୫ ଜିଲ୍ଲାରେ ନିର୍ବାଚନ ଶେଷ ହୋଇଥିବାରୁ ସେଠାରେ ନିୟୋଜିତ ହୋଇଥିବା ପୁଲିସ ବାହିନୀକୁ ଏହି ୨୫ ଜିଲ୍ଲାରେ ଅତିରିକ୍ତ ଭାବେ ନିୟୋଜିତ କରାଯାଇଛି । ନିର୍ବାଚନ କମିଶନଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି।

## ନିର୍ବାଚନରେ ଅନିୟମିତତା ପ୍ରତିବାଦରେ ନିର୍ବାଚନ କମିଶନ କାର୍ଯ୍ୟାଳୟ ସାମ୍ନାରେ ବିଜେପିର ଧାରଣା

ଭୁବନେଶ୍ୱର, ୨୩।୨(ପି.ଏନ): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ଚତୁର୍ଥ ପର୍ଯ୍ୟାୟ ଭୋଟିଂ ସରିଛି। ରାଜ୍ୟର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ, ରିଗିଂ ଭଳି ବହୁ ଅଭାବନୀୟ ଘଟଣା ଘଟିଯାଇଛି । ୨୦୦ରୁ ଅଧିକ ସ୍ଥାନରେ ଶାସକ ବିଜେଡି ଦ୍ୱାରା ହୋଇଥିବା ବୁଥ୍ ରିଗିଂ ପ୍ରସଙ୍ଗରେ ତଥ୍ୟପ୍ରମାଣ ସହ ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରାଯାଇଥିଲା । ଶାସକ ବିଜେଡିର ପ୍ରଭାବଶାଳୀ ମନ୍ତ୍ରୀ ଓ ନେତାଙ୍କ ନିଜସ୍ୱ ଜିଲ୍ଲାରେ ମଧ୍ୟ ବ୍ୟାପକ ହିଂସାକାଣ୍ଡ, ବୁଥ୍ ରିଗିଂ ଭଳି ଅଗଣତାନ୍ତ୍ରିକ ହୋଇଛି । ଭାରତୀୟ ଜନତା ପାର୍ଟି ତରଫରୁ ରାଜ୍ୟ ନିର୍ବାଚନ କମିଶନଙ୍କୁ ତଥ୍ୟ ଓ ପ୍ରମାଣ ସହ ବାରମ୍ବାର ଅଭିଯୋଗ କରାଯିବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ରାଜ୍ୟ ନିର୍ବାଚନ କମିଶନଙ୍କ ଶାସକ ବିଜେଡି ସପକ୍ଷରେ ପକ୍ଷପାତିତା ଗଣତନ୍ତ୍ର ପ୍ରତି ବିପଦ ଆଣିଦେଇଛି । ନିର୍ବାଚନକୁ ଏକ ପ୍ରହସନରେ ପରିଣତ କରୁଛନ୍ତି ନିର୍ବାଚନ କମିଶନ । ଶାସକ ବିଜେଡି ଚାପରେ ନିର୍ବାଚନ କମିଶନଙ୍କ ପକ୍ଷପାତିତାକୁ ବିରୋଧ କରି ଆଜି ବିଜେପି ତରଫରୁ ରାଜ୍ୟ ନିର୍ବାଚନ କମିଶନ କାର୍ଯ୍ୟାଳୟ ସାମ୍ନାରେ ଧାରଣା ଦିଆଯାଇଛି ବୋଲି ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ କହିଛନ୍ତି ।ପୋଲିସ ଉପସ୍ଥିତିରେ ଭଦ୍ରକ ତିହିଡିରେ ବିଜେଡି ନେତ୍ରୀ ଯେଉଁ ଭଳି ଭାବେ ବୁଥ୍ ରିଗିଂ କରିଛନ୍ତି, ତାହା ଶାସକ ଦଳର ଅରାଜକତାକୁ ସ୍ପଷ୍ଟ କରୁଛି। ଭୋଟିଂ କେନ୍ଦ୍ରରେ ସିସିଟିଭି ପାଇଁ ବିଜେପି ଦାବି କରିଥିଲେ ମଧ୍ୟ ନିର୍ବାଚନ ପରିଚାଳନାରେ ଥିବା ଜିଲ୍ଲା ଅଧିକାରୀମାନେ କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ ।ଏଭଳି ଅଗଣତାନ୍ତ୍ରୀକ କାର୍ଯ୍ୟରେ ସଂପୃକ୍ତ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ମନମୋହନ ସାମଲ ଦାବୀ କରିଛନ୍ତି ।ଗତ ୧୮ ତାରିଖ ଦିନ ବରଗଡ ଜିଲ୍ଲା ଗାଇସିଲଟ ବ୍ଲକ ଅନ୍ତର୍ଗତ ଫିରିଙ୍ଗମାଳ ଓ କଠଉମାଲ ମତଦାନ କେନ୍ଦ୍ରରେ ମହିଳା ଓ ପୁରୁଷ ମତଦାତାଙ୍କୁ ଯେଉଁ ଭଳି ନିର୍ମମ ଭାବେ ଲାଠିରେ ମାଡ ମାରି ଆତଙ୍କ ବାତାବରଣ ସୃଷ୍ଟି କରିଲେ, ତାହା ଅତ୍ୟନ୍ତ ଦଣ୍ଡନୀୟ ଅପରାଧ । ଗାଇସିଲଟ ଆଇଆଇସିଙ୍କୁ ତୁରନ୍ତ ବହିଷ୍କାର କରାଯାଇ ଏହି ଘଟଣାକୁ ଚାପିଦେବାର ପ୍ରୟାସ ଅନ୍ୟ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ପୂର୍ବତନ ବିଧାୟକ ତଥା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ କମିଶନଙ୍କ ନିକଟରେ ଦାବୀ କରିଛନ୍ତି ।ପଂଚାୟତ ନିର୍ବାଚନ ପ୍ରାରମ୍ଭରୁ ଗଂଜାମ ଜିଲ୍ଲାରେ ବ୍ୟାପକ ଭାବେ ରାଜନୈତିକ ହିଂସାକାଣ୍ଡ ଆରମ୍ଭ ହୋଇଯାଇଛି । ବର୍ତ୍ତମାନ ନିର୍ବାଚନ ସମୟରେ ଶାସକ ବିଜେଡି ତରଫରୁ ଭୋଟମାନଙ୍କୁ ଭୟଭୀତ କରାଯାଇ ବ୍ୟାପକ ଭାବେ ବୁଥ୍ ରିଗିଂ କରାଯାଉଛି ବୋଲି ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର କହିଛନ୍ତି ।ନୟାଗଡ ଜିଲ୍ଲା ରଣପୁର ବ୍ଲକର ରାଜଜଂକିଆ ପଂଚାୟତରେ ନିର୍ବାଚନୀ ହିଂସାରେ ବିଜେପି କର୍ମୀ ବିବେକାନନ୍ଦ ରଣବିଜୁଳିଙ୍କୁ ହତ୍ୟା କରାଯାଇ ବର୍ତ୍ତମାନ ଆତ୍ମହତ୍ୟାର ରୂପ ଦେବା ଘଟଣାରେ ଶାସକ ବିଜେଡିର ଚକ୍ରାନ୍ତକୁ ସ୍ଥାନୀୟ ପୋଲିସ ଆଇଆଇସି ରଶ୍ମୀରଂଜନ ଦାସ ଏବଂ ନୟାଗଡ ଏସଡିପିଓ ଘଂଟ ଘୋଡାଉଛନ୍ତି । ଆଇଆଇସି ଏବଂ ଏସଡିପିଓଙ୍କ ଶାସକ ଦଳ ପ୍ରତି ଆନୁଗତ୍ୟ କାରଣରୁ ସ୍ଥାନୀୟ ଅଂଚଳରେ ଶାନ୍ତଶୃଙ୍ଖଳା ପରିସ୍ଥିତି ଭଙ୍ଗ ହୋଇଛି । ତେଣୁ ଉଭୟ ପୋଲିସ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତ୍ରୀ ସୁରମା ପାଢୀ ଦାବୀ କରିଛନ୍ତି ।ଆଜିର ଏହି ଧାରଣାରେ ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ, ରାଜ୍ୟ ମୁଖ୍ୟପାତ୍ର ଠାକୁର ରଣଜିତ୍ ଦାସ, ଉମାକାନ୍ତ ପଟ୍ଟନାୟକ, ସୋନାଲୀ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୟନ୍ତ ଜେନା, ଜଗନ୍ନାଥ ପ୍ରଧାନ, ରାଜ୍ୟ ଗଣମାଧ୍ୟମ ସହମୁଖ୍ୟ ସୁଜିତ କୁମାର ଦାସ, ମହିଳା ମୋର୍ଚ୍ଚା ରାଜ୍ୟ ଉପସଭାନେତ୍ରୀ କସ୍ତୁରୀ ମିଶ୍ର, ସାମାଜିକ ସଂଗଠନ ରାଜ୍ୟ ସଂଯୋଜକ ରଶ୍ମୀରଂଜନ କାନୁନଗୋଙ୍କ ସମେତ ବହୁ ସଂଖ୍ୟାରେ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ।

## ନିୟମ କୋହଳ କଲା ବିଏମସି : ଧର୍ମାନୁଷ୍ଠାନରେ ପ୍ରବେଶ ପାଇଁ ଜରୁରୀ ନୁହେଁ କୋଭିଡ୍ ଟିକା ପ୍ରମାଣପତ୍ର

ଭୁବନେଶ୍ୱର, ୨୩।୨(ପି.ଏନ): ରାଜଧାନୀର ଧର୍ମାନୁଷ୍ଠାନରେ ପ୍ରବେଶ ପାଇଁ କଟକଣାକୁ ଆହୁରି କୋହଳ କରାଯାଇଛି। ଏଣିକି ମନ୍ଦିର ପ୍ରବେଶ ପାଇଁ କୋଭିଡ୍ ଟୀକା ସାର୍ଟିଫିକେଟର ଆବଶ୍ୟକତା ନାହିଁ । ବର୍ତ୍ତମାନର କୋଭିଡ୍ ଓ ଟିକାକରଣର ସ୍ଥିତିକୁ ଦେଖି ବିଏମସି ପକ୍ଷରୁ ଏହି ନିଷ୍ପତି ନିଆଯାଇଛି । ଏଣିକି ବିଏମସି ଅଧିନରେ ଥିବା କୌଣସି ବି ଧାର୍ମିକ ଅନୁଷ୍ଠାନକୁ ଯିବା ପାଇଁ ଟିକାକରଣ ପ୍ରମାଣପତ୍ର କିମ୍ବା ପରିଚୟପତ୍ରର ଆବଶ୍ୟକତା ନାହିଁ ବୋଲଇ ବିଏମସି ପକ୍ଷରୁ କୁହାଯାଇଛି। ସେହିପରି ସେବାୟତଙ୍କ ପାଇଁ ମଧ୍ୟ ଟିକାକରଣ ସାର୍ଟିଫିକେଟ୍ ଦେଖାଇବାର ଆବଶ୍ୟକତା ନାହିଁ। ପୂର୍ବରୁ ଧର୍ମାନୁଷ୍ଠାନକୁ କେବଳ ଡବଲ ଡୋଜ୍ ଟିକା ନେଇଥିବା ବ୍ୟକ୍ତିଙ୍କୁ ପ୍ରବେଶ ଅନୁମତି ମିଳୁଥିଲା। ତେବେ ମନ୍ଦିର କିମ୍ବା ଧର୍ମାନୁଷ୍ଠାନ କର୍ତ୍ତୃପକ୍ଷ ସେମାନଙ୍କ ପରିସରରେ ସାମାଜିକ ଦୂରତା, ମାସ୍କ ପିନ୍ଧିବା ଏବଂ ହାତ ବିଶୋଧନ ଭଳି ସମସ୍ତ କୋଭିଡ୍ ନିୟମ ପାଳନ କରିବେ । ଏନେଇ ବିଏମସି ନିର୍ଦ୍ଦେଶନାମା ଜାରି କରିଛି । ଗତ ୧୨ ତାରିଖରୁ ୧୫ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ଧର୍ମାନୁଷ୍ଠାନରେ ପ୍ରବେଶ ନେଇ ଅନୁମତି ଦେଇଥିଲେ ବିଏମସି ।








## ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଳୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ । ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ । ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ । କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ । କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ । ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ । ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ । ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ । ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ । ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି । କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ । କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ । ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ । ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା । ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା । ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ । ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର



ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ । ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ । ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ । ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା ।

## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ



ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ । କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ । ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ । ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି । ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ । ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି



ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି । ହେଲେ ଟେକସାସ୍ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି । ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି । ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍ । ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍ କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି । ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି । ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି । ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ । ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ । ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର



ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ । ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା । ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ । ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ । ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ । ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା । ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି ।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଢନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି । ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ । ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ । ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା । ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ । ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ତାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ଶ୍ରୀଶୈଳମର ମଲିକାର୍ଜୁନ ଶୈବ କ୍ଷେତ୍ର

**ଭା**ରତର ବିଭିନ୍ନ କୋଣରେ ୬୪ଟି ପ୍ରସିଦ୍ଧ ଶକ୍ତିପୀଠ ଓ ୧୨ଟି ଜ୍ୟୋତିର୍ଲିଙ୍ଗ ଥିବା ଶୈବ କ୍ଷେତ୍ର ରହିଛି । ଶୈବ କ୍ଷେତ୍ର ଗୁଡିକ ହେଲା-

*ସୌରାଷ୍ଟ୍ରେ ସୋମନାଥଂ ଚ,*
*ଶ୍ରୀଶୈଲେ ମଲ୍ଲିକାର୍ଜୁନମ(୧)*
*ଉଜ୍ଜୟନ୍ୟାଂ ମହାକାଳମ,*
*ଓଂକାରଂ ଅମଲେଶ୍ୱରମ(୨)*
*ସେତୁବନ୍ଧେ ତୁ ରାମେଶଂ .*
*ନାଗେଶଂ ଦାରୁକା ବନେ(୩)*
*ପରଲ୍ୟା ବୈଦନାଥଂଚ,*
*ଡାକିନ୍ୟାଂ ଭୀମଶଙ୍କରମ ।୪)*
*ବାରଣାସ୍ୟାଂ ତୁ ବିଶେଶ୍ୱଂ,*
*ତ୍ରୈମ୍ବକଂ ଗୌତମି ତଟେ (୫)*
*ହିମାଳୟେ ତୁ କେଦାରଂ,*
*ଘୃଣେଶ୍ ଂଚ ଶିବାଳୟେ_(୬)*





ନୀଳ ଗଙ୍ଗା ନାମରେ ଖ୍ୟାତ କୃଷ୍ଣା ନଦୀର କୂଳରେ ପୂର୍ବ ଘାଟ ପର୍ବତ ଶ୍ରେଣୀ ଉପରେ, ଶ୍ରୀ ଶୈଳ ଶୈବ କ୍ଷେତ୍ରରେ ମଲ୍ଲିକାର୍ଜୁନ ମହାଦେବ ପୂଜା ପାଉଛନ୍ତି । ଏହି କ୍ଷେତ୍ର ଆନ୍ଧ୍ର ପ୍ରଦେଶର କୁରନଲ ଜିଲ୍ଲାରେ ହାଇଦ୍ରାବାଦଠାରୁ ୨୩୦, କୁରନଲଠାରୁ ୮୦ କିମି ଓ ବେଜୱାଡାଠାରୁ ୨୬୪ କିମି ଦୂରରେ ଅଛି । ଏଠାରେ ଶିବ ଅର୍ଜୁନ ଓ ପାର୍ବତୀ ମଲ୍ଲିକା ରୂପରେ ପୂଜା ପାଉଛନ୍ତି । ମନେକରାଯାଏ ୨ୟ ଶତାବ୍ଦୀରେ ସାତବାହାନ ଓ ହୟଶାଳ ରାଜାମାନେ ଏହି ମନ୍ଦିର ତିଆରି କରିଥିଲେ । ପରେ ବିଜୟ ନଗରର ରାଜାମାନେ ଏହାକୁ ବିଶାଳ ଓ ସୁରମ୍ୟ କରିଥିଲେ । ଏହାର ଚାରିକଡରେ ୨୬ ଫୁଟ ଉଚ୍ଚର ୬୦୦ ମିଟର ଲମ୍ବର ପ୍ରାଚୀର ରହିଛି । ଚାରି ଦ୍ୱାରରେ ବିଶାଳ ଗୋପୁରମମାନ ରହିଛି । ମୁଖ୍ୟ ମନ୍ଦିରର ଶିଖର ସୁନା ଛାଉଣି । ନିଜାମ ଏହି ମନ୍ଦିରକୁ ନଷ୍ଟ କରିଥିବାରୁ, ମହାରାଣୀ ଅହଲ୍ୟା ଦେବୀ ଏହାର ସଂସ୍କାର କରି ସୁନା ଛାଉଣି ଦେଇଥିଲେ ।

ନାମରେ ଏକ ରାକ୍ଷାସ ବ୍ରହ୍ମାଙ୍କୁ ହଜାର ହଜାର ବର୍ଷ ତପସ୍ୟା କରି ଆହ୍ୱାନ କଲା । ତାର ଦେହ ଶୁଷ୍କ ହୋଇ କେବଳ ସ୍ନାୟୁ ପରିଦୃଷ୍ଟ ହେଲା । ତାର ଦେହରୁ ତପଃ ଅଗ୍ନି ବାହାରି ସଂସାରକୁ ଜାଳିବାକୁ ଲାଗିଲା । ଶେଷକୁ ବ୍ରହ୍ମା ଆସି ତା' ଆଗରେ ଉପସ୍ଥିତ ହେଲେ । ଅସୁର ମାଗିଲା ଯେ ସେ ଦିଇ ଗୋଡିଆ କି ଚାରି ଗୋଡିଆ ପ୍ରାଣୀଙ୍କ ଦ୍ୱାରା ମରିବ ନାହିଁ । ବର ପାଇଲା ପରେ ସେ ସ୍ୱର୍ଗ ଆକ୍ରମଣ କରିବାରୁ ଦେବତାମାନେ ଭୟରେ ସ୍ୱର୍ଗ ଛାଡି ପଳାଇଲେ । ସେମାନେ ବ୍ରହ୍ମାଙ୍କୁ ନିବେଦନ କରିବାରୁ ବ୍ରହ୍ମା ପାର୍ବତୀଙ୍କୁ ପ୍ରାର୍ଥନା କରିବାକୁ ଉପଦେଶ




କୁହାଯାଏ ଶିବ ନିଜର ପୁଅ ଗଣେଶ ପାଇଁ ସିଦ୍ଧି, ନିଧି ଓ ରିଧି ନାମକ କନ୍ୟାମାନଙ୍କୁ ବିବାହ ଦେଲେ । ଏଥିରେ ଅନ୍ୟ ପୁତ୍ର କାର୍ତ୍ତିକ କ୍ଷୁବ୍ଧ ହୋଇ ଗୃହ ପରିତ୍ୟାଗ କରି ଦକ୍ଷିଣକୁ ଚାଲି ଆସି କୁମାର ବ୍ରହ୍ମଚାରୀ ରୂପେ ଶ୍ରୀଶୈଳମରେ ରହିଲେ । ତାଙ୍କୁ ଖୋଜି ଶିବ ଓ ପାର୍ବତୀ ଏଠାରେ ପହଂଚିଗଲେ । ଏହି କ୍ଷେତ୍ରରେ ପାର୍ବତୀ ମଧ୍ୟ ଭ୍ରମରମା ନାମରେ ପୂଜା ପାଉଛନ୍ତି । କୁହାଯାଏ ମାଆଙ୍କ ପୁଷ୍ପଶୋଭିତ ଶରୀରକୁ ସବୁବେଳେ ଭ୍ରମରମାନେ ବେଢି ଥାଆନ୍ତି ।

କିମ୍ବଦନ୍ତୀ କହେ ଅତି ପ୍ରାଚୀନ କାଳରେ ଅରୁଣାସୁର ଦେଲେ । ମାଆ ଭ୍ରମରମା ଅବତାର ହେଲେ । ତାଙ୍କୁ କୋଟି କୋଟି ବିରୁଡି, ମହୁମାଛି, ଡାଆଁଶ, ଭ୍ରମର ବେଢି ରହିଲେ । ସେମାନେ ଅସୁରକୁ ଆକ୍ରମଣ କରି ତା' ଦେହକୁ ପଳପଳ କରି ଖାଇଗଲେ । ଏଠାରେ ସହସ୍ର ଶିବ ଲିଙ୍ଗ ରହିଛି । ସେଥିମଧ୍ୟରୁ ପ୍ରଭୁ ଶ୍ରୀରାମ ଓ ପାଣ୍ଡବ ମାନଙ୍କ ଦ୍ୱାରା ସ୍ଥାପିତ ଲିଙ୍ଗ ରହିଛି । ମନ୍ଦିରକୁ ଯିବା ପୂର୍ବରୁ ଭକ୍ତମାନେ ଶିଖରେଶ୍ୱର ମନ୍ଦିର ଦର୍ଶନ କରିଥାଆନ୍ତି । ଏହା ନିକଟରେ ଭାରତର ବୃହତ୍ତମ ବ୍ୟାଘ୍ର ଅଭୟାରଣ୍ୟ ମଲ୍ଲିକାର୍ଜୁନ ରହିଛି । ଏଠାକାର ଘନ ଜଙ୍ଗଲ ଓ ଅନେକ ପାହାଡ ବେଶ ସୁନ୍ଦର । ଯାତ୍ରୀମାନଙ୍କ ପାଇଁ ଅନେକ ଯାତ୍ରୀ ନିବାସ ରହିଛି। ନିକଟରେ ମାକାରାମ ରେଲଷ୍ଟେସନ ଓ କୁରନଲ ବିମାନ ଘାଟିରୁ ଯାତ୍ରୀମାନେ ତୀର୍ଥକୁ ଯାଇଥାଆନ୍ତି ।

**ଡାଃ ସୁରେନ୍ଦ୍ରନାଥ ଦାଶ**
*ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ: ୯୪୩୭୨୩୫୩୮*

# ହିନ୍ଦୁତ୍ୱ, ସର୍ବୋଚ୍ଚ ନ୍ୟାୟାଳୟ ଓ ସଲମାନ ଖୁର୍ସିଦ

*'ହିମାଳୟାତ୍ ସମାରଭ୍ୟ ଯାବତ୍ ଇନ୍ଦୁ ସରୋବରମ୍ । ତଂଦେବନିର୍ମିତଂ ଦେଶଂ ହିନ୍ଦୁସ୍ଥାନ ପ୍ରଚକ୍ଷତେ।।'* ଅର୍ଥାତ ହିମାଳୟଠାରୁ ଆରମ୍ଭ ହୋଇ ହିନ୍ଦ୍ ମହାସାଗର ପର୍ଯ୍ୟନ୍ତ ଦେବ ନିର୍ମିତ ଦେଶକୁ ହିନ୍ଦୁସ୍ଥାନ କୁହାଯାଏ । ଏହା ବରାହମିହିରଙ୍କ ଦ୍ୱାରା ରଚିତ ପ୍ରାଚୀନ ଗ୍ରନ୍ଥ ବୃହତ ସଂହିତାରେ ଉଲ୍ଲେଖ ଅଛି । ପୁଣି ସଂସ୍କୃତ ଗ୍ରନ୍ଥଗୁଡିକରେ ଉଲ୍ଲେଖ ଅଛି -'ହିନଂ ଚ ଦୃଷ୍ୟତ୍ୟେବ ହିନ୍ଦୁ ରିତ୍ୟୁରିତ୍ୟୁଚ୍ଛତେ ପ୍ରିୟେ ।' ଅର୍ଥାତ ଯେ ଅଜ୍ଞାନତା ଓ ହୀନତାକୁ ତ୍ୟାଗ କରିଥାଏ ସେ ହିନ୍ଦୁ । ଠିକ ସେହିପରି 'ପାରିଜାତ ହରଣ' କାବ୍ୟରେ ହିନ୍ଦୁ ଶବ୍ଦର ଉଲ୍ଲେଖ କରାଯାଇଛି-'ହିନସ୍ତି ତପସା ପାପାଂ ଦୈହିକାଂ ଦୃଷ୍ଟଂ । ହେତିଭିଃ ଶତ୍ରୁବର୍ଗଂ ଚ ସ ହିନ୍ଦୁ ର୍ବିଧିୟତେ ।' ଅର୍ଥାତ ଯେ ନିଜର ତପସ୍ୟା ବଳରେ ଶତ୍ରୁ, ଦୁଷ୍ଟ ଓ ପାପର ବିନାଶ କରିଥାଏ ସେ ହିନ୍ଦୁ । ମାଧବ ଦିଗବିଜୟ ଗ୍ରନ୍ଥରେ ଉଲ୍ଲେଖ ଅଛି – 'ଓଁକାରମନ୍ତ୍ରମୂଳାଢ୍ୟ ପୁନର୍ଜନ୍ମ ଦୃଢାଶୟ। ଗୋଭକ୍ତୋ ଭାରତଃ ଗରୁହିନ୍ଦୁହିଂସନ ଦୃଷକଃ।' ଅର୍ଥାତ ଯେ ଓଁକାରକୁ ଈଶ୍ୱରୀୟ ସଂଙ୍ଗୀତ, କର୍ମରେ ବିଶ୍ୱାସ, ଗୋପାଳନ କରେ ତଥା ତୃଟିକୁ ନାଶ କରେ ସେ ହିନ୍ଦୁ । ଏହିପରି ଆମର ବହୁ ପ୍ରାଚୀନ ଗ୍ରନ୍ଥରେ ହିନ୍ଦୁ ଶବ୍ଦ ଓ ତାର ଗୁଣ ସମ୍ବନ୍ଧରେ ଉଲ୍ଲେଖ ଅଛି ।



ସେହିପରି ହିନ୍ଦୁତ୍ୱ ସମ୍ବନ୍ଧରେ କୁହାଯାଇଛି ଏହି ସନାତନ ଧର୍ମକୁ ସ୍ୱୀକାର କରି ତଦନୁସାରେ ଆଚରଣ ଓ ଜୀବନ ନିର୍ବାହ କରିବା ଆବଶ୍ୟକ । ହିନ୍ଦୁ ଓ ହିନ୍ଦୁତ୍ୱ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ମହାତ୍ମାଗାନ୍ଧୀ କହୁଥିଲେ 'ସତ୍ୟର ଅନବରତ ଅନ୍ୱେଷଣର ନାମ ହିନ୍ଦୁତ୍ୱ । ସର୍ବପଲ୍ଲୀ ରାଧାକୃଷ୍ଣ କହିଛନ୍ତି ହିନ୍ଦୁତ୍ୱ ଏକ ପ୍ରୋସେସ୍ । ଏହା ନିରନ୍ତର ପ୍ରଚଳିତ ଏକ ପ୍ରକ୍ରିୟା । ଏହିପରି ଭାରତରେ ଅନେକ ମହାତ୍ମା ଜନ୍ମ ନେଇ ହିନ୍ଦୁତ୍ୱକୁ ଏକ ମହାନ ବିଚାର ଧାରା ରୂପେ ପ୍ରତିପାଦନ କରିଛନ୍ତି । ଭାରତୀୟ ପରମ୍ପରା ପ୍ରାଚୀନ କାଳରୁ ଉଦ୍‌ଘୋଷ କରିଛି-'ଏକଂ ସତ୍ ବିପ୍ରାଃ ବହୁଧା ବଦନ୍ତି ।' ୧୮୯୩ ମସିହାରେ ଆମେରିକାର ଚିକାଗୋ ଧର୍ମ ସଭାରେ ସ୍ୱାମୀ ବିବେକାନନ୍ଦ ଗର୍ବର ସହିତ ଘୋଷଣା କରିଥିଲେ 'ଭାରତର ଦର୍ଶନ ସହିଷ୍ଣୁତାଠାରୁ ଅଧିକ । ଭାରତୀୟମାନେ ସତ୍ୟରେ ଉପନୀତ ହେବା ପାଇଁ ସମସ୍ତ ମାର୍ଗକୁ ସ୍ୱୀକାର କରିଥାନ୍ତି । ଭାରତରେ ଯୁଗ ଯୁଗ ଧରି ପ୍ରଚଳିତ ଏହି ପ୍ରାଚୀନ ପରମ୍ପରା ହିନ୍ଦୁତ୍ୱ ଯୋଗୁ ସୃଷ୍ଟି ହୋଇଛି, ଯାହା ଆଧାତ୍ମିକତା ଉପରେ ଆଧାରିତ । ଏହା ଏକତ୍ମ ଏବଂ ସମଗ୍ର ।'

ଭାରତରେ ଅନେକ ମତ, ପନ୍ଥ ଓ ସମ୍ପ୍ରଦାୟ ଅଛି । ବହୁ ପ୍ରାଚୀନ କାଳରୁ ଏହି ମତ ପନ୍ଥ ସହିତ ବୁଝାମୁଣା କରି ଚାଲୁଥିବା ବିଚାରଧାରା ହିଁ ହିନ୍ଦୁତ୍ୱ । ଏହି ବୁଝାମଣା ଆମ ଏକତାର ଆଧାର । ଦେଶରେ ବିବିଧତା ରହିବା ଆବଶ୍ୟକ । ପ୍ରକୃତି ମଧ୍ୟ ବିବିଧତାକୁ ନେଇ ଗତି କରେ । ବିବିଧତା ହିଁ ପ୍ରକୃତିର ସାଜସଜ୍ଜା ଓ ଅଳଙ୍କାର । ତେଣୁ କେବଳ ବିଚାର, ସିଦ୍ଧାନ୍ତ ନୁହେଁ ଅନୁଭୂତିର ଆଧାରରେ ଚାଲୁଥିବା ଏକ ମାତ୍ର ଦେଶ ଭାରତ । ଏଣୁ ହିନ୍ଦୁତ୍ୱ ହେଉଛି ଏକମାତ୍ର ଆଧାର ଯାହା ସମସ୍ତଙ୍କୁ ଏକତ୍ର ନେଇ ଚାଲିଥାଏ।

ଏହାକୁ ଦେଶର ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟା ମଧ ମାନ୍ୟତା ପ୍ରଦାନ କରିଛନ୍ତି । ୧୯୯୫ ମସିହାରେ ଦେଶର ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ହିନ୍ଦୁତ୍ୱ ସମ୍ବନ୍ଧରେ ରାୟ ପ୍ରଦାନ କରି ଉଲ୍ଲେଖ କରିଛନ୍ତି ଯେ 'ହିନ୍ଦୁତ୍ୱ ଏକ ମନୁଷ୍ୟ ଜୀବନର ବିଚାରଧାରା । ଏହାକୁ ମତ ପନ୍ଥ ସମ୍ପ୍ରଦାୟର ସଂକୀର୍ଣ୍ଣତା ମଧ୍ୟରେ ସିମୀତ ରଖିବା ସମୀଚୀନ ନୁହେଁ ।' ୧୯୯୧ ମସିହାରେ ମହାରାଷ୍ଟ୍ରରେ ବିଜେପି- ଶିବସେନା ମିଳିତ ହୋଇ ନିର୍ବାଚନ ଇସ୍ତାହାରରେ ହିନ୍ଦୁତ୍ୱକୁ ବୈଚାରିକ ସିଦ୍ଧାନ୍ତ ରୂପେ ଉଲ୍ଲେଖ କରିଥିଲେ । ଏଣୁ କଂଗ୍ରେସ ଦଳ ଏହା ସମ୍ପ୍ରଦାୟିକତା ସୃଷ୍ଟି କରୁଛି ବୋଲି ଉଲ୍ଲେଖ କରି ମାନ୍ୟବର ସର୍ବୋଚ୍ଚ ନ୍ୟାୟଳୟର ଦ୍ୱାରସ୍ଥ ହୋଇଥିଲା । ସର୍ବୋଚ୍ଚ ନ୍ୟାୟଳୟ ବିଚାର କରି ୧୯୯୫ ମସିହାରେ ଏହି ଐତିହାସିକ ରାୟ ପ୍ରଦାନ କରିଛନ୍ତି।

ଏବେ ନିକଟରେ ସେହି କଂଗ୍ରେସ ଦଳର ବିଶିଷ୍ଟ ନେତା ଓ ବିଶିଷ୍ଟ ଓକିଲ ସଲମାନ ଖୁର୍ସିଦ ଏକ ପୁସ୍ତକ 'ସନରାଇଜ ଓଭର ଅଯୋଧ୍ୟା ନେଶନହୁଡ ଇନ୍ ଓଭର ଟାଇମ୍ସ'ରେ ହିନ୍ଦୁତ୍ୱକୁ ଆଇ.ଏସ.ଆଇଏସ୍ ଓ ନାଇଜେରିଆର ବୋକୋ ହାରେମ ସହିତ ତୁଳନା କରିଛନ୍ତି। ଆଇଏସଆଇଏସ୍ ଏକ କୁଖ୍ୟାତ ମୌଳବାଦୀ ଧାର୍ମିକ ସଂଗଠନ ରୂପେ ସମସ୍ତେ ଜାଣନ୍ତି। ନିଜର ଧର୍ମକୁ ପ୍ରତିଷ୍ଠା କରିବା ପାଇଁ ବିଶ୍ୱର କେତେକ ଦେଶରେ ବହୁ ହତ୍ୟା ଓ ଅରାଜକତା ସୃଷ୍ଟି କରିଛି। ବହୁ ମହିଳାମାନଙ୍କୁ ଯୌନ କ୍ରୀତଦାସୀ ରୂପେ ଶୋଷଣ କରୁଛି। ସେହିପରି ନାଇଜେରିଆର ବୋକୋହାରେମ ଏକ କୁଖ୍ୟାତ ମୌଳବାଦୀ ସଙ୍ଗଠନ । ନାଇଜେରିଆର ଇସ୍ଲାମ ଶାସନ ପ୍ରତିଷ୍ଠା କରିବା ପାଇଁ ସେଠାକାର ପ୍ରାୟ ଅଢେଇ ଲକ୍ଷ ନିରୀହ ଜନତାଙ୍କୁ ହତ୍ୟା କରିସାରିଛି। ଦୁର୍ଭାଗ୍ୟର ବିଷୟ ସଲମାନ ଖୁର୍ସିଦ ହିନ୍ଦୁତ୍ୱକୁ ନିଜ ପୁସ୍ତକରେ ଏହି ଦୁଇଟି କୁଖ୍ୟାତ ଆତଙ୍କବାଦୀ ସଂଗଠନ ସହିତ ସମତୁଲ୍ୟ କରିଛନ୍ତି ।

ସଲମାନ ଖୁର୍ସିଦ କେବଳ ଜଣେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ନୁହନ୍ତି, ସେ ମଧ୍ୟ ଜଣେ ପ୍ରତିଷ୍ଠିତ ଓକିଲ । ହିନ୍ଦୁତ୍ୱ ସମ୍ବନ୍ଧରେ ଦେଶର ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟର ରାୟ ସମ୍ବନ୍ଧରେ ସେ ସମ୍ପୂର୍ଣ୍ଣ ଅବଗତ । ସେ ୨୦୧୯ ମସିହାରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟର ୧୯୯୫ ମସିହାର ରାୟକୁ ପୁନର୍ବିଚାର କରିବା ପାଇଁ ଆବେଦନ କରିଥିଲେ । ମାନ୍ୟବର ସର୍ବୋଚ୍ଚ ନ୍ୟାୟଳୟ ଏହି ରାୟ ଉପରେ ହସ୍ତକ୍ଷେପ କରିବାକୁ ମନା କରିଦେଇଥିଲେ। ଏଥିରେ ବୀତସ୍ପୃହ ହୋଇ ସଲମାନ ଖୁର୍ସିଦ ହିନ୍ଦୁତ୍ୱକୁ ନିଜର ପୁସ୍ତକରେ ଆଇଏସଆଇଏସ ଓ ବୋକୋହାରାମ ସହିତ ତୁଳନା କରିଛନ୍ତି।

କେବଳ ସଲମାନ ଖୁର୍ସିଦ ନୁହନ୍ତି, ଏହା ପୂର୍ବରୁ ଉପା ସରକାରଙ୍କ ପୂର୍ବତନ ଗୃହମନ୍ତ୍ରୀ ତଥା ବିଶିଷ୍ଟ ଓକିଲ ଶ୍ରୀ ପି. ଚିଦାମ୍ବରମ୍ ମଧ ହିନ୍ଦୁତ୍ୱକୁ ତାଚ୍ଛଲ୍ୟ କରି 'ଭଗବା ଆତଙ୍କବାଦ'ର ନାମ ଦେଇଥିଲେ । କଂଗ୍ରେସର ବିଶିଷ୍ଟ ନେତା ଶ୍ରୀ ଦିଗ୍‌ବିଜୟ ସିଂହ ଏହି ଭଗବା ଆତଙ୍କବାଦର ଧ୍ୱଜବାହକ ଥିଲେ । ଏହିପରି କଂଗ୍ରେସର ନେତାମାନେ ହିନ୍ଦୁତ୍ୱ ଉପରେ ଆପତିଜନକ ଟିପ୍ପଣୀ ପ୍ରଦାନ କରିଛନ୍ତି। ଏ ଦେଶର ଦୁର୍ଭାଗ୍ୟ ଯେ ବହୁ ସଂଖ୍ୟକ ହିନ୍ଦୁମାନେ ଉଦାର ଓ ସହନଶୀଳ। ସେମାନେ ଅନ୍ୟାନ୍ୟ ମୌଳବାଦୀ ଧର୍ମାନ୍ଧ ସଂଗଠନ ପରି ଅସହିଷ୍ଣୁ ନୁହନ୍ତି। ଏଣୁ ଏହି ରାଜନେତାମାନେ ହିନ୍ଦୁ ଓ ହିନ୍ଦୁତ୍ୱକୁ ତାଚ୍ଛଲ୍ୟ ଓ କଟାକ୍ଷ କରୁଛନ୍ତି। ଅତୀତରେ ସାମ୍ବିଧାନିକ ପଦପଦବୀରେ ଥିବା ଏହି ରାଜନେତାମାନେ କେବଳ ସଂଖ୍ୟାଲଘୁ ଥୋକ ଭୋଟ ଲାଳସାରେ ବହୁସଂଖ୍ୟକ ହିନ୍ଦୁମାନଙ୍କ ଶ୍ରଦ୍ଧା ଓ ମାନବିନ୍ଦୁ ଉପରେ କୁଠାରାଘାତ କରୁଛନ୍ତି।

ସଲମାନ ଖୁର୍ସିଦଙ୍କ ପରି ରାଜନେତାମାନେ ଯୋଗୀ ଅରବିନ୍ଦ, ସ୍ୱାମୀ ବିବେକାନନ୍ଦ, ମହାତ୍ମା ଗାନ୍ଧୀଙ୍କ ହିନ୍ଦୁତ୍ୱ ଦର୍ଶନକୁ ସ୍ୱୀକାର କରି ନ ପାରନ୍ତି, କିନ୍ତୁ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଶ୍ରୀ ଜବାହରଲାଲ ନେହେରୁଙ୍କ ହିନ୍ଦୁତ୍ୱ ଉପରେ ବିଚାରକୁ ଅଣଦେଖା କରିପାରିବେ ନାହିଁ। ପଣ୍ଡିତ ନେହେରୁ ୧୯୩୫ ମସିହାରେ ରଚିତ ବିଖ୍ୟାତ ପୁସ୍ତକ 'ଗ୍ଲିମ୍ପେସ ଅଫ ଓ୍ୱାର୍ଲ୍ଡ ହିଷ୍ଟ୍ରି'ର ୭୨୦ ପୃଷ୍ଠାରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି ଯେ 'ହିନ୍ଦୁ ଜାତୀୟତାବାଦ ଓ ପ୍ରକୃତ ଜାତୀୟତାବାଦ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ଭାରତ ଏକମାତ୍ର ଦେଶ ଯେଉଁଠାରେ ବହୁସଂଖ୍ୟକ ହିନ୍ଦୁମାନଙ୍କ ବିଚାର ହିନ୍ଦୁତ୍ୱ କାହାର ବିରୁଦ୍ଧାଚରଣ କରୁନାହିଁ। ସ୍ୱାମୀ ବିବେକାନନ୍ଦଙ୍କ ହିନ୍ଦୁତ୍ୱ ବିଚାର ମୁସଲମାନ କିମ୍ବା ଅନ୍ୟ କୌଣସି ମତ-ପନ୍ଥ- ସମ୍ପ୍ରଦାୟକୁ ବିରୁଦ୍ଧାଚରଣ କରୁନାହିଁ'। ଏଣୁ ସଲମାନ ଖୁର୍ସିଦଙ୍କ ପରି ରାଜନେତାମାନେ ଯେତେଶୀଘ୍ର ଭାରତର ରାଷ୍ଟ୍ରୀୟତା ଓ ହିନ୍ଦୁତ୍ୱକୁ ହୃଦୟଙ୍ଗମ କରିବେ, ସେତେଶୀଘ୍ର ଦେଶରେ ଏକତା, ଅଖଣ୍ଡତା ଓ ସମାନତା ଦେଖାଦେବ।

**ସର୍ବେଶ୍ୱର ବେହେରା**, ଆଡଭୋକେଟ୍, ଖଟବିନ ସାହି, କଟକ, ମୋ: ୯୪୩୭୦୧୬୩୮୪

## ସତ୍ୟସାଇ ସେବା ସଂଗଠନ ଏବଂ ଭୁବନେଶ୍ୱର ଓକିଲ ସଂଘ ତରଫରୁ ପାନୀୟ ଜଳ ପ୍ରକଳ୍ପ ସ୍ଥାପନ

ଭୁବନେଶ୍ୱର (ପିଏନ୍) : ସତ୍ୟସାଇ ସେବା ସଂଗଠନ ଓଡ଼ିଶା ଏବଂ ଭୁବନେଶ୍ୱର ଓକିଲ ସଂଘ ମିଳିତ ଉଦ୍ୟମରେ କୋର୍ଟ ପରିସରରେ ଏକ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ସ୍ଥାପିତ ହୋଇଯାଇଛି। ଉକ୍ତ ପ୍ରକଳ୍ପକୁ ମାନ୍ୟବର ଜିଲ୍ଲା ଜଜ୍ (ଖୋର୍ଦ୍ଧା, ଭୁବନେଶ୍ୱର) ମହୋଦୟ ଶ୍ରୀଯୁକ୍ତ ରାମଶଙ୍କର ହୋତା ଉଦ୍‌ଘାଟନ କରିଥିଲେ। ଏଥିରେ ସତ୍ୟସାଇ ସେବା ସଂଗଠନର ରାଜ୍ୟ ସଭାପତି ନାରାୟଣ ପ୍ରସାଦ ସର, ସୁଶାନ୍ତ କୁମାର ପଟ୍ଟନାୟକ, ସି. ଜଗଦୀଶ, ଉମେଶ କୁମାର ବିଶ୍ୱାଳ, ସି. ମନିକୁମାରୀ, ଡେଜି ଶତପଥୀ, ସବିତା କୁମାରୀ ଏବଂ ବହୁ ସଦସ୍ୟ ଯୋଗଦାନ କରିଥିଲେ। ଉକ୍ତ ଉତ୍ସବରେ ଭୁବନେଶ୍ୱର ବାର୍ ଆସୋସିଏସନର ସଭାପତି ଶ୍ରୀ ନିର୍ମଳ କିଶୋର ରଥ, ସମ୍ପାଦକ ରାଜକିଶୋର ଦାସ, ଉପସଭାପତି ଦେବୀବଦତ୍ତ ବାରିକ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ବଡ଼ପଣ୍ଡା, କୋଷାଧକ୍ଷ ଲିଙ୍ଗରାଜ ମହାରଣା, ସହ ସମ୍ପାଦକ ଶବି ନାରାୟଣ ସାହୁ ଏବଂ ଆସୋସିଏସନର ସମସ୍ତ କର୍ମକର୍ତ୍ତାବୃନ୍ଦ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପ ଦ୍ୱାରା ପ୍ରତିଦିନ ୩୦୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ ଉପକୃତ ହୋଇପାରିବେ ବୋଲି ବାର ଆସୋସିଏସନର ସମ୍ପାଦକ ଶ୍ରୀ ରାଜକିଶୋର ଦାସ ସୂଚନା ଦେଇଛନ୍ତି।

# କଂଗ୍ରେସର ୧୩୭ତମ ପ୍ରତିଷ୍ଠା ଦିବସ ପାଳିତ

ରାଉରକେଲା (ପିଏନ୍): ଦେଶକୁ ସ୍ୱାଧୀନ କରି ଦେଶବାସୀଙ୍କୁ ଶୋଷଣ ଓ କଷଣରୁ ମୁକ୍ତି ଦେବା ପାଇଁ ୧୮୮୫ ମସିହା ଆଜିର ଦିନରେ ଭାରତୀୟ ଜାତୀୟ କଂଗ୍ରେସ ଜନ୍ମ ନେଇଥିଲା । ପରବର୍ତ୍ତୀ ସମୟରେ ସ୍ୱାଧୀନ ଭାରତରେ ଲୋକଙ୍କ ଆସ୍ଥା ଓ ବିଶ୍ୱାସକୁ ଏଡାଇନପାରି ଗଣତାନ୍ତ୍ରିକ ପ୍ରକ୍ରିୟା ଭିତରେ ଦେଶର ଶାସନ ଦାୟିତ୍ୱ ଗ୍ରହଣ କରିଥିଲା । ତେବେ ଦେଶର ସାମଗ୍ରୀକ ବିକାଶ ସାଙ୍ଗକୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଦେଶବାସୀଙ୍କୁ ସାମୁହିକ କଲ୍ୟାଣକୁ ପ୍ରାଥମିକ ଦେଇଆସିଥିବା କଂଗ୍ରେସ ଆଜି ପ୍ରାୟ ୮ ବର୍ଷ ଧରି ଶାସନ କ୍ଷମତା ଠାରୁ ବାହାରେ ରହି ମଧ ଦେଶବାସୀଙ୍କ କଲ୍ୟାଣ ପାଇଁ ନିରବଚ୍ଛିନ୍ନ ଉଦ୍ୟମ ଜାରି ରଖିଛି ବୋଲି କଂଗ୍ରେସର ୧୩୭ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ କୁହାଯାଇଛି ।

ଗତ ତା-୨୮.୧୨.୨୧ ରିଖରେ ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ କଂଗ୍ରେସ ଭବନ ଠାରେ କୋଭିଡ୍ ନିୟମ ପାଳନ ପୂର୍ବକ ଭାରତୀୟ ଜାତୀୟ କଂଗ୍ରେସର ୧୩୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା । ଶ୍ରୀ ତିର୍କୀ ଏହି ଅବସରରେ ଦଳୀୟ ପତାକାକୁ ଉତ୍ତୋଳନ କରିଥିବା କଂଗ୍ରେସ ସେବାଦଳ ତରଫରୁ ସାରଦା ପ୍ରସନ୍ନ ଦାସଙ୍କ ସଂଯୋଜନାରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା । ପରେ ଜିଲ୍ଲା କଂଗ୍ରେସ ସଭାଗୃହରେ କଂଗ୍ରେସର ସ୍ୱର୍ଣ୍ଣିମ ଇତିହାସ ଓ ସାମ୍ପ୍ରତିକ ପରିସ୍ଥିତିରେ କଂଗ୍ରେସ କର୍ମୀଙ୍କ ଦାୟିତ୍ୱ ସମ୍ପର୍କରେ ଏକ ଆଲୋଚନା ସଭା ଶ୍ରୀ ତିର୍କୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ପୂର୍ବତନ ସଭାପତି ବିରେନ ସେନାପତି, ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାଂ ସେଠୀ, ଉପସଭାପତି ଦେବବ୍ରତ ବିହାରୀ, ସଂୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ବରିଷ୍ଠ ନେତା ସବୀର ହୁସେନ, ଗଣେଶ ପ୍ରଧାନ, ରାମାନନ୍ଦ ଶ୍ରୀଚନ୍ଦନ, ବରିୟମ ସିଂହ, ଇନ୍ଦ୍ରମୋହନ ପଣ୍ଡା, କୋଷାଧକ୍ଷ ଚିତ୍ତରନ ମହାଁ, ସାଧାରଣ ସମ୍ପାଦକ ସରୋଜ ଲେଙ୍କା, ମହିଳା ସଭାନେତ୍ରୀ ନିରୂପମା ବଳିୟାର ସିଂହ, ଯୁବ ସଭାପତି ଜ୍ଞାନେନ୍ଦ୍ର ଦାସ, ସମ୍ବର୍ଦ୍ଧିତ କର୍ମୀ ଭାସ୍କାର ଖିଲ୍ଲୁ ଓ କ୍ରିଷ୍ଣା ରାଓ ପ୍ରମୁଖ ବକ୍ତବ୍ୟ ରଖି କଂଗ୍ରେସର ଦୀର୍ଘ ୧୩୭ ବର୍ଷର ଇତିହାସ ଓ ସ୍ୱାଧୀନତାର ପରବର୍ତ୍ତୀ କାଳରେ କଂଗ୍ରେସର କାର୍ଯ୍ୟକ୍ରମରେ ବ୍ୟାପକ ଆଲୋପାତ କରିଥିଲେ। କଂଗ୍ରେସ ଦଳ ଏକ ରାଜନୈତିକ ଦଳ ନୁହେଁ ଏହା ଏକ ବିଚାରଧାରା ବୋଲି ନେତୃବୃନ୍ଦ ପ୍ରକାଶ କରି ସତ୍ୟ, ଶାଂ, ଅହିଂସା, ଧର୍ମନିରପେକ୍ଷତା, ସମାନତା ଓ ସାମୁହିକ କଲ୍ୟାଣ ଉପରେ ପର୍ଯ୍ୟବେକ୍ଷିତ ଏହି ବିଚାରଧାରାର କେବେ ବିଲୟ ହେବ ନାହିଁ ବୋଲି ପ୍ରକାଶ କରିଥିଲେ । ଆଜି କ୍ଷମତା ଠାରୁ ଦୂରରେ ରହି କଂଗ୍ରେସର ଶୀର୍ଷ ନେତୃତ୍ୱ ଠାରୁ ଆରମ୍ଭ କରି ତୃଣମୂଳ ସ୍ତରର କଂଗ୍ରେସ କର୍ମୀ ପର୍ଯ୍ୟ' ଯେପରି ନିଜକୁ ସାଧାରଣ ଲୋକଙ୍କ ସେବାରେ ନିୟୋଜିତ କରିଛ' ତାହା ଅନ୍ୟାନ୍ୟ ରାଜନୈତିକ ଦଳରେ ଦେଖିବାକୁ ମିଳେନାହିଁ ବୋଲି ନେତୃବୃନ୍ଦ କହିଥିଲେ । ତେବେ ଦଳୀୟ ଶୃଙ୍ଖଳାକୁ କଡାକଡି ଭାବେ ପାଳନ କରି ନିଷ୍ଠାର ସହିତ ଲୋକଙ୍କ କଲ୍ୟାଣ କାର୍ଯ୍ୟରେ ଦଳୀୟ ସଙ୍ଗଠନକୁ ସର୍ବଦା ନିୟୋଜିତ ରଖିପାରିଲେ ଦେଶର ସ୍ୱାଧୀନତା ପାଇଁ ଯେଉଁ କଂଗ୍ରେସ ନେତୃବୃନ୍ଦ ବଳିଦାନ ଦେଇଛ', ସେମାନଙ୍କ ସ୍ୱପ୍ନକୁ ପୂରଣ କରାଯାଇପାରିବ ବୋଲି ନେତୃବୃନ୍ଦ ପ୍ରକାଶ କରିଥିଲେ । ଏହି ଅବସରରେ ଦୀର୍ଘବର୍ଷ ଧରି କଂଗ୍ରେସ ଦଳରେ ରହି ନିଷ୍ଠାର ସହିତ ନିଜକୁ ଲୋକ ସେବାରେ ନିୟୋଜିତ କରିଥିବା ଶ୍ରୀମତୀ ମୀନା ମିଶ୍ର, ସୁନୀଲ ପଟ୍ଟନାୟକ, ଏମ୍.ଏ.ଆର୍. କ୍ରିଷ୍ଣାରାଓ, ପ୍ରଫୁଲ୍ଲ କୁମାର ଜେନା, ବିଜୟ କୁମାର ବେହେରା, ନୃସିଂହ ଚରଣ ସାହୁ, ଲିଙ୍ଗରାଜ ମହାଁ, ଶ୍ରୀମତୀ ଚନ୍ଦ୍ରା ବାଗ, ଶ୍ରୀମତୀ ସାନ ସୁନା, ତ୍ରିଲୋଚନ ପାଣ୍ଡେ ଓ ଭାସ୍କର ଖିଲ୍ଲାରଙ୍କୁ ଏହି ଅବସରରେ ମାନପତ୍ର, ଶାଲ ଓ ପୁଷ୍ପଗୁଚ୍ଛ ଦେଇ ସଭାପତି ଶ୍ରୀ ତିର୍କୀ ସମ୍ମାନିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୁଖପାତ୍ର ଗିରିଜା ଶଙ୍କର ମିଶ୍ର, ଇଂ.ଆର୍.ପି. ସିଂହ, ସାଧାରଣ ସମ୍ପାଦକ ତୁଳସୀ ନାଗ ଓ ରାଜେଶ ଟପ୍ପୋ, ବ୍ଲକ୍ ସଭାପତି ଶୈଳେନ୍ଦ୍ର ତିଓ୍ୱାରୀ, ବିଜୟ ଆପଟ, ପ୍ରଦ୍ୟୁମ୍ନ ଷଡଙ୍ଗୀ, ରାଜେନ୍ଦ୍ର ରଜାକ, ଜାଫର ନୁମାନ, ପ୍ରତାପ ବେହେରା, ସୁନୀଲ ପଟ୍ଟନାୟକ ଓ ଧୁସା ନାୟକ, ସମ୍ପାଦକ ଅମ୍ରିତ କୌର, ସୁନୀଲ ସିଂହ, ରାଜେନ୍ଦ୍ର ଶର୍ମା, ରବୀନ୍ଦ୍ର ନାୟକ, ରବୀନ୍ଦ୍ର ଦାସ, କାର୍ଯ୍ୟନିର୍ବାହୀ ସଦସ୍ୟ ମହମ୍ମଦ ମୁର, କଳ୍ପତରୁ ପଣ୍ଡା, ଶତ୍ରୁଘ୍ନ କର, ଲିଗାଲ ସେଲ୍ ଅଧକ୍ଷ ବିସ୍ମୟ ଦାସ, ଏସ୍‌ସି ସେଲ୍ ଅଧକ୍ଷ ବିନୋଦ ତାଂ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ବିଶ୍ୱଜିତ ସାହୁ, ବରିଷ୍ଠ ନେତା ପ୍ରଭାକର ଭୋଳ, ସୁଦନ ତାଂ, କେ.ଏସ୍.ଏନ୍. ମୂର୍ତ୍ତି, ମନୋଜ ବର୍ମା, ବିପିନ ଠାକୁର, ଅନ ବେହେରା, ଡାନିଏଲ କିସାନ, ଯୁବନେତା ଉମେଶ ବେହେରା, ସୋନୁ ସାହୁ, ପପୁ ଖାନ, ଶ୍ୟାମ ସାଗର, ସୁବଳ ବାସୁରୀ, ବାବୁ ଖାନ, ରବୀନ୍ଦ୍ର ମଲ୍ଲିକ, ରୁକସାନା ବେଗମ, ଝୁନୁ ପଟ୍ଟନାୟକ, ସରିତା ଟପ୍ପୋ, ବିଜୟ ପଟ୍ଟନାୟକ, ରେହେମାନ ଖାନ, ବିକାଶ ସୁନା, ଅନୁପ ସାହୁ, ପ୍ରତାପ ସାହୁ, ବିଜୟ ସାହୁ, ସାକିର ରାଜା, ମୁକ୍ତାର ଅହମ୍ମଦ, ଏମ୍‌ଡି ଆଲମ, କୁଆଁରସିଂହ ପିୟୁ, ଲୋକନାଥ ଭୂମିଜ, ସୁଧୀର ଚୌହାନ ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ବୋଲି ମୁଖପାତ୍ର କୈଳାସ୍ ସାହୁ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛ' ।

## ପାରାଦୀପ ଡର ମାଲିକ ସଂଘର ନିର୍ବାଚନରେ ସଭାପତି ପଦ ବଜାୟ ରଖିଲେ ବିଜୟ ନାୟକ



ପାରାଦୀପ (ପିଏନ୍)-ପାରାଦୀପ ବନ୍ଦରରେ ଆନ୍ତଃବନ୍ଦର ପଣ୍ୟକାରବାରରେ ନିୟୋଜିତ ହୋଇଥିବା ଡର ସଂଘ ପାରାଦୀପ ଡର ମାଲିକ ସଂଘର ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହିତ ସମାପ୍ତ ହୋଇଯାଇଛି । ଏହି ନିର୍ବାଚନରେ ମୋଟ ୩୫୧ଜଣ ସଭ୍ୟ ମତଦାନ କରିଥିଲେ । ସଭାପତି ଭାବେ ବିଜୟ କୁମାର ନାୟକ (ସଦା) ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ଉଦୟ ନାୟକଙ୍କୁ ୧୨୭ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରି ପୁନର୍ବାର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ବିଜୟ ୨୩୮ ଖଣ୍ଡ ଭୋଟ୍ ପାଇଥିବା ବେଳେ ଉଦୟ ୧୧୧ଖଣ୍ଡ ଭୋଟ ପାଇଥିଲେ । ଉପସଭାପତି ଭାବେ ଦିଲ୍ଲୀପ କୁମାର ବେହେରା ୧୬୨ଖଣ୍ଡ ଭୋଟ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି । ସମ୍ପାଦକ ଭାବେ ସୁରଜ କୁମାର ବାରିକ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ମନୋରଞ୍ଜନ ମିଶ୍ରଙ୍କୁ ସର୍ବାଧିକ ଭୋଟ ବ୍ୟବଧାନ ୧୭୩ ଖଣ୍ଡ ଭୋଟ୍‌ରେ ପରାସ୍ତ କରିଛନ୍ତି । ସହ ସମ୍ପାଦକ ଭାବେ ପ୍ରମୋଦ କୁମାର ସାହୁ ୧୫୫ ଖଣ୍ଡ ଭୋଟ୍‌ରେ ପ୍ରତାପ ଚନ୍ଦ୍ର ସ୍ୱାଇଁଙ୍କୁ ପରାସ୍ତ କରି ବିଜୟ ଲାଭ କରିଛନ୍ତି । ସେହିପରି କୋଷାଧକ୍ଷ ପଦବୀ ପାଇଁ ହୋଇଥିବା ନିର୍ବାଚନରେ ଅଜୟ କୁମାର ସ୍ୱାଇଁ ପ୍ରଦୀପ ସ୍ୱାଇଁଙ୍କୁ ୧୬୧ ଖଣ୍ଡ ଭୋଟରେ ପରାସ୍ତ କରିଥିବା ନିର୍ବାଚନ ପରିଚାଳନା କରୁଥିବା ନିର୍ବାଚନ ଅଧିକାରୀମାନେ ସୂଚନା ଦେଇଛନ୍ତି । ଏହି ନିର୍ବାଚନରେ ବିଜୟ ଲାଭ କରିଥିବା ସମସ୍ତ ବିଜେତା ସଭାପତି ବିଜୟ କୁମାର ନାୟକଙ୍କ ପ୍ୟାନେଲ୍‌ର । କ୍ରମାଗତ ଭାବେ ଏଥରବି ନିର୍ବାଚନ ଜିତି ସଭାପତି ପଦ ହାସଲ କରିବା ପରେ ପାରାଦୀପ ଡର ମାଲିକ ସଂଘର ସଭ୍ୟମାନେ ନୂତନ କର୍ମକର୍ତ୍ତାମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

## ବାଙ୍କୀ ବିଧାୟକଙ୍କ ଦ୍ୱାରା ବାଙ୍କୀ ବ୍ଲକର ୮୦୦ ହିତାଧିକାରୀଙ୍କୁ ବିଜୁସ୍ୱାସ୍ଥ୍ୟକାର୍ଡ ପ୍ରଦାନ




ବାଙ୍କୀ (ପିଏନ୍)-ସାରା ରାଜ୍ୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ କଲ୍ୟାଣ ଯୋଜନା ମାଧ୍ୟମରେ ବିଜୁ ସ୍ୱାସ୍ଥ୍ୟକାର୍ଡ ବଣ୍ଟନର ଶୁଭ ଆରମ୍ଭ କରିଥିବା ବେଳେ ଏହି ପରିପ୍ରେକ୍ଷୀରେ ବାଙ୍କୀ ବ୍ଲକ ଓ ଡମପଡ଼ା ବ୍ଲକରେ ଦୁଇଦିନ ଧରି ପର୍ଯ୍ୟାୟକ୍ରମେ ବହୁହିତାଧିକାରୀଙ୍କୁ ବିଜୁ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରାଯାଇଥିବା ବେଳେ ପରେ ବାଙ୍କୀ ବ୍ଲକର ଦଶଗୋଟି ପଞ୍ଚାୟତରେ ବ୍ରହ୍ମପୁରା, ଅନୁଆରୀ, ଓସ୍ତିଆ, କନ୍ତପହଁରା, ସୁବର୍ଣ୍ଣପୁର, ରତାଗଡ଼, କଦଳୀବାଡି, ବରପୁଟ, ଗୋଲାଗଣ୍ଡ, କିଆପଲା ପଞ୍ଚାୟତରେ ୮୦୦ଜଣଙ୍କୁ ବିଧାୟକ ଶ୍ରୀ ତ୍ରିପାଠୀ ବିଜୁ ସ୍ୱାସ୍ଥ୍ୟକାର୍ଡ ପର୍ଯ୍ୟାୟକ୍ରମେ ବଂଟନ କରିଛନ୍ତି । ସର୍ବପ୍ରଥମେ ବ୍ରହ୍ମପୁରାଠାରେ ବିଧାୟକ ଶ୍ରୀ ତ୍ରିପାଠୀ ଯୋଗଦେଇ ବିଜୁ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରିଥିବା ବେଳେ ପରେ ବରପୁଟ ପଞ୍ଚାୟତର ମହାବେରଣୀ ବିଦ୍ୟାପୀଠ ଠାରେ ବିଦାୟକ ଶ୍ରୀ ତ୍ରିପାଠୀ ,ବାଙ୍କୀ ବି.ଡି.ଓ ପ୍ରଦୀପ୍ତ କୁମାର ଶତପଥୀ, ଜି.ପି.ଓ କୁମର ପ୍ରଧାନ, ସମାଜସେବୀ ଜୟକୃଷ୍ଣ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ମାନସ କୁମାର ମହାପାତ୍ର, ବିଜୟ ପ୍ରତିହାରି, ସରପଞ୍ଚ ପ୍ରତିନିଧି ଧନେଶ୍ୱର ବଳିୟାର ସିଂହ, ଅନୁଆରୀ ସରପଞ୍ଚ ସଂଜୟ ପାତ୍ର, ସଦାଶିବ ଦାସ ପ୍ରମୁଖ ଯୋଗଦେଇଥିବା ବେଳେ ସୁବର୍ଣ୍ଣପୁର ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟାଳୟ ଠାରେ ସରପଞ୍ଚ ତରୁଣକାନ୍ତ ମହାପାତ୍ର, ବିଜୟ ରାଉତ, ଆର୍ତ୍ତବନ୍ଧୁ ବେହେରା ପ୍ରମୁଖ ଯୋଗଦେଇ ସୁବର୍ଣ୍ଣପୁର, ଓସ୍ତିଆ ଓ ରତାଗଡର ହିତାଧିକାରୀଙ୍କୁ ବିଧାୟକ ଶ୍ରୀ ତ୍ରିପାଠୀ ବିଜୁ ସ୍ୱାସ୍ଥ୍ୟକାର୍ଡର ଉପକାରୀତା ସଂପର୍କରେ ବୁଝେଇବା ସହ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରିଥିଲେ।

## ମିଶନ ଶକ୍ତି ଗୃହ ଉଦ୍‌ଘାଟିତ

ବାଙ୍କୀ (ପିଏନ୍)-ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ପଞ୍ଚାୟତରେ ସାମନ୍ତରାପୁର ଗ୍ରାମରେ ନୂତନ ମିଶନ ଶକ୍ତି ଗୃହକୁ ମୁଖ୍ୟଅତିଥି ଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଙ୍କୀ ବି.ଡି.ଓ ପ୍ରଦୀପ୍ତ କୁମାର ଶତପଥୀ, ଜିଲ୍ଲା ପରିଷଦ ସଦସ୍ୟ ମାନସ ମହାପାତ୍ର, ଜି.ପି.ଓ କୁମର ପ୍ରଧାନ, ସ୍ଥାନୀୟ ସରପଞ୍ଚ ତରୁଣକାନ୍ତ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠଠାରେ ଶକ୍ତି ସଂରକ୍ଷଣ ଓ ସ୍ୱଚ୍ଛତା ପକ୍ଷ



ବାଙ୍କୀ (ପିଏନ୍)-ବାଙ୍କୀ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ଠାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବାଶିଷ ହାଜରାଙ୍କ ସଂଚାଳନରେ ବିଦ୍ୟାଳୟର ଛାତ୍ର ଓ ଶିକ୍ଷକଶିକ୍ଷୟିତ୍ରୀମାନେ ଶକ୍ତି ସଂରକ୍ଷଣ ଦିବସ ଓ ସ୍ୱଚ୍ଛତା ପକ୍ଷ ପାଇଁ ବିଦ୍ୟାଳୟ ପରିସରକୁ ପରିଷ୍କାର ପରିଚ୍ଛନତା କରିବା ସହ ବିଦ୍ୟାଳୟ ସ୍ତରରେ ବକ୍ତୃତା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାମାନ କରାଯାଇ ଛାତ୍ରମାନଙ୍କୁ ବିଦ୍ୟାଳୟ ପକ୍ଷରୁ ପୁରସ୍କୃତ କରାଯାଇଥିଲା । ଚିତ୍ରାଙ୍କନରେ ବରିଷ୍ଠ ବିଭାଗ ପକ୍ଷରୁ ପ୍ରଥମ ସ୍ଥାନ ଅଧିକାର କରିଥିଲେ ଆଶିଷ ତ୍ରିପାଠୀ, ଦ୍ୱିତୀୟ ଭରତ ଦିଗି, ତୃତୀୟ ମାନସଂ ମୁଣ୍ଡା, କନିଷ୍ଠ ବିଭାଗରେ ସୌମ୍ୟରଞ୍ଜନ ବେହେରା ପ୍ରଥମ, ବିଶ୍ୱାସ ବଳବନ୍ତ ରାୟ ଦ୍ୱିତୀୟ, ତୃତୀୟ ସ୍ଥାନରେ ଓମ୍ ପ୍ରକାଶ ପରିଡା। ସେହିଭଳି ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ଜ୍ଞାନରଞ୍ଜନ ରାଉତ, ଦ୍ୱିତୀୟ ଅରୁପା ପ୍ରଧାନ, ତୃତୀୟ ସୋମନାଥ ସାହୁଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ କାହ୍ନୁ ଚରଣ ସାହୁ, ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ବିଦ୍ୟାଧର ଖଟୁଆ, ଅଜୟ ଦୀକ୍ଷିତ ପ୍ରମୁଖ ସହଯୋଗ କରିଥିଲେ।

## ଚାଷୀଙ୍କ କ୍ଷତି ଭରଣା ପାଇଁ ଜିଲ୍ଲା କଂଗ୍ରେସ ପଛୁଆ ବର୍ଗର ଜିଲ୍ଲାପାଳଙ୍କୁ ଦାବିପତ୍ର



କେନ୍ଦ୍ରାପଡ଼ା (ପିଏନ୍): ଲଘୁଚାପ ଜନିତ ଲଗାଣ ବର୍ଷାରେ କେନ୍ଦ୍ରାପଡା ଜିଲ୍ଲାର ଚାଷୀମାନଙ୍କ ଫସଲ କ୍ଷୟକ୍ଷତିର ଭରଣା କରିବା ପାଇଁ ଜିଲ୍ଲା କଂଗ୍ରେସ ପଛୁଆ ବର୍ଗ ବିଭାଗ ପକ୍ଷରୁ ଓଡିଶା ପ୍ରଦେଶ କଂଗ୍ରେସ ପଛୁଆ ବର୍ଗ ବିଭାଗ ଉପାଧ୍ୟକ୍ଷ ଫକୀର ଚରଣ ଖଟୁଆଙ୍କ ନେତୃତ୍ୱରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରାଯାଇଛି । ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଅମଳ ହେବା ଅବସ୍ଥାରେ ଥିବା ଜିଲ୍ଲାର ସମସ୍ତ ଚାଷ ଜମିର ଧାନ ଫସଲ ସମେତ ବିରି ଓ ପନିପରିବା ପ୍ରଭୃତି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଧାନ ବୁଣିବା ଓ ରୋଇବା ସମୟରେ ଉପଯୁକ୍ତ ମାନର ଓ ଯଥେଷ୍ଟ ପରିମାଣର ଧାନ ବିହନ ଯୋଗାଇ ଦେବାରେ ଅବହେଳା ଓ ବେଉଷଣ ବେଳେ ଆବଶ୍ୟକ ପରିମାଣର ସାର ଯୋଗାଣରେ ସରକାର ଅବହେଳା ପ୍ରଦର୍ଶନ କରିବାରୁ ଚାଷୀମାନେ ବ୍ୟାଙ୍କ ଋଣ ଏବଂ ଧାର କରଜ କରି ଚଢା ଦରରେ ବିହନ ଓ ସାର କିଣି ଫସଲ ଲଗାଇଥିଲେ। ଅମଳ ପରେ ଚାଷୀମାନେ ସେହି ସବୁ ଋଣ ସୁଝିବାକୁ ଆଶା ବାନ୍ଧି ବସିଥିଲେ । ଶେଷରେ ବହୁ ପ୍ରତିକ୍ଷିତ ସୁନାର ଫସଲ ଅମଳ କରିବାକୁ ଯାଉଥିବା ବେଳେ ପ୍ରକୃତି ଦାଉ ସାଧିଲା । ଲଘୁଚାପ ଜନିତ ବର୍ଷାରେ ଓ ଜଳ ନିଷ୍କାସନରେ ସରକାରଙ୍କ ବିଫଳତା ଯୋଗୁଁ ସମଗ୍ର ଜିଲ୍ଲାର ଫସଲ ସମ୍ପୂର୍ଣ୍ଣ ପାଣିରେ ବୁଡି ରହି ଗଜା ହେବା ସହିତ ପଚିଗଲା । ଲୁହ, ଲହୁ ଢାଳି ଓ ଧାର କରଜ କରି ଲଗାଇଥିବା ଫସଲ ଉଜୁଡି ଯିବା ଦେଖି ଚାଷୀମାନେ ମୁଣ୍ଡରେ ହାତ ଦେଇ ଲୁହ ଗଡାଉଛନ୍ତି । ଅତିତର ଅଭିଜ୍ଞତା ଅନୁଯାଇ କ୍ଷତି ପୂରଣ ଦେବା ପାଇଁ ସରକାରୀ ଘୋଷଣା ପ୍ରହସନରେ ପରିଣତ ହୋଇଥାଏ । ଅମଳ କରିବାକୁ ଥିବା ଫସଲ ବିକିବା ଦୂରର କଥା ନିଜ ପରିବାର ମୁହଁରେ ଦାନା ଦେବା ପାଇଁ ଧାନ ଗଣ୍ଡାକ ମଧ ମିଳିବାର ସମ୍ଭାବନା ନାହିଁ । ଏହି ପରିପ୍ରେକ୍ଷିରେ ଜିଲ୍ଲା କଂଗ୍ରେସ ପଛୁଆ ବର୍ଗ ପକ୍ଷରୁ ଜିଲ୍ଲାର ସମସ୍ତ କେନାଲରେ ଡାଲୁଅ ଧାନ ଚାଷ ପାଇଁ ଜଳ ଯୋଗାଣ, ସମସ୍ତ ଉଠା ଜଳସେଚନ ପଏଣ୍ଟକୁ କାର୍ଯ୍ୟକ୍ଷମ କରାଯିବା ସହିତ ସମସ୍ତ ଚାଷୀଙ୍କୁ ମାଗଣାରେ ବିହନ, ସାର ଓ ବିଷୋଧନ ଔଷଧ ଯୋଗାଇ ଦିଆଯିବା ସହ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ତୁରନ୍ତ କ୍ଷତି ପୁରଣ ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା କଂଗ୍ରେସ ପଛୁଆ ବର୍ଗ ବିଭାଗ ଅଧ୍ୟକ୍ଷ ବିଧୁଭୂଷଣ ମହାପାତ୍ର, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ମୀର ମୁର୍ଶିଦ, ନିରଞ୍ଜନ ପରିଡା, ସମ୍ବିତ ଶ୍ରୀଚନ୍ଦନ, ଉମେଶ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଦାବି ପତ୍ରର ନକଲ ମୁଖ୍ୟମନ୍ତ୍ରୀ, ଜଳସେଚନ, କୃଷି ଓ ସମବାୟ ମନ୍ତ୍ରୀ, ଜିଲ୍ଲା କୃଷି ଅଧିକାରୀ ପ୍ରମୁଖଙ୍କୁ ପ୍ରଦାନ କରାଯାଇଥିବା ସୂଚନା ମିଳିଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୨, ଫେବୃଆରୀ ୨୪

# ବିଜ୍ଞାନ ଆମକୁ ଧ୍ୱଂସ ଆଡକୁ ଟାଣି ନେଉନାହିଁ କି ?



ଆଜି ବିଜ୍ଞାନ ମନୁଷ୍ୟ ଜୀବନକୁ ସଂପୂର୍ଣ୍ଣ କବଳିତ କରିଦେଇଛି । ବିଜ୍ଞାନ ବ୍ୟତିରେକେ ଆମର ସତା ଅକଳ୍ପନୀୟ । ପୃଥିବୀର ଆଦିମାନବ ଦିନେ ଗଛଡାଳ,ପାହାଡ ଗୁମ୍ଫାରେ ରହୁଥିଲା, ଉଲଗ୍ନ ରହୁଥିଲା ଏବଂ ବଣର ଫଳମୁଳ ତଥା କଂଚା ପଶୁମାଂସ ଭକ୍ଷଣ କରୁଥିଲା, ଯାହାକି ଆଧୁନିକ ମାନବ ସମାଜ ପକ୍ଷରେ ଅଚିନ୍ତନୀୟ । ଯଦି ଆମ ସଭ୍ୟତା ବର୍ତମାନ ଦୁଇଶହ ବର୍ଷ ପଛକୁ ଫେରିଯାଏ, ତେବେ ହୁଏତ ଆମ ଭିତରୁ ଅଧିକାଂଶ ବ୍ୟକ୍ତି ସ୍ୱତଃ ମୃତ୍ୟୁମୁଖରେ ପତିତ ହେବେ । କାରଣ ବିଜ୍ଞାନ ଆମକୁ ଏତେ ଉପରକୁ ନେଇଯାଇଛି, ଆମେ ଆଉ ପଛକୁ ଫେରି ଚାହିଁବା ମଧ୍ୟ ଅସମ୍ଭବ । ପୁରାତନ ପ୍ରସ୍ତର ଯୁଗରୁ ଆରମ୍ଭ କରି କମ୍ପ୍ୟୁଟର ଯୁଗ ପର୍ଯ୍ୟନ୍ତ ପ୍ରଗତିର ତାଲିକା ବହୁତ ଲମ୍ବା, ଯାହାକି ଅବର୍ଣନୀୟ । କିନ୍ତୁ ବିଜ୍ଞାନର ପ୍ରତ୍ୟେକ କ୍ଷେତ୍ରର ପ୍ରଗତି ସହିତ, ଧ୍ୱଂସ ଅଙ୍ଗାଙ୍ଗୀ ଭାବରେ ଜଡିତ । ସର୍ବପ୍ରଥମେ ଆମେ ଚିକିତ୍ସା ବିଜ୍ଞାନ କଥା ଆଲୋଚନାକୁ ନେବା । ଭେଷଜ ଚିକିତ୍ସା, ଶଲ୍ୟଚିକିତ୍ସାର ବୈଜ୍ଞାନିକ ଉନ୍ନତି ଏବଂ ଭୟଙ୍କର ମହାମାରୀର ପ୍ରତିଷେଧକ ଆବିଷ୍କୃତ ହେବା ଦ୍ୱାରା, ପୃଥିବୀରୁ ମୃତ୍ୟୁହାର ଅନେକାଂଶରେ କମିଯାଇଛି ସତ, କିନ୍ତୁ ଏହାହିଁ ପୃଥିବୀକୁ ଧ୍ୱଂସମୁଖକୁ ଟାଣି ନେବାର ପ୍ରଥମ ଓ ପ୍ରଧାନ କାରଣ । ଚିକିତ୍ସା ବିଜ୍ଞାନର ଉନ୍ନତି ହେବା ପୂର୍ବରୁ, ଜନ୍ମହାର ଓ ମୃତ୍ୟୁହାର ମଧ୍ୟରେ ସମତା ଥିଲା । ଚିକିତ୍ସା ବିଜ୍ଞାନର ଉନ୍ନତି ପରେ, ମୃତ୍ୟୁହାର ତୁଳନାରେ ଜନ୍ମହାରକୁ ନିୟନ୍ତ୍ରଣ କରାଯାଇପାରିଲା ନାହିଁ, ଯାହାଫଳରେ ପୃଥିବୀରେ ଜନସଂଖ୍ୟା ବିସ୍ଫୋରଣ ହେଲା । ପୃଥିବୀରେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ହିଁ ବେକାରୀ, ନୈତିକ ଅଧୋପତନ, ପରିବେଶ ପ୍ରଦୂଷଣ ଇତ୍ୟାଦି ସମସ୍ତ ସମସ୍ୟାର ମୂଳ ବା ଆଶୁ କାରଣ । ତା'ପରେ ଦେଖିବା ପରିବହନ ଯୋଗାଯୋଗ ବ୍ୟବସ୍ଥା । ବିଜ୍ଞାନ ଆମକୁ, ପରିବହନ କ୍ଷେତ୍ରରେ ସାଇକେଲ ଯାନଠାରୁ ଆରମ୍ଭ କରି ଉଡାଜାହାଜ, ରକେଟ ପର୍ଯ୍ୟନ୍ତ ଏବଂ ଯୋଗାଯୋଗ କ୍ଷେତ୍ରରେ, ପାରା, ଘୋଡା ସବାରରେ ଡାକ ପ୍ରେରଣଠାରୁ ଆରମ୍ଭ କରି ମୋବାଇଲ ପାଖରେ ନେଇ ଛାଡି ଦେଇଛି । ସମଗ୍ର ପୃଥିବୀଟି ଗୋଟିଏ ଛୋଟ ଗାଁରେ ପରିଣତ ହୋଇଯାଇଛି । କିନ୍ତୁ ଅପରପକ୍ଷରେ, ଏହି ଯାନବାହନ ନିର୍ମାଣ କରିବା ପାଇଁ, ଯେଉଁ ଶିଳ୍ପ ପ୍ରତିଷ୍ଠା ହେଉଛି, ତାହାହିଁ ପରିବେଶ ଧ୍ୱଂସ ଏବଂ ପରୋକ୍ଷ ଭାବରେ ମାନବ ସମାଜର ପ୍ରଭୂତ କ୍ଷତି ସାଧନ ନିମନ୍ତେ ଉଦ୍ଦିଷ୍ଟ । କଳକାରଖାନାରୁ ନିର୍ଗତ ଧୂମ୍ର ତଥା ବିଷାକ୍ତ ଜଳ, ବାୟୁ ଏବଂ ନଦୀଜଳକୁ ପ୍ରଦୂଷିତ କରିବାର ମୁଖ୍ୟ ମାଧ୍ୟମ । ଏହି ବିଷାକ୍ତ ଜଳ, ବାୟୁ ବ୍ୟବହାର ଦ୍ୱାରା ମନୁଷ୍ୟ ବିଭିନ୍ନ ରୋଗାକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି । ରାସ୍ତାଘାଟ ଏବଂ କଳକାରଖାନା ନିର୍ମାଣ ନିମନ୍ତେ ଅନେକ ବୃକ୍ଷ ଛେଦନ କରିବାକୁ ପଡୁଛି, ଯାହାଫଳରେ ପରିବେଶର ସନ୍ତୁଳନତା ରକ୍ଷା କରାଯାଇପାରୁନାହିଁ । ମନୋରଞ୍ଜନ ନିମନ୍ତେ, ବିଜ୍ଞାନ ଆମକୁ ରେଡିଓଠାରୁ ଟିଭି, ସିନେମା ଓ ମୋବାଇଲ ପାଖରେ ପହଂଚାଇ ପାରିଛି । ମନୋରଞ୍ଜନ ବ୍ୟତୀତ ଏହା ଜ୍ଞାନ ଆହରଣର ମଧ୍ୟ ଏକ ଉତ୍କୃଷ୍ଟ ମାଧ୍ୟମ ରୁପେ ବ୍ୟବହୃତ ହେଉଛି । କିନ୍ତୁ ଏଥିରେ ପ୍ରଦର୍ଶିତ ନକାରାତ୍ମକ ଦିଗ ପ୍ରତି ଯୁବ ସମାଜ ଆକର୍ଷିତ ହେବା ଦ୍ୱାରା ସମାଜରେ ହିଂସା, କ୍ରୁରତା ଏବଂ ଅଶ୍ଳୀଳତା ବହୁ ମାତ୍ରାରେ ବୃଦ୍ଧି ପାଇ ଧନଜୀବନ ପ୍ରତି ବିପଦ ସୃଷ୍ଟି କରୁଛି । ମୋବାଇଲର ଉଦ୍ଭାବନ, ଟେଲିଫୋନ ସାଙ୍ଗକୁ ଟର୍ଚ୍ଚ, ରେଡିଓ, ଟିଭି, କ୍ୟାମେରା ପ୍ରଭୃତି ଶିଳ୍ପକୁ ପଛରେ ପକାଇ, ସମସ୍ତ ସୁବିଧା ଗୋଟିଏ ଯନ୍ତ୍ରରେ ଉପଲବ୍ଧ କରାଇ ସ୍ୱଚ୍ଛନ୍ଦତା ଆଣି ଦେଇଛି ସତ୍ୟ, କିନ୍ତୁ ପିଲାଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କୁ କର୍ମବିମୁଖ କରାଇ ଦେଇଛି । ବର୍ତମାନ ଏହାର ବ୍ୟବହାର, ସମାଜରେ ପ୍ରତ୍ୟେକ ବର୍ଗର ବ୍ୟକ୍ତିଙ୍କୁ, କୌଣସି ମାଦକଦ୍ରବ୍ୟଠାରୁ କମ୍ ନିଶାସକ୍ତ କରି ରଖିନାହିଁ । କର୍ମ ଓ କର୍ତବ୍ୟକୁ ଜଳାଞ୍ଜଳୀ ଦେଇ, ଲୋକମାନେ ନିଜର ଅଧିକାଂଶ ମୂଲ୍ୟବାନ ସମୟ, ମୋବାଇଲ ସେବାରେ ଅପଚୟ କରୁଛନ୍ତି । ଆଉ ତା'ଛଡା ମୋବାଇଲ ମାଧ୍ୟମରେ, ବିଭିନ୍ନ ପ୍ରକାର କ୍ରାଇମ ଓ ସାଇବର ଠକେଇ ବହୁମାତ୍ରାରେ ବୃଦ୍ଧିପାଇଛି । ସବୁଠାରୁ ଭୟଙ୍କର ବିପଦ ସୃଷ୍ଟି ହୋଇଛି, ଅସ୍ତ୍ରଶସ୍ତ୍ର କ୍ଷେତ୍ରରେ ବୈଜ୍ଞାନିକ ଆବିଷ୍କାର । ଆଦିମାନବ ପଶୁ ଶିକାର ନିମନ୍ତେ ପଥର ଖଣ୍ଡକୁ ଅସ୍ତ୍ର ରୂପେ ବ୍ୟବହାର କରୁଥିଲା, ତା'ପରେ ନୂତନ ପ୍ରସ୍ତର ଯୁଗରେ ପଥରକୁ ଧାରୁଆ କରି ବ୍ୟବହାର କଲା । ତା'ପରେ ଧନୁତୀର, ବନ୍ଧୁକ, ତୋପଠାରୁ ଆରମ୍ଭ କରି କ୍ଷେପଣାସ୍ତ୍ର ଓ ପରମାଣୁ ବୋମା ପାଖରେ ପହଂଚିଯାଇଛି । ପୂର୍ବକାଳରେ ହାତୀ ଘୋଡା ସାହାଯ୍ୟରେ ଖଣ୍ଡା ଏବଂ ବର୍ଛା ଦ୍ୱାରା ଜଣେ ଜଣଙ୍କ ସହିତ ଯୁଦ୍ଧ କରୁଥିଲେ । କିନ୍ତୁ ଆଜି ମଣିଷର ଟିପ ଅଗରେ ରିମୋଟ ମାଧ୍ୟମରେ ସମଗ୍ର ପୃଥିବୀକୁ ଧ୍ୱଂସ କରିଦେବା ଭଳି ଶକ୍ତିଶାଳୀ ପରମାଣୁ ବୋମା ଓ କ୍ଷେପଣାସ୍ତ୍ର ଶହଶହ ସଂଖ୍ୟାରେ ଗଚ୍ଛିତ ଅଛି । କେଉଁ ମୁହୂର୍ତରେ ସାମାନ୍ୟତମ ଭୁଲ ବୁଝାମଣା, ଆଖିପିଛୁଳାକେ ସମଗ୍ର ପୃଥିବୀକୁ ଏକ ଧ୍ୱଂସସ୍ତୂପରେ ଯେ ପରିଣତ କରି ନ ଦେବ, ତାହା କହିହେବନାହିଁ । ବାରୁଦର ସ୍ତୁପ ଉପରେ ସମଗ୍ର ପୃଥିବୀ ଆଜି ଦଣ୍ଡାୟମାନ । ବିଜ୍ଞାନର ଅଗ୍ରଗତି ହିଁ ଧ୍ୱଂସର ସାଥୀ ।

ମୋଟାମୋଟି ଭାବରେ ବିଜ୍ଞାନର ଅଗ୍ରଗତି ଫଳରେ, ମନୁଷ୍ୟର ଅର୍ଥନୈତିକ ଅବସ୍ଥା, ଶିକ୍ଷା, ପାର୍ଥିବ ଆବଶ୍ୟକତା ବହୁଗୁଣରେ ବୃଦ୍ଧି ହୋଇଛି ଏବଂ ତତ୍ ସଙ୍ଗେ ସଙ୍ଗେ ମାନବୀୟ ଗୁଣର ଅବକ୍ଷୟ ଘଟି, କର୍ମବିମୁଖତା, ସ୍ୱାର୍ଥପରତା, ପରସ୍ପର ପ୍ରତି ବିଦ୍ୱେଷତା ଏବଂ ନୈତିକତାର ହ୍ରାସ ଘଟିଅଛି । ବିଜ୍ଞାନର ପ୍ରତ୍ୟେକ ଉଦ୍ଭାବନ ଓ ଆବିଷ୍କାର, ଆମକୁ ଉନ୍ନତି ପଥରେ ଅଗ୍ରସର କରାଉଥିଲେ ମଧ୍ୟ, ପ୍ରତ୍ୟେକ କ୍ଷେତ୍ରରେ ଏକ ନକାରାତ୍ମକ ପ୍ରଭାବ ସୃଷ୍ଟି ହେଉଛି । ଆଜି ଯଦି ସାରା ପୃଥିବୀ, କରୋନା ମହାମାରୀର ଭୂତାଣୁ ଦ୍ୱାରା ଭୟଙ୍କର ଭାବରେ ପ୍ରଭାବିତ, ତାହା ମଧ୍ୟ ସେହି ବିଜ୍ଞାନାଗାରର ସୃଷ୍ଟି । ବିନା ଅସ୍ତ୍ର ବିନା ରକ୍ତପାତରେ ପୃଥିବୀର ଲକ୍ଷଲକ୍ଷ ଲୋକ ମୃତାହତ । ବିବର୍ତନବାଦରୁ ପୃଥିବୀ ଓ ଜୀବଜଗତ ସୃଷ୍ଟି, କିନ୍ତୁ ମନୁଷ୍ୟ ଯଦି ପ୍ରକୃତିର ପ୍ରାକୃତିକ ସମତା ଉପରେ, ବୈଜ୍ଞାନିକ ପ୍ରୟୋଗ ଦ୍ୱାରା, ଅଯଥା ଓ ଅନାବଶ୍ୟକ ପରିବର୍ତନର ଧାରା ଜାରି ରଖେ, ତେବେ ପୃଥିବୀ ଓ ମାନବ ସମାଜ ଅଚିରେ ଧ୍ୱଂସ ହୋଇଯିବ । ଜାଗତିକ ଉଷ୍ଣତା (ଗ୍ଲୋବାଲ ଓର୍ମିଙ୍ଗ), ମେରୁ ପ୍ରଦେଶରେ ବରଫ ତରଳିବା, ଓଜୋନ ସ୍ତରରେ ଛିଦ୍ର, ବିଭିନ୍ନ ପ୍ରଜାତିର ପଶୁପକ୍ଷୀଙ୍କର ବିଲୋପ ସାଧନ, ଏସବୁର ଗୋଟିଏ ଗୋଟିଏ ଦୃଷ୍ଟାନ୍ତ । ସମୟ ଆସିଛି, ଆମେ ଆମର ମାନସିକତାରେ ପରିବର୍ତନ ଆଣିବା ପାଇଁ । ପ୍ରାକୃତିକ ପରିବେଶର ଧାରାକୁ ବିକୃତ ନକରି, ବିଜ୍ଞାନକୁ ସମ୍ପୂର୍ଣ୍ଣ ଭାବରେ ଶାନ୍ତି ପ୍ରତିଷ୍ଠା ଦିଗରେ ପ୍ରୟୋଗ ନକଲେ, ପୃଥିବୀ ଓ ମାନବ ସମାଜର ଧ୍ୱଂସ ଅବଶ୍ୟମ୍ଭାବୀ,ଏହା ନିଃସନ୍ଦେହ ।

**ପ୍ରଦୀପ୍ତ ଆଚାର୍ଯ୍ୟ**, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଈଶାଣୀବ୍ରହ୍ମପୁର, କଟକ । ମୋ-୬୩୭୧୫୯୩୨୨୦

## ଆଜିର ଅନୁଚିନ୍ତା

**ଭୟ ଯାହାକୁ ଭୟ କରେ, ତାକୁ ହିଁ ଆମ୍ଭେମାନେ ଭୟ କରିବା ଉଚିତ ।**

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।*

E-mail: editorpbkc@gmail.com
9853400829 (M), Fax: 0674-2550504

# ସେ ଅଟଳ ସେ ଅଚଳ...

••••••••ଡାକ୍ତର ସୁରେନ୍ଦ୍ରନାଥ ଦାଶ••••••••



**ସେ** ଅଟଳ, ସେ ଅଚଳ, ସେ ଅନନ୍ୟ, ସେ ଅଲଂଘନୀୟ, ସେ ଅଜାତଶତ୍ରୁ, ମରି ମଧ୍ୟ ଶହେ କୋଟି ଭାରତୀଙ୍କ ହୃଦୟରେ ସେ ଆଜି ଅମର ହୋଇ ରହିଛନ୍ତି ।

ଅଗଷ୍ଟ ୧୬ ତାରିଖ, ୨୦୧୮ ସନ୍ଧ୍ୟା ବେଳେ ଯେତେବେଳେ ଦେଶ ଜାଣିଲା ଯେ, ତାର ପ୍ରିୟ ବିକାଶ ପୁରୁଷ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କର ଅପରାହ୍ନ ୫.୧୫ ମି.ରେ ମହାପ୍ରୟାଣ ଘଟିଯାଇଛି; ସାରା ଦେଶ ସ୍ତବ୍ଧ ହୋଇଗଲା । ସମସ୍ତଙ୍କୁ ଲାଗିଲା ଯେପରି ନିଜର ଅତି ଆପଣାର କିଏ ଚାଲିଗଲା । ସମସ୍ତଙ୍କ ଆଖିରୁ ଲୁହର ବନ୍ୟା ଛୁଟି ଚାଲିଲା ।

ବାଜପେୟୀଙ୍କ ଭଳି ମହାମାନବ ଶହେବର୍ଷ ପରେ ଥରେ ଧରାରେ ଅବତରଣ କରନ୍ତି । ୧୯୨୪ ମସିହା ପବିତ୍ର ଖ୍ରୀଷ୍ଟମାସ ଦିନ ଅଟଳଜୀ ତତ୍କାଳିନ ମଧ୍ୟପ୍ରଦେଶର ଗ୍ୱାଲିୟର ସହରରେ ଜନ୍ମଗ୍ରହଣ କରିଥିଲେ । ଛାତ୍ରାବସ୍ଥାରେ ସେ ଭାରତ ଛାଡ ଆନ୍ଦୋଳନରେ ଯୋଗଦେଇ ଜେଲ ମଧ୍ୟ ଯାଇଥିଲେ । ପରବର୍ତ୍ତୀ କାଳରେ କାନପୁରରୁ ରାଜନୀତି ବିଜ୍ଞାନରେ ସ୍ନାତକ କରି ରାଷ୍ଟ୍ରିୟ ସ୍ୱୟଂସେବକ ସଂଘରେ ଜଣେ ପ୍ରଚାରକ ଭାବେ ଯୋଗଦେଲେ । ସାରା ଜୀବନ ଅବିବାହିତ ରହି ଦେଶସେବା କରିବା ପାଇଁ ସଂକଳ୍ପ ନେଲେ ଓ ୧୯୫୧ ମସିହାରେ ଶ୍ୟାମାପ୍ରସାଦ ମୁଖାର୍ଜିଙ୍କ ନେତୃତ୍ୱରେ ଯେତେବେଳେ ଜନସଂଘ ଦଳ ଗଠିତ ହେଲା, ସେଥିରେ ସେ ଯୋଗଦେଲେ । ଦଳର ସଭାପତି ଦୀନଦ୍ୟାଲ ଉପାଧ୍ୟାୟଙ୍କର ସେ ଅତି ପ୍ରିୟପାତ୍ର ହେଲେ ଓ ୧୯୫୭ ମସିହାରେ ଉତ୍ତରପ୍ରଦେଶର ବଳରାମପୁର ନିର୍ବାଚନ ମଣ୍ଡଳିରୁ ପାର୍ଲାମେଂଟକୁ ପ୍ରଥମ ଥର ପାଇଁ ନିର୍ବାଚିତ ହେଲେ । ଅତି ଯୁବ ବୟସରୁ ପାର୍ଲାମେଂଟରେ ତାଙ୍କ ବାଗ୍ମିତାରେ ମୁଗ୍ଧ ହୋଇ ତତ୍‌କାଳିନ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ ଭବିଷ୍ୟବାଣୀ କରିଥିଲେ, "ଏହି ଯୁବକ ଦିନେ ଭାରତର ପ୍ରଧାନମନ୍ତ୍ରୀ ହେବ ।" ଜୀବନରେ ସେ ସମୁଦାୟ ୧୨ ଥର ପାର୍ଲାମେଣ୍ଟର ସଭ୍ୟ ହେବାର ସୁଯୋଗ ପାଇଥିଲେ ।

ଜନସଂଘ ଦଳର ଗତିପଥ ସ୍ୱଚ୍ଛଳ ନଥିଲା । ଏକ ସାଂପ୍ରଦାୟିକ ଓ ବଣିଆମାନଙ୍କ ଦଳ ବୋଲି ଏହାକୁ ଅନ୍ୟ ରାଜନୈତିକ ଦଳମାନେ ଅସ୍ପୃଶ୍ୟ ବୋଲି ଭାବୁଥିଲେ । ଗାନ୍ଧିଙ୍କ ହତ୍ୟା ପାଇଁ ଏମାନେ ଦାୟି ବୋଲି କେତେକ ନିନ୍ଦା ମଧ୍ୟ କରୁଥିଲେ । ଏହି ଦଳର ପ୍ରଭାବ ରାଜଧାନୀ ଦିଲ୍ଲୀ ଓ ଆଖପାଖରେ ସୀମାବଦ୍ଧ ଥିଲା । ଲାଲକୃଷ୍ଣ ଆଡଭାନି, ନାନାଜୀ ଦେଶମୁଖ, ସୁନ୍ଦରଲାଲ ଭଣ୍ଡାରୀ ଓ ବଳରାଜ ମାଧୋକଙ୍କ ଭଳି ନିଷ୍ଠାପର ସହକର୍ମିଙ୍କୁ ସାଙ୍ଗରେ ନେଇ ଅଟଳଜୀ ଦଳର ପ୍ରସାର ଓ ପ୍ରସାରରେ ଲାଗି ପଡିଲେ । ୧୯୭୧ ମସିହାରେ ଯେତେବେଳେ ଇନ୍ଦିରା ଗାନ୍ଧି ଭାରତକୁ ବଙ୍ଗଳା ଦେଶ ଯୁଦ୍ଧରେ ବିଜୟ ମୁକୁଟ ପିନ୍ଧାଇଲେ, ବାଜପେୟୀ ତାଙ୍କୁ ପ୍ରଶଂସା କରି ଦେବୀ ଦୁର୍ଗା ବୋଲି ସଂମ୍ବୋଧନ କଲେ । ପରବର୍ତ୍ତୀ କାଳରେ ସେହି ଇନ୍ଦିରା ଜରୁରୀ ଅବସ୍ଥା ଘୋଷଣା କରି ବାଜପେୟୀଙ୍କ ସମେତ ଅନ୍ୟ ବିରୋଧୀ ନେତାମାନଙ୍କୁ ଜେଲର କାଳ କୋଠରୀରେ ୧୩ ମାସ ବନ୍ଦୀକରି ରଖିଲେ ଓ ପରେ ଯେତେବେଳେ ୧୯୭୭ ମସିହାରେ ସାଧାରଣ ନିର୍ବାଚନ ହେଲା, ଜନସଂଘ ସମେତ ଅନ୍ୟ ବିରୋଧିଦଳ ମିଶି ଜନତାଦଳ ଗଠିତ ହେଲା ।



୧୯୭୭ ନିର୍ବାଚନରେ ଜନତାଦଳର ବିପୁଳ ବିଜୟ ଘଟିଲା । ଅଂଶୀଦାରମାନଙ୍କ ମଧ୍ୟରୁ ଜନସଂଘ ସବୁଠାରୁ ଅଧିକ ଆସନ ପାଇଲେ ମଧ୍ୟ ବାଜପେୟୀ ମୋରାରଜୀ ଦେଶାଇଙ୍କୁ ପ୍ରଧାନମନ୍ତ୍ରୀ ପଦ ଛାଡିଦେଲେ ଓ ନିଜେ ବୈଦେଶିକ ମନ୍ତ୍ରୀପଦ ଗ୍ରହଣ କରି ସଫଳତାର ସହିତ କାର୍ଯ୍ୟ ନିର୍ବାହ କଲେ । ୧୯୬୨ ମସିହା ଯୁଦ୍ଧ ପରେ ପ୍ରଥମ ଥର ପାଇଁ ତାଙ୍କ ଉଦ୍ୟମରେ ପଡୋଶୀ ଚୀନ ସହ ସଂପର୍କ ସ୍ଥାପିତ ହେଲା ।

ଅଂଶୀଦାରମାନଙ୍କ ମଧ୍ୟରେ କ୍ଷମତା କନ୍ଦଳ ଯୋଗୁଁ ଜନତା ସରକାରର ପତନ ଘଟିଲା । ଇନ୍ଦିରା ଗାନ୍ଧି ପୁଣି କ୍ଷମତାକୁ ଆସିଲେ । ଗୋଷ୍ଠି କନ୍ଦଳରେ ଅତିଷ୍ଠ ହୋଇ ୧୯୮୦ ମସିହାରେ ପୂର୍ବତନ ଜନସଂଘ କର୍ମୀମାନେ ଭାରତୀୟ ଜନତା ପାର୍ଟି ବା ବି.ଜେ.ପି ଦଳର ଶୁଭାରମ୍ଭ କଲେ ଓ ବାଜପେୟୀ ହେଲେ ଏହାର ପ୍ରଥମ ସଭାପତି । ଅନେକ ଘାତ ପ୍ରତିଘାତ ଦେଇ ବି.ଜେ.ପି ଦଳ ଆଗେଇ ଚାଲିଲା । କେନ୍ଦ୍ରରେ ସରକାର ପରେ ସରକାର ଆସି ଅଳ୍ପ ଦିନରେ ଭାଙ୍ଗି ଯାଉଥାଏ । ଶେଷରେ ୧୯୯୬ ମସିହାରେ ବି.ଜେ.ପି ଦଳ ଏକକ ସଂଖ୍ୟା ଗରିଷ୍ଠତା ହାସଲ କରି ସରକାର ଗଠନ କଲା ଓ ବାଜପେୟୀ ୧୩ ଦିନ ପାଇଁ ପ୍ରଧାନମନ୍ତ୍ରୀ ହେଲେ । ଲୋକସଭାରେ ଆସ୍ଥା ଭୋଟ ନମିଳିବାରୁ ସେ ଇସ୍ତଫା ଦେଲେ ।

୧୯୯୮ ମସିହାରେ ବାଜପେୟୀଙ୍କ ନେତୃତ୍ୱରେ ଏନ.ଡି.ଏ ମେଣ୍ଟ ସରକାର ଗଠନ କରି ୧୩ ମାସ ରହିଲା ଓ ଆସ୍ଥା ଭୋଟରେ ଦଳ ହାରିଯିବାରୁ ବାଜପେୟୀ ଇସ୍ତଫା ଦେଲେ ।

୧୯୯୯ ମସିହାରେ ତାଙ୍କ ନେତୃତ୍ୱରେ ଏନ.ଡି.ଏ ମେଣ୍ଟ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରି ବାଜପେୟୀ ପୂର୍ଣ୍ଣ ୫ ବର୍ଷ କାଳ କ୍ଷମତାରେ ରହିଲେ ଓ ୨୦୦୪ ମସିହାରେ ରାଜନୀତିରୁ ଅବ୍ୟାହତି ନେଲେ । ତାଙ୍କର ନିଷ୍ଠାର ଫଳସ୍ୱରୂପ ୨୦୧୪ ସାଧାରଣ ନିର୍ବାଚନରେ ତାଙ୍କର ଶିଷ୍ୟ ନରେନ୍ଦ୍ର ମୋଦି ସରକାର ଗଠନ କରି ଦେଶର ପ୍ରଧାନମନ୍ତ୍ରୀ ହୋଇଛନ୍ତି ଓ ସେବେଠାରୁ ବିଜେପି ସରକାର ଚାଲୁଛି । ବାଜପେୟୀଙ୍କ ଜୀବନ କାଳ ଘଟଣାବହୁଳ ଓ ଗୌରବମୟ । ଜଣେ ଉଦାର ବ୍ୟକ୍ତି ଭାବରେ ଅନ୍ୟ ଦଳର ଲୋକମାନେ ମଧ୍ୟ ତାଙ୍କୁ ସମ୍ମାନ କରନ୍ତି । ଭାରତର ପ୍ରଧାନମନ୍ତ୍ରୀ ହେବାରେ ସେ ପ୍ରଥମ ଅଣକଂଗ୍ରେସ ବ୍ୟକ୍ତି । ଜଣେ ସୁଦକ୍ଷ ବକ୍ତା ଭାବରେ ସାରା ବିଶ୍ୱରେ ସେ ପରିଚିତ ଓ ଜାତିସଂଘରେ ହିନ୍ଦିରେ ଭାଷଣ ଦେଇ ଦେଶର ସମ୍ମାନ ବଢ଼ାଇଥିଲେ । ତାଙ୍କର ଉଦାରତା ଆମର ଚିରଶତ୍ରୁ ପାକିସ୍ତାନର ହୃଦୟ ମଧ୍ୟ ତରଳାଇ ଦେଇଥିଲା ଓ ଉଭୟ ଦେଶର ବନ୍ଧୁତ୍ୱ ପାଇଁ ସେ ବସ୍‌ରେ ଲାହୋର ଯାତ୍ରା କରିଥିଲେ । ଏହି ବନ୍ଧୁତ୍ୱ ବଦଳରେ ପାକିସ୍ତାନ ଯେତେବେଳେ ପଛରୁ ଛୁରିମାରି କାର୍ଗିଲ ଉପରେ ଆକ୍ରମଣ କଲା, ବାଜପେୟୀଙ୍କ ନେତୃତ୍ୱରେ ଭାରତ ତାହାର କଡା ଜବାବ ଦେଲା । ଅନେକଙ୍କ ମତରେ କାର୍ଗିଲ ପରାଜୟ ପାକିସ୍ତାନ ପାଇଁ ବଙ୍ଗଳାଦେଶ ପରାଜୟ ଅପେକ୍ଷା ଆହୁରି ଲଜ୍ଜାକର ।

ଏକା ସାଙ୍ଗରେ ୫ଟି ପରମାଣୁ ବୋମା ଓ ୨ଟି ଉଦ୍‌ଯାନ ବୋମା ପରୀକ୍ଷା କରି ଭାରତକୁ ସେ ବିଶ୍ୱଶକ୍ତିର ସ୍ତରକୁ ଉନ୍ନିତ କରାଇଥିଲେ । ଏଥିପାଇଁ ଆମେରିକା ଆର୍ଥିକ କଟକଣା ଲଗାଇଥିଲେ ମଧ୍ୟ ସେ ଏହାକୁ ଖାତିର କରି ନଥିଲେ ଓ ବାଧ୍ୟ ହୋଇ ଆମେରିକା ୬ ମାସ ପରେ କଟକଣା ଉଠାଇନେଲା ।

ବାଜପେୟୀଙ୍କର ଦେଶକୁ ସବୁଠାରୁ ବଡ ଦାନ ହେଉଛି ପ୍ରଧାନମନ୍ତ୍ରୀ ସଡକ ଓ ସ୍ୱର୍ଣ୍ଣ ଚତୁର୍ଭୂଜ ଜାତୀୟ ରାଜପଥ ଯୋଜନା । ତାଙ୍କ ଆଗରୁ ଆମେ କୂପମଣ୍ଡୁକ ଭଳି ଥିଲୁ । ଭାରତର ଚାରି କୋଣକୁ ସେ ଚାରି ଲାଇନ ବିଶିଷ୍ଟ ସୁଦୃଶ୍ୟ ରାଜପଥ ଦ୍ୱାରା ସଂଯୋଗ କରି ଲୋକଙ୍କୁ ଦେଖାଇଲେ, ଆର୍ନ୍ତଜାତିକ ମାନର ରାଜପଥ କିଭଳି ଦେଖାଯାଏ । ଏହି କାମ ତାଙ୍କର ଶାସନ କାଳ ମଧ୍ୟରେ ଆରମ୍ଭ ହୋଇସାରିଥିଲା । କୋଟି କୋଟି ଅପନ୍ତରା ଗାଁକୁ ପିଚୁ ସଡକର ସ୍ୱପ୍ନ ଦେଖାଇଥିବା ପାଇଁ ସେ ଆରମ୍ଭ କରିଥିଲେ ପ୍ରଧାନମନ୍ତ୍ରୀ ସଡକ ଯୋଜନା । ତାର ଫଳ ସ୍ୱରୁପ ଭାରତର ପ୍ରତି ଗାଁକୁ ଆଜି ପକ୍କା ସଡକ ପଡି ଯାଇଛି । ସେ ମଧ୍ୟ ସର୍ବଶିକ୍ଷା ଅଭିଯାନର ସୃଷ୍ଟିକର୍ତ୍ତା । ତାଙ୍କ ସମୟରେ ଭାରତର ଦୃତ ଆର୍ଥିକ ଅଭିବୃଦ୍ଧି ଘଟି ଏକ ଆର୍ଥିକ ମହାଶକ୍ତିର ମାନ୍ୟତା ଭାରତ ପାଇଛି । ତାଙ୍କର ସୁଶାସନ ପାଇଁ ତାଙ୍କର ଜନ୍ମଦିନକୁ ସୁଶାସନ ଦିବସ ରୂପେ ପାଳନ କରାଯାଉଛି । ଗୁଜରାଟ ଦଙ୍ଗାବେଳେ ଗୁଜରାଟର ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପରେ ସେ ଅସୁଖି ହୋଇ ତାଙ୍କୁ ରାଜଧର୍ମ ପାଳନ ପାଇଁ ଉପଦେଶ ଦେଇଥିଲେ । ତାଙ୍କର ଉଦାର ନୀତି ଯୋଗୁଁ ସେ ଆର.ଏସ.ଏସ.ର ବିଷଦୃଷ୍ଟିରେ ପଡିଥିଲେ ମଧ୍ୟ ତାହାକୁ ଖାତିର କରି ନ ଥିଲେ । ସେଥିପାଇଁ ବିରୋଧିଦଳମାନେ ତାଙ୍କୁ 'ଏ ରାଇଟ ମ୍ୟାନ ଇନ ରଙ୍ଗ ପ୍ଲେସ' ବୋଲି କହୁଥିଲେ ଏବଂ ବି.ଜେ.ପି ବାଜପେୟୀଙ୍କ ମୁଖା ପିନ୍ଧି ନିଜର ଅସ୍ପୃଶ୍ୟତା ଦୋଷ ଦୂର କରିପାରିଥିଲା । ବାଜପେୟୀଙ୍କର ସାଂସାରିକ ଆକର୍ଷଣ ନଥିଲା । ଶାସନରୁ ଅବସର ନେଲା ପରେ ସେ ନିଜ ହାତରେ ରୋଷେଇ କରୁଥିଲେ ଓ ଭାବ ରାଜ୍ୟରେ ଘୂରି ଘୂରି ହୃଦୟସ୍ପର୍ଶୀ କବିତାମାନ ଲେଖୁଥିଲେ । ଅନିତ୍ୟ ସଂସାରରେ ସମସ୍ତେ ଦିନେ ବିଦାୟ ନେବେ । ଆଜି ଆକୁମାରି ହିମାଳୟ ବାଜପେୟୀଙ୍କୁ ଝୁରି ହେଉଛି । ରାଜନୈତିକ ଅସହିଷ୍ଣୁତାର ଶିକାର ହୋଇ ଯେଉଁମାନେ ରାଜରାସ୍ତାରୁ ବାଜପେୟୀଙ୍କ ଛବିକୁ ଟାଣି ଫିଙ୍ଗି ଦେଇଥିଲେ, ସେମାନେ ମଧ୍ୟ ଆଜି ତାଙ୍କୁ ମନେପକାଉଛନ୍ତି । ଯେଉଁ ନେତା ବିବେକର ଆହ୍ୱାନରେ ବାଜପେୟୀଙ୍କୁ ଗୋଟିଏ ଭୋଟ ନଦେବାରୁ ସେ ଗାଦୀ ଛାଡିଥିଲେ, ସେ ମଧ୍ୟ ଆଜି ତାଙ୍କୁ ଝୁରୁଥିବେ ।

**ପ୍ରଣାମ ହେ ସ୍ୱର୍ଗତଃ ବିକାଶପୁରୁଷ !**

*-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ:୯୪୩୭୨୩୫୩୮*

# ସ୍ମାର୍ଟ ସ୍କୁଲ

## (ସତେଜ/ପ୍ରଖର/ ବୁଦ୍ଧିମାନ ବିଦ୍ୟାଳୟ)

***ଓଡିଶା ସରକାରଙ୍କ ସ୍ମାର୍ଟ ସ୍କୁଲ ଯୋଜନା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ହେଲେ ତାହାର ବାସ୍ତବ ପ୍ରଭାବ କେଉଁଥିରେ ରହିଛି, ତାହା ବିଚାରଯୋଗ୍ୟ !***

ବର୍ତ୍ତମାନ ଓଡିଶା ସରକାରଙ୍କ ସ୍ମାର୍ଟ ସ୍କୁଲ, ସତେଜ/ ପ୍ରଖର ବା ବୁଦ୍ଧିମାନ ବିଦ୍ୟାଳୟ ଯୋଜନା ଏକ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ ଭାବେ ଗ୍ରହଣୀୟ । ଏହି ଯୋଜନାର ମୂଳ ଲକ୍ଷ୍ୟ କ'ଣ ତାହାର କୌଣସି ନିଦର୍ଶନ ଆମ ପାଖରେ ନଥିବା ବେଳେ ଏହି ଯୋଜନା ଅନ୍ତର୍ଭୁକ୍ତ କାର୍ଯ୍ୟକ୍ରମଗୁଡିକ ବିଷୟରେ ପ୍ରାୟତଃ ଅନେକ ଲୋକ ଅବଗତ ହେଲେଣି । ପ୍ରଥମେ କେତୋଟି ବିଦ୍ୟାଳୟରେ ଏହି ଯୋଜନା ଆରମ୍ଭ ହୋଇ ଭବିଷ୍ୟତରେ ପ୍ରାୟତଃ ସବୁ ସରକାରୀ ବିଦ୍ୟାଳୟଗୁଡିକୁ ଏହି ଯୋଜନା ଅନ୍ତର୍ଭୁକ୍ତ କରାଯିବା ଲକ୍ଷ୍ୟ ସରକାରଙ୍କର ରହିଥିବା ସମସ୍ତେ ବୁଝୁଛନ୍ତି । ହେଲେ ଏହି ଯୋଜନାର ବାସ୍ତବ ମୂଳ ଲକ୍ଷ୍ୟ କ'ଣ ସାଧାରଣ ଲୋକଙ୍କୁ ଅବଗତ ନଥିବା ବେଳେ ନିଶ୍ଚିତ ଭାବେ ବିଦ୍ୟାର୍ଥୀଙ୍କ ଉନ୍ନତ ଶିକ୍ଷାଦାନ ପଦ୍ଧତି ଉପରେ ଆଧାରିତ ହୋଇଥିବା ଅନୁମାନ କରନ୍ତି ସାଧାରଣ ଲୋକେ । ସରକାରଙ୍କ ଦ୍ୱାରା ନିଆଯାଇଥିବା ଏହିଭଳି ଅନେକ ଉନ୍ନତିମୂଳକ ପଦକ୍ଷେପ ହେତୁ ଧୀରେ ଧୀରେ ସରକାରୀ ବିଦ୍ୟାଳୟଗୁଡିକ ପ୍ରତି ଲୋକଙ୍କ ଆସ୍ଥା ବଢୁଥିବା ପ୍ରମାଣିତ କରୁଛି ବର୍ତ୍ତମାନର ପରିସ୍ଥିତି ଯଦ୍ୱାରା ଅନେକ ବିଦ୍ୟାର୍ଥୀ ଘରୋଇ ବିଦ୍ୟାଳୟରୁ ବାହାରି ସରକାରୀ ବିଦ୍ୟାଳୟମୁହାଁ ହେଉଥିବା ଲକ୍ଷ୍ୟ କରାଯାଉଅଛି । କେବଳ ସ୍ମାର୍ଟ ସ୍କୁଲ କାହିଁକି ବରଂ ଏହିଭଳି ଅନେକ ସ୍ୱାଗତଯୋଗ୍ୟ ସରକାରୀ ପଦକ୍ଷେପ ହେତୁ ବର୍ତ୍ତମାନ ଆମ ସରକାରୀ ବିଦ୍ୟାଳୟଗୁଡିକ (ସ୍ମାର୍ଟ) ସତେଜ ହୋଇ ଆସୁଥିବା ମଧ୍ୟ ଦେଖିବାକୁ ମିଳୁଛି ।

ସ୍ମାର୍ଟ ର ଓଡ଼ିଆ ଅର୍ଥ ସତେଜ / ପ୍ରଖର ବା ବୁଦ୍ଧିମାନ । ତେଣୁ ଏହାକୁ ସତେଜ / ପ୍ରଖର ବା ବୁଦ୍ଧିମାନ ବିଦ୍ୟାଳୟ ବୋଲି ଓଡ଼ିଆରେ କୁହାଯାଇପାରିବ । ଏହି କାର୍ଯ୍ୟକ୍ରମ ଜରିଆରେ ବିଦ୍ୟାର୍ଥୀଙ୍କ ଉନ୍ନତ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରାଯାଉଥିବା ବେଳେ ତାହାର ବାସ୍ତବ ପ୍ରଭାବ କେତେ ରହିବ ବିଚାରଯୋଗ୍ୟ । ଉପସ୍ଥିତ ସମୟର କାର୍ଯ୍ୟଧାରାଗୁଡିକୁ ଲକ୍ଷ୍ୟ କଲେ କିଛି ଅନୁମାନ କରି ହେଉଛି କି ବିଭିନ୍ନ ଜଡ ପଦାର୍ଥଗୁଡିକୁ ସ୍ମାର୍ଟ କରାଯାଉଥିବା ବେଳେ ବିଭାଗୀୟ ଚଳନ୍ତି କାର୍ଯ୍ୟକର୍ତ୍ତାଙ୍କ ଉପରେ କୌଣସି ପ୍ରାଧାନ୍ୟତା ରହିଛି କି ଏହି ଯୋଜନାରେ ? କାରଣ କେବଳ ସ୍ମାର୍ଟ ଜଡ ପଦାର୍ଥଗୁଡିଏ ବିଦ୍ୟାଳୟରେ ସଂଯୋଜିତ କରି ବାସ୍ତବରେ କ'ଣ ପିଲାଙ୍କୁ ସ୍ମାର୍ଟ ଶିକ୍ଷା ଦେବା ସମ୍ଭବ ? ପ୍ରଶ୍ନବାଚୀ ସୃଷ୍ଟି କରୁଛି ମନରେ ! ତେଣୁ ଏହି ସ୍ମାର୍ଟ ଜଡ ପଦାର୍ଥଗୁଡିକ ସହିତ ଏହି ବିଭାଗକୁ ପରିଚାଳିତ କରୁଥିବା ଶିକ୍ଷକ, କର୍ମଚାରୀଙ୍କୁ ମଧ୍ୟ ସ୍ମାର୍ଟ କରାଯିବା ଲକ୍ଷ୍ୟ ରଖାଗଲେ ହୁଏତ ଅତ୍ୟନ୍ତ ଆକର୍ଷଣୀୟ କାର୍ଯ୍ୟକ୍ଷମ ହୋଇପାରିବ ସମ୍ପୃକ୍ତ ଯୋଜନାଟି ବୋଲି ଆମର ଅନୁମାନ । ବାସ୍ତବିକ ଏହି ସ୍ମାର୍ଟ ସ୍କୁଲ ଯୋଜନାରେ ଆମ ରାଜ୍ୟ ସରକାର ସ୍ମାର୍ଟ ମଣିଷମାନଙ୍କ ଉତ୍ପତି କରିବା ଲକ୍ଷ୍ୟ ରଖିଲେ ହୁଏତ ଏହା ଅତ୍ୟନ୍ତ ଚିତାକର୍ଷକ ହୋଇ ପାରିବ ବୋଲି ଆମର ବିଚାର ।

କେତେକ ସରକାରୀ କର୍ମଚାରୀଙ୍କ ସମେତ କିଛି ସାଧାରଣ ଲୋକଙ୍କ ମୁଖରୁ ଶୁଣିବାକୁ ମିଳୁଛି ଯେ ଆମ ରାଜ୍ୟ ଶିକ୍ଷା ବିଭାଗରେ ରହିଥିବା ପର୍ଯ୍ୟାପ୍ତ ତ୍ରୁଟି ଏବଂ ବେନିୟମଗୁଡିକ ହୁଏତ ଅନ୍ୟ କୌଣସି ବିଭାଗରେ ଦେଖିବାକୁ ମିଳିବ ନାହିଁ ! ଅତଏବ ଏମିତି ବିଚାର ସାଧାରଣ ଲୋକଙ୍କ ମନରେ ଆସୁଥିବା ପଛରେ କିଛି ରହସ୍ୟ ରହିଥିବା ନିଶ୍ଚିତ ପ୍ରମାଣ କରୁଅଛି । ତେଣୁ ରାଜ୍ୟ ସରକାର ସେଗୁଡିକ ପ୍ରତି ସଚେତନ ହେଲେ ହୁଏତ ସ୍ମାର୍ଟ ସ୍କୁଲ ଯୋଜନା ଅଧିକ ଫଳପ୍ରଦ ହୋଇପାରିବ ବୋଲି ଅନୁମାନ କରି ହେଉଛି । ବିଭାଗୀୟ ଅଭାବନୀୟତା ଗୁଡିକ ପ୍ରତି ସଚେତନ ରହି ଅଭିଯୋଗ / ଆଇନ କାନୁନଗୁଡିକ ପ୍ରତି ତଥା ଶିକ୍ଷକ ଚୟନରେ ଯଥେଷ୍ଟ କଠୋର ନୀତି ଅବଲମ୍ବନ କରାଗଲେ ହୁଏତ କେତେକ ଅନୁକୂଳ ପ୍ରଭାବ ପଡ଼ିବାର ସମ୍ଭାବନା ଯଥେଷ୍ଟ ଅଧିକ । ଅଧିକନ୍ତୁ ବହୁ ଦଶନ୍ଧି ଧରି ଗୋଟିଏ ସ୍ଥାନରେ ରହି କାୟା ବିସ୍ତାର ପୂର୍ବକ ପ୍ରାଦୁର୍ଭାବ ପକାଉଥିବା ଶିକ୍ଷକ କର୍ମଚାରୀଙ୍କୁ ବଦଳି କରାଯାଉ ନଥିବା ହେତୁ ଶିକ୍ଷାଦାନ ଯଥେଷ୍ଟ ପ୍ରଭାବିତ ହେଉଥିବା ଅନୁମାନ କରିପାରୁନାହାନ୍ତି ସରକାର, ଯାହା ବ୍ୟାପକ କୁପ୍ରଭାବ ପକାଉଛି ବିଦ୍ୟାଳୟଗୁଡିକରେ ! ତେଣୁ ରାଜ୍ୟ ସରକାର ପ୍ରଥମେ ଏହି କୁପ୍ରଭାବଗୁଡିକ ଉପରେ ନଜର ପକାଇ ଅନେକ ବର୍ଷ ପର୍ଯ୍ୟନ୍ତ ଗୋଟିଏ ସ୍ଥାନରେ ଲାଖିରହି ପ୍ରକୋପ ସାବ୍ୟସ୍ତ କରୁଥିବା ଶିକ୍ଷକ, କର୍ମଚାରୀମାନଙ୍କ ପ୍ରତି ସଚେତନ ହେଲେ ଶିକ୍ଷା ବିଭାଗର ଯଥେଷ୍ଟ ଉନ୍ନତି ହେବା ସହିତ ଶିକ୍ଷାଦାନ ଆକର୍ଷଣୀୟ ହୋଇ ପାରିଥା'ନ୍ତ । ହଜାର ହଜାର ଶିକ୍ଷକ ବର୍ଷ ବର୍ଷ ଧରି ନିର୍ଦ୍ଦିଷ୍ଟ ବିଦ୍ୟାଳୟଗୁଡିକରେ କାର୍ଯ୍ୟରତ ରହି ଆସୁଥିବା ହେତୁ ସେମାନଙ୍କର କୌଣସି କାର୍ଯ୍ୟ ପ୍ରତି ଆଗ୍ରହ ରହୁନଥିବା ତଥା କାହାକୁ ଭୟ କରୁନଥିବା ଦେଖିବାକୁ ମିଳୁଛି ! ଅଧିକନ୍ତୁ ସେମାନେ ବିଭିନ୍ନ ଉପାୟରେ ରାଜନୈତିକ ଚାପ ହେଉକି ଉପରିସ୍ଥ ଅଧିକାରୀଙ୍କୁ ହାତଗୁଂଜା ଦେଇ ନିଜର ଦକ୍ଷତା ପ୍ରତିପାଦନ ପୂର୍ବକ ବିଦ୍ୟାଳୟର କାର୍ଯ୍ୟ ସମ୍ପାଦନରେ ବେନିୟମତା ପ୍ରଦର୍ଶନ କରୁଥିବା ବେଳେ ପ୍ରଧାନ ଶିକ୍ଷକଙ୍କୁ ଅବମାନନା କରୁଥିବା ଦେଖିବାକୁ ମିଳୁଛି ଅନେକ କ୍ଷେତ୍ରରେ ! ଅନୁରୂପ ଶିକ୍ଷା ବିଭାଗର ଅନେକ କର୍ମଚାରୀ କେବଳ ଗୋଟିଏ କାର୍ଯ୍ୟାଳୟରେ ରହି ବର୍ଷ ବର୍ଷ ଧରି ନିଜର ପ୍ରାଧାନ୍ୟତା ବିସ୍ତାର କରୁଥିବା ଦେଖିବାକୁ ମିଳୁଛି ଶିକ୍ଷା ବିଭାଗରେ, ଯାହା ଅନ୍ୟ କୌଣସି ବିଭାଗରେ ନଥିବ । ତେଣୁ ଶିକ୍ଷା ବିଭାଗ ଅତ୍ୟନ୍ତ ନିମ୍ନଗାମୀ ହେଉଥିବା ସ୍ୱାଭାବିକ ।

ରାଜ୍ୟ ସରକାର ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହି ସ୍ମାର୍ଟ ସ୍କୁଲ ଯୋଜନା ସହିତ ବିଭାଗୀୟ ଅଭାବନୀୟତା ଗୁଡିକ ପ୍ରତି ଅଧିକ ଧ୍ୟାନ ଦେଲେ ସରକାରଙ୍କ ରହିଥିବା ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ ସାର୍ଥକ ହୋଇପାରିବ ବୋଲି ଆମ ବିଚାର । ପ୍ରାୟତଃ ବିଦ୍ୟାଳୟଗୁଡିକରେ କୌଣସି କାର୍ଯ୍ୟ ନିର୍ଦ୍ଦିଷ୍ଟ ନିୟାମକ ମଧ୍ୟରେ ପରିଚାଳିତ ନହୋଇ ଯାହାକୁ ଯାହା ଭଲ ଲାଗିଲା ସେଗୁଡିକ ହିଁ ନିୟମ ବୋଲି ବିଚାରି ବ୍ୟବହାର କରୁଥିବା ଜାଣିହେବ ଉପଯୁକ୍ତ ତଦନ୍ତ କରାଗଲେ । ପ୍ରାୟତଃ ବିଦ୍ୟାଳୟଗୁଡିକରେ ଆର୍ଥିକ ଅଭିଲେଖଗୁଡିକର କୌଣସି ନିର୍ଦ୍ଦିଷ୍ଟତା ତଥା ନିୟାମକ ଅନ୍ତର୍ଭୁକ୍ତ ରହିନଥିବା ଜାଣିହେବ ଉପଯୁକ୍ତ ତଦନ୍ତ କରାଗଲେ । ଅଧିକନ୍ତୁ ବର୍ଷ ବର୍ଷ ଧରି ନିଜ ଆଇନକାନୁନ ଚଳାଇ ବିଭିନ୍ନ ଆର୍ଥିକ ବ୍ୟବହାର କରୁଥିବା ଶିକ୍ଷକଙ୍କ ଉପରେ କୌଣସି କଡ଼ା ନଜର ତଥା ଅନୁସନ୍ଧାନ, କାର୍ଯ୍ୟାନୁଷ୍ଠାନ କରାଯାଉନଥିବା କାରଣରୁ ବ୍ୟାପକ ବେନିୟମ କାର୍ଯ୍ୟଗୁଡିଏ ଦେଖିବାକୁ ମିଳିବ ଅନେକ ସ୍ଥାନରେ । ସେଗୁଡିକୁ ସୁଧାରିବା ଲକ୍ଷ୍ୟ ରଖାଗଲେ ବିଭାଗୀୟ ଅଭାବନୀୟତାଗୁଡିକ ଦୂର ହୋଇପାରିବ । ଏମିତି ଶିକ୍ଷକ, କର୍ମଚାରୀ ଦେଖିବାକୁ ମିଳିବେ ଶିକ୍ଷା ବିଭାଗରେ ଯାହାଙ୍କ ମାସିକ ବେତନ ୫୦୦୦୦-୧୦୦୦୦୦ରୁ ଅଧିକ ହୋଇଥବା ବେଳେ ସେମାନଙ୍କୁ ଚିଠି ଖଣ୍ଡେ ଲେଖିଆସେନି କି ପଢି ବୁଝି ବୋଧଗମ୍ୟ କରିପାରିବେ ନାହିଁ ! ଏହିଭଳି ଶିକ୍ଷକ, କର୍ମଚାରୀ ଶିକ୍ଷା ବିଭାଗରେ ୯୦ ପ୍ରତିଶତରୁ ଅଧିକ ରହିଥବା ଅନୁମାନ କରିହୁଏ । ଏହିଭଳି କ୍ଷେତ୍ରରେ କେବଳ ଜଡ଼ ପଦାର୍ଥଗୁଡିକର ସ୍ମାର୍ଟ ସ୍କୁଲ କରାଗଲେ ସେଗୁଡିକୁ ବ୍ୟବହାର କରି ଶିକ୍ଷା ଦେବାକୁ ଥିବା ଅସମର୍ଥ ଶିକ୍ଷକ, କର୍ମଚାରୀଗଣ ଏହି ଯୋଜନାକୁ କେତେଦୂର ସାର୍ଥକ କରିପାରିବେ ବିଚାର କରନ୍ତୁ ସରକାର ।



ବିଭାଗୀୟ ଅଧିକାରୀ, କର୍ମଚାରୀ ତଥା ଶିକ୍ଷକମାନଙ୍କ ମଧ୍ୟରେ ଏମିତି ମଧୁଚନ୍ଦ୍ରିକା ଦେଖିବାକୁ ମିଳିବ ଏହି ବିଭାଗରେ ଯଦ୍ୱାରା କୌଣସି ଅଭାବନୀୟତା ଉପରେ ପ୍ରାଧାନ୍ୟତା ରହୁନାହିଁ କାହାର ! ଶିକ୍ଷା ବିଭାଗରେ କୌଣସି ଅଭିଯୋଗ, ବେନିୟମ କାର୍ଯ୍ୟ ଉପରେ ଆଧାରିତ ବଦଳି, କାର୍ଯ୍ୟାନୁଷ୍ଠାନ ତଥା ସରକାରୀ ନିୟାମକ ମଧ୍ୟରେ କାର୍ଯ୍ୟ ସମ୍ପାଦନ କରାଯିବା ଆଦୌ ହୁଏନି କହିଲେ ଅତ୍ୟୁକ୍ତି ହେବ ନାହିଁ । କେବଳ ଶିକ୍ଷକ, କର୍ମଚାରୀଙ୍କ ସୁବିଧା ସୁଯୋଗ ଉପରେ ଆଧାରିତ ବଦଳି କିମ୍ବା କାର୍ଯ୍ୟାନୁଷ୍ଠାନ ହୋଇଥାଏ ଶିକ୍ଷା ବିଭାଗରେ ଯାହା ସାଧାରଣରେ ସରକାରଙ୍କ ଦୃଷ୍ଟିଗୋଚର କିମ୍ବା ସାର୍ବଜନୀନ ହୋଇନଥାଏ । ତେଣୁ ଆମ ରାଜ୍ୟ ସରକାରୀ ଶିକ୍ଷା ବିଭାଗ ମଧ୍ୟ ଏକରକମ ଘରୋଇ ବ୍ୟବସାୟୀକ ଭିତ୍ତିରେ ପରିଚାଳିତ ହେଉଥିବା ଜାଣିହେବ ଲକ୍ଷ୍ୟ କଲେ । ଉଚ୍ଚପଦସ୍ଥ ଅଧିକାରୀଙ୍କୁ କୌଣସି ଅଭାବନୀୟତାଗୁଡିକ ଗୋଚର ନହୋଇ ଅନେକ କାର୍ଯ୍ୟ ତଳ ସ୍ତରରେ ସମ୍ପାଦିତ ହୋଇଥାଏ । ଅଧିକନ୍ତୁ ଦେଣ-ନେଣ କରାଯିବାରେ କୌଣସି ତୃଟି ଉପୁଜିଲେ କେତେକ ଶିକ୍ଷକ, କର୍ମଚାରୀଙ୍କୁ ମାନନୀୟ ନ୍ୟାୟାଳୟର ଆଶ୍ରିତ ହେବାକୁ ପଡିଥାଏ, ଯାହା ଅନ୍ୟାନ୍ୟ ବିଭାଗଠାରୁ ଯଥେଷ୍ଟ ଅଧିକ ଶତକଡା ଦେଖିବାକୁ ମିଳିବ ଶିକ୍ଷା ବିଭାଗରେ ଅନ୍ୟ ବିଭାଗ ତୁଳନାରେ । ଏମିତିକି କହିବାକୁ ଗଲେ ଜାଲ୍ ପ୍ରମାଣ ପତ୍ର ଦେଇ ଯଥେଷ୍ଟ ହାତଗୁଂଜା ଦେଲେ ଶିକ୍ଷକ ପଦବୀଟିଏ ମିଳିବା ବିଶ୍ୱାସ ସମସ୍ତଙ୍କର ରହିଥାଏ ଏବଂ ସେହିଭଳି ଶିକ୍ଷକଙ୍କ ମାତ୍ରା ଯଥେଷ୍ଟ ଅଧିକ ମିଳିବ ଅନୁଧ୍ୟାନ କଲେ ଯାହାର ଜ୍ୱଳନ୍ତ ନିଦର୍ଶନ ମିଳିବ ନିକଟ ଅତୀତର ଗଣଆନ୍ଦୋଳନଗୁଡିକ ଉପରେ ତର୍ଜମା କରାଗଲେ ଯାହା ଏହି ଜାଲ୍ ପ୍ରମାଣପତ୍ରଧାରୀ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରୁଥିଲା । କିନ୍ତୁ ସେମାନଙ୍କ ଭଳି କେତେକ ଭ୍ରଷ୍ଟାଚାରୀ ବିଭାଗୀୟ ଅଧିକାରୀ ସେହି ଜାଲ୍ ପ୍ରମାଣପତ୍ରଧାରୀ ଶିକ୍ଷକଙ୍କୁ ଘଣ୍ଟ ଘୋଡାଇ କୌଣସି କାର୍ଯ୍ୟାନୁଷ୍ଠାନ କରୁନଥିବା କଥା କାହାକୁ ଅଗୋଚର ? ! !

ଶିକ୍ଷା ବିଭାଗରେ ଶିକ୍ଷାଦାନ ତଥା କାର୍ଯ୍ୟଦକ୍ଷତା ଉପରେ କୌଣସି ତତ୍ପରତା ନରଖି ଶିକ୍ଷକ, କର୍ମଚାରୀଙ୍କୁ କେବଳ ଚାକିରୀ ଅବଧି ଉପରେ ଆଧାର କରି ପଦୋନ୍ନତି ଦିଆଯିବା ଏକ କ୍ରୁର ପରିବେଶ ସୃଷ୍ଟି କରୁଛି ବିଦ୍ୟାଳୟଗୁଡିକରେ । କୌଣସି ଅଭିଜ୍ଞତା ତଥା ବିଶେଷ ଜ୍ଞାନ ନଥିବା ଅଧିକାରୀ, ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ଦେଖିବାକୁ ମିଳିବେ ଅନୁସନ୍ଧାନ କଲେ । ଏମିତି ଅଧିକାରୀ, ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଦେଖିବାକୁ ମିଳିବେ ଯାହାଙ୍କୁ ଶିକ୍ଷାଦାନ କ'ଣ କୌଣସି ବିଷୟରେ କିଛି ଅଭିଜ୍ଞତା ରହିନଥିବା ବେଳେ ସେମାନଙ୍କ ପଦୋନ୍ନତି ବିଭାଗ ପ୍ରତି ଏକ କଠୋରତା କହିଲେ ଅତ୍ୟୁକ୍ତି ହେବନାହିଁ । ସେମାନଙ୍କୁ ସ୍ମାର୍ଟ ତ କ'ଣ ସାଧାରଣ ମୂର୍ଖଙ୍କ ସହିତ ମଧ୍ୟ ତୁଳନା କରାଯାଇ ନପାରେ, ଏମିତି ଅଧିକାରୀ, ଶିକ୍ଷକ, କର୍ମଚାରୀ ମଧ୍ୟ ଯଥେଷ୍ଟ ମାତ୍ରାରେ ପରିଲକ୍ଷିତ ହୁଅନ୍ତି ଆମ ରାଜ୍ୟ ଶିକ୍ଷା ବିଭାଗରେ । ପ୍ରଥମେ ସରକାର ଏହି ବିଭାଗୀୟ ଶିକ୍ଷକ କର୍ମଚାରୀଙ୍କ ପ୍ରତି ଯଥେଷ୍ଟ ପଦକ୍ଷେପ ନେବା ତଥା ସେମାନଙ୍କୁ ସ୍ମାର୍ଟ କରିବା ଉଦ୍ଦେଶ୍ୟ ରଖିବା ଏକାନ୍ତ କାମ୍ୟ । ନତୁବା ରାଜ୍ୟ ସରକାରଙ୍କ ରହିଥିବା ବିଶେଷେ ଲକ୍ଷ୍ୟ ଧାର୍ଯ୍ୟ କରିବାରେ ବ୍ୟାପକ କଠୋରତା ଅନୁଭବ ହେବା ଅନୁମାନ ହୁଏ ଆମର । ତେଣୁ ଏହି ବିଭାଗୀୟ, ଅଧିକାରୀ, କର୍ମଚାରୀ ତଥା ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ପ୍ରତି ବ୍ୟାପକ ନିୟାମକ ଜାରି କରାଗଲେ ସରକାରଙ୍କର ରହିଥିବା ସ୍ୱପ୍ନ ସାକାର ହୋଇପାରିବ ଯାହାପ୍ରତି ପ୍ରାଥମିକତା ଦିଆଯିବା ଅନିବାର୍ଯ୍ୟ । ଅଧିକନ୍ତୁ ଜନସାଧାରଣ ସେମାନଙ୍କ ସ୍ଥାନୀୟ ସରକାରୀ ବିଦ୍ୟାଳୟଗୁଡିକର ଅଭାବନୀୟତାଗୁଡିକ ସରକାରଙ୍କ ଦୃଷ୍ଟିଗୋଚର କରିବା ତଥା ବିଭାଗୀୟ ଉଚ୍ଚାଧିକାରୀଙ୍କ ସେଗୁଡିକ ପ୍ରତି ତତ୍ପରତା ପ୍ରଦର୍ଶନ କରାଯିବା ନିର୍ଦ୍ଦେଶ ରହିଲେ ସରକାରୀ ବିଦ୍ୟାଳୟଗୁଡିକ ଆହୁରି ଅଧିକ ସ୍ମାର୍ଟ ହୋଇ ପାରିଥା'ନ୍ତା ଯାହା ରାଜ୍ୟ ସରକାର ବିଚାରକୁ ନିଅନ୍ତୁ ଏବଂ ଜନସାଧାରଣ ମଧ୍ୟ ସେଥିପ୍ରତି ଅଧିକ ସଚେତନ ହୁଅନ୍ତୁ ।

ଘରୋଇ ବିଦ୍ୟାଳୟଗୁଡିକ ସରକାରୀ ବିଦ୍ୟାଳୟ ତୁଳନାତ୍ମକ କୌଣସି କ୍ଷେତ୍ରରେ ଅଧିକ ନଥାଇ ଏକ ପ୍ରହେଳିକା ମାଧ୍ୟମରେ ନିଜର ବ୍ୟବସାୟ ଚଳାଇ ଆସୁଥିବା ବେଳେ ଜନସାଧାରଣ ସରକାରୀ ବିଦ୍ୟାଳୟଗୁଡିକ ପ୍ରତି ସଚେତନ ରହି ସରକାରଙ୍କୁ ବିଭିନ୍ନ ସୂତ୍ର ପ୍ରଦାନପୂର୍ବକ ଆମ ରାଜ୍ୟ ଶିକ୍ଷା କ୍ଷେତ୍ର ପ୍ରତି ଆନ୍ତରିକତା ଭାବ ପ୍ରଦର୍ଶନ କଲେ ଶିକ୍ଷାର୍ଥୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ । ଘରୋଇ ବିଦ୍ୟାଳୟଗୁଡିକର ବ୍ୟବସାୟଠାରୁ ଶିକ୍ଷାର୍ଥୀଙ୍କୁ ଦୂରେଇ ରଖି ସାର୍ବଜନୀନ ଶିକ୍ଷାକ୍ଷେତ୍ରକୁ ପ୍ରଶସ୍ତ କରାଗଲେ ରାଷ୍ଟ୍ରର ବାସ୍ତବ ଉନ୍ନତି ହୋଇପାରିବ । ତେଣୁ ଜନସଚେତନତା ସୃଷ୍ଟି କରି ସ୍ଥାନୀୟ ସରକାରୀ ବିଦ୍ୟାଳୟଗୁଡିକର ଅଭାବନୀୟତାଗୁଡିକୁ ଜନସାଧାରଣଙ୍କଠାରୁ ସରକାର ସ୍ୱାଗତ କଲେ ଅନେକ ତଥ୍ୟ ଜାଣିହେବ ଏବଂ ତଦନୁଯାୟୀ ପଦକ୍ଷେପ ନେଇ ଶିକ୍ଷା ବିଭାଗକୁ ସୁଧାରିହେବ ବୋଲି ଆମ ବିଚାର !

ତେଣୁ ଏହିଭଳି ଘଡ଼ିସନ୍ଧି ମୁହୂର୍ତରେ ରାଜ୍ୟ ସରକାର ସ୍ମାର୍ଟ ଜଡ଼ ପଦାର୍ଥଗୁଡିକ ଉପରେ ନଜର ରଖିବା ସହିତ ଶିକ୍ଷା ବିଭାଗୀୟ ଅଧିକାରୀ, ଶିକ୍ଷକ ତଥା କର୍ମଚାରୀଙ୍କୁ ମଧ୍ୟ ସ୍ମାର୍ଟ କରାଯିବା ଉପରେ ପ୍ରାଧାନ୍ୟତା ଦେଇ ଅସମର୍ଥ କର୍ମଚାରୀଙ୍କୁ ବିଦାୟପୂର୍ବକ ନୂତନ ଦକ୍ଷ ଶିକ୍ଷକ, କର୍ମଚାରୀ ନିୟୋଜିତ କରିବା ବ୍ୟବସ୍ଥା କଲେ ହୁଏତ ସ୍ମାର୍ଟ ସ୍କୁଲ ଅତ୍ୟଧିକ ଆକର୍ଷଣୀୟ ହେବା ସହିତ ବାସ୍ତବ ସାମାଜିକ ଉନ୍ନତି ହୋଇପାରିଥା'ନ୍ତା ବୋଲି ଆମ ବିଚାରରେ, ଆପଣଙ୍କ ମତ କ'ଣ ??

**ପଙ୍କଜ କୁମାର ପାଣିଗ୍ରାହୀ**
*ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଞ୍ଜାମ, ଦୂରଭାଷ.: ୯୪୩୭୩୨୪୯୧୭*




# ବାଲେଶ୍ୱର ପୌରପାଳିକାକୁ କର୍ପୋରେସନ ମାନ୍ୟତା ଦେବାରେ ବାଧକ ସାଜିଛି ଜିଲ୍ଲା ପ୍ରଶାସନ ଓ ଶାସକ ଦଳ

ବାଲେଶ୍ୱର,(ପି.ଏନ): ବାଲେଶ୍ୱର ଜନସାଧାରଣଙ୍କର ବହୁ ଦିନର ଦାବୀ ବାଲେଶ୍ୱର ମ୍ୟୁନିସିପାଲିଟିକୁ କର୍ପୋରେସନର ମାନ୍ୟତା ଦେବା କୁ ସରକାର ପ୍ରତ୍ୟାଖାନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବାଲେଶ୍ୱରର ପୂର୍ବତନ ବିଧାୟକ ତଥା ପୌରା□ଳ ନିର୍ବାଚନ ପାଇଁ ରାଜ୍ୟ ତରଫରୁ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲା ଦାୟିତ୍ୱରେ ଥିବା ପ୍ରଭାରୀ ଜୀପନ ପ୍ରଦୀପ ଦାସ ଏକ ସାମ୍ବାଦିକ ସମ୍ମିଳନୀରେ ଗୁରୁତର ଅଭିଯୋଗ କରିଛନ୍ତି। ସୂଚନା ଯୋଗ୍ୟ ଯେ ପାଖାପାଖି ସାଢ଼େ ୩ ବର୍ଷ ରାଜ୍ୟ ସରକାର ସହରା□ଳ ବାସୀଙ୍କୁ ନିର୍ବାଚିତ ଲୋକ ପ୍ରତିନିଧି ନ ଦେଇ ପ୍ରଶାସନିକ ଅଧିକାରୀ ଙ୍କ ମାଧ୍ୟମରେ ପୌରା□ଳ ଶାସନ ଭାର ଦେବା ନଗର ବାସୀଙ୍କ ସାମ୍ବିଧାନିକ ଅଧିକାରକୁ କ୍ଷୁର୍ଣ କରିଛନ୍ତି। ଓଡ଼ିଶାର ଉପକୂଳବର୍ତୀ ଜିଲ୍ଲାମାନଙ୍କ ମଧ୍ୟରେ ବାଲେଶ୍ୱର ସହର ଏକ ସଂସ୍କୃତି ସମ୍ପନ୍ନ ସହର ଓ ଶିକ୍ଷିତଅ□ଳ ଭାବେ ପରିଚିତ। ଚାନ୍ଦିପୁର ପରି ସୁବର୍ଣ୍ଣ ବେଳାଭୂମି ସହ ଆଇ.ଟି.ଆର,ପିଏକ୍ସଇ ଭଳି



ଗୁରୁତ୍ୱପୂର୍ଣ୍ଣ ସାମରିକ ସଂସ୍ଥାମାନ ଅଛି। ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ବିଧାୟକ ଥିଲା ବେଳେ ବାରମ୍ବାର ବାଲେଶ୍ୱର କୁ କର୍ପୋରେସନ ରେ ପରିଣତ କରିବା ପାଇଁ ବିଧାନସଭାରେ ଦାବି କରିଥିଲେ। ଏ ଦିଗରେ ମଧ ପ୍ରଶାସନିକ ପଦକ୍ଷେପ ନିଆଯାଇଥିଲା। ଏବଂ ମ୍ୟୁନିସିପାଲିଟି ଚତୁଃପାର୍ଶ୍ୱରେ ଥିବା ଗ୍ରାମା□ଳକୁ କର୍ପୋରେସନ ପରିସର ଭକ୍ତ କରିବା ପାଇଁ ସର୍ଭେକାର୍ଯ୍ୟ କରିବା ସହ ପ□ାୟତ ସରପ□ ଙ୍କ ଠାରୁ ଏନ.ଓ.ସି ମଧ ନିଆଯାଇଥିଲା। ଏହା ସତ୍ତ୍ୱେ ପୌର ନିର୍ବାଚନ ପୂର୍ବରୁ ବାଲେଶ୍ୱର କୁ କର୍ପୋରେସନର ମାନ୍ୟତା ନ ଦେବା ପ୍ରଶାସନିକ ଅବହେଳା ଓ ରାଜନୈତିକ ଅବିସନ୍ଧି ରହିଛି ବୋଲି ଅଭିଯୋଗ କରିଛନ୍ତି। ଦୀର୍ଘ ଦିନ ନିର୍ବାଚନ ନ କରି ବାଲେଶ୍ୱର, ଭଦ୍ରକ ଦୁଇଟି ଜିଲ୍ଲାରେ ଜିଲ୍ଲା ର ପୌରା□ଳରେ ବିକାଶ ମୂଳକ କାର୍ଯ୍ୟରେ ଅନ୍ୟମିତତା ହେବାର ଅଭିଯୋଗ ହେଉଛି। ସହରା□ଳ ପରିମଳ ଯୋଜନାରେ ପ୍ରକୃତ କାର୍ଯ୍ୟ କରା ନ ଯାଇ ବ୍ୟାପକ ଅର୍ଥ ହରିଲୁଟ କରାଯାଉଛି। ଏତେ ବିଳମ୍ବ ରେ ନିର୍ବାଚନ କରି ମଧ ୱାର୍ଡ଼ ପୂର୍ଣ୍ଣଗଠନ ଓ ସଂରକ୍ଷଣ ପ୍ରକ୍ରିୟାରେ ଶାସକ ଦଳର ପତିଆରା କୁ ବଜାୟୀ ରଖିବା ପାଇଁ ପାତର ଅନ୍ତର ନିତିରେ ଭୋଟର ଲିଷ୍ଟରେ ମଧ ବ୍ୟାପକ ଅନ୍ୟମିତତା କରାଯିବାର ଦେଖାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀ ରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ପୌର ନିର୍ବାଚନର ରାଜ୍ୟକମିଟି ସଦସ୍ୟ ଜୀବନ ପ୍ରଦୀପ ଦାସ, ଜିଲ୍ଲା ସଂଯୋଜକ ଲମ୍ବୋଦର ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଭଙ୍କର ମହାପାତ୍ର, ଜିଲ୍ଲା ଉପସଭାପତି କମଳଲୋଚନ ଦାସ, ନଗର ସଭାପତି ଚିତରଞ୍ଜନ ପଣ୍ଡା ଓ ଜିଲ୍ଲା ମିଡ଼ିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ ଯୋଗ ଦେଇଥିଲେ। କିନ୍ତୁ ବିଡ଼ମ୍ବନାର ବିଷୟ ଏହିକି ଯେ ଏହି ସାମ୍ବାଦିକ ସମ୍ମିଳନୀ ରେ କୌଣସି ମହିଳା ପ୍ରତିନିଧି କୁ ଦେଖିବାକୁ ମିଳିନଥିଲା। କାରଣ ବାଲେଶ୍ୱର ପୌରପାଳିକା ପଦପି ଅଧକ୍ଷା ଙ୍କ ପାଇଁ ସଂରକ୍ଷଣ ରହିଥିବା ବେଳେ ଓ ଅଧକ୍ଷା ପଦପି ସିଧା ସଳକ ଭାବେ ଭୋଟରଙ୍କ ଦ୍ୱାରା ନିର୍ବାଚିତ ହେବା ବିଧିବଧ ବ୍ୟବସ୍ଥା ରହିଛି। କିନ୍ତୁ ଏଠାରେ କୌଣସି ମହିଳା ପ୍ରତିନିଧିକୁ ଦେଖିବାକୁ ମିଳିନଥିଲା।

# ଭୁବନେଶ୍ୱରରେ ବରିଷ୍ଠନାଗରିକଙ୍କ ପାଇଁ ପୋଡକାଷ୍ଟ କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର,(ପି.ଏନ): ଆଜି ଏନ୍.ଆର୍.ସି.ଡବ୍ଲ୍ୟୁ.ଡି ଦ୍ୱାରା ପରିଚ୍ଚଳିତ ଆର୍.ଆର୍.ଟି.ସି ତରଫରୁ ରାଷ୍ଟ୍ରୀୟ ସାମାଜିକ ପ୍ରତିରକ୍ଷା ସଂସ୍ଥାନ(ଏନ୍.ଆଇ.ଏସ୍.ଡି), ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟ, ଭାରତ ସରକାର ଓ ମିଡିଆ ଫୋର୍ କମ୍ୟୁନିଟି ଫାଉଣ୍ଡେସନ୍‌ର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥ ଲୁମ୍ବିନୀବିହାରରେ ଅବସ୍ଥିତ ଆଂଚଳିକ ସାଧନ ଓ ପ୍ରଶିକ୍ଷଣ କେନ୍ଦ୍ର(ଆର୍.ଆର୍.ଟି.ସି)ଠାରେ ଓଡିଶାରେ ପ୍ରଥମ ବରିଷ୍ଠନାଗରିକଙ୍କ ପାଇଁ ପୋଡକାଷ୍ଟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ଏଥିସହ ଏନ୍.ଆଇ.ଏସ୍.ଡି ଦ୍ୱାରା ପାଇଲଟ୍ ପ୍ରକଳ୍ପ ଭାବେ ନୂତନ ଭାବେ ଆରମ୍ଭ ହୋଇଥିବା ଅନୁଭବ ପ୍ରକଳ୍ପ ସମ୍ପର୍କୀତ ଏକ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଭୟ ଅଫଲାଇନ୍ ଓ ଅନ୍‌ଲାଇନ୍‌ରେ ଆୟୋଜିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ଯୋଗ ଦେଇ ଏହି ପୋଡକାଷ୍ଟ କେନ୍ଦ୍ରକୁ ଉଦ୍‌ଘାଟନ କରିବା ସହ ଆଧୁନିକ ସମାଜରେ ସନ୍ତାନସନ୍ତତିମାନେ ବୟସ୍କ ପିତାମାତାଙ୍କୁ ନ ପଚ୍ଚରିବା ବା ତାଙ୍କର ଯତ୍ନ ନେବାର ନଜିର ଅନେକ ରହିଛି, ଯେହେତୁ ସନ୍ତାନସନ୍ତତିମାନେ ବୟସ୍କ ପିତାମାତାମାନଙ୍କର ବା ବ୍ୟୟୋଜ୍ୟେଷ୍ଠବ୍ୟକ୍ତି ମାନଙ୍କର ଉପଯୁକ୍ତ ଯତ୍ନ ନେଉନାହାଁନ୍ତି, ସେଥିପାଇଁ ବରିଷ୍ଠନାଗରିକମାନଙ୍କୁ ଏକ ସୁଖଶାନ୍ତିର ବାତାବରଣ ଯୋଗାଇ ଦେବା ପାଇଁ ସରକାର ଅନ୍ୟ ଦିଗ ଉପରେ ଚନ୍ତନ କରିଛନ୍ତି, ସେଥିମଧ୍ୟରୁ ଉଭୟ ରାଷ୍ଟ୍ରୀୟ ସାମାଜିକ ପ୍ରତିରକ୍ଷା ସଂସ୍ଥାନ(ଏନ୍.ଆଇ.ଏସ୍.ଡି), ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟ, ଭାରତ ସରକାର ଓ ମିଡିଆ ଫୋର୍ କମ୍ୟୁନିଟି ଫାଉଣ୍ଡେସନ୍‌ର ମିଳିତ ଉଦ୍ୟମରେ ଭାରତରେ ୧୦ଟି ପୋଡକାଷ୍ଟ କେନ୍ଦ୍ର ସ୍ଥାପିତ ହୋଇଛି । ଏହି ପୋଡକାଷ୍ଟ କେନ୍ଦ୍ରରେ ବରିଷ୍ଠନାଗରିକମାନେ ସେମାନଙ୍କର ଅଭିଜ୍ଞତାକୁ ସାରା ଭାରତରେ ସେୟାର କରିପାରିବେ। ଏତଦ୍ ବ୍ୟତୀତ ବୟସ୍କ ଲୋକମାନେ କିଭଳି ଚଳଚଂଚଳ ରହିବେ ଓ ବ୍ୟକ୍ତିଗତସ୍ତରରେ ନିଜକୁ ଯତ୍ନ ନେବାକୁ ପଡିବ ବୋଲି ସେ ଗୁରୁତ୍ୱର ସହ କହିଥିଲେ। ସେ ସ୍ୱୟଂ ବ୍ୟୟୋଜ୍ୟେଷ୍ଠ ବ୍ୟକ୍ତି ହୋଇଥିବାରୁ ନିଜର ସ୍ୱାସ୍ଥ୍ୟର ଯତ୍ନ କିଭଳି ନେଉଛନ୍ତି ଉଦାହରଣ ଛଳରେ ନିଜର ଅଭିଜ୍ଞତାକୁ ବ୍ୟୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ସମ୍ମୁଖରେ ପରିପ୍ରକାଶ କରିଥିଲେ । ଏହାଛଡା ସେ କହିଲେ ଯେ, ଋଷି ଓ ସନ୍ନ୍ୟାସୀଙ୍କ ପରି ବରିଷ୍ଠନାଗରିକମାନେ ବଂଚିବାପାଇଁ ଉଦ୍ୟମ କରିବା ଉଚିତ୍ । ବ୍ୟୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ସୁଖଶାନ୍ତି ପାଇଁ ସରକାରଙ୍କ ପୋଡକାଷ୍ଟ କେନ୍ଦ୍ର ପ୍ରତିଷ୍ଠା ନିଶ୍ଚିତଭାବେ ଏକ ଗଠନମୂଳକ ଉଦ୍ୟମ । ବରିଷ୍ଠନାଗରିକମାନେ ଏହାର ଫାଇଦା ପାଇପାରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ । ଆୟୋଜିତ ହୋଇଥିବା ଏହି ଉଦ୍‌ଘାଟନ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ମିଡିଆ ଫୋର୍ କମ୍ୟୁନିଟି ଫାଉଣ୍ଡେସନ୍‌ର ସଙ୍କେତ ମହାଜନ, ଓଡିଶା ଗୋଷ୍ଠୀ ବେତାର ସଙ୍ଗଠନର ସଭାପତି ଡ. ଶିଶିର ଦାସ, ରେଡିଓ ବୁଲ୍‌ବୁଲ୍ ତଥା ଓଡିଶା ଗୋଷ୍ଠୀ ବେତାର ସଙ୍ଗଠନର ସମ୍ପାଦକ ଶେଖ୍ ମହମ୍ମଦ ନିଆଜ୍ ଏବଂ ରେଡିଓ ସୋଆର ଶୁଭସ୍ମିତା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟୁନ ୪୦ଜଣ ଲୋକ ଯଥା ବ୍ୟୟୋଜ୍ୟେଷ୍ଠ ବ୍ୟକ୍ତି, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତା, ବରିଷ୍ଠ ନାଗରିକ ବାସସ୍ଥାନର ଅନ୍ତେବାସୀଗଣ, ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧିବୃନ୍ଦ, ସରକାରୀ କର୍ମଚ୍ଚରୀ ବୃନ୍ଦ ଯୋଗ ଦେବା ସହ କିଛି ବରିଷ୍ଠ ନାଗରିକ ସେମାନଙ୍କର ଅନୁଭୂତି ବା ଅଭିଜ୍ଞତାକୁ ସେୟାର କରିଥିଲେ । ଏହି ଅବସରରେ ଭାରତ ସରକାରଙ୍କ ଅନୁଦାନରେ ସ୍ୱେଚ୍ଛାସେବୀ ସଙ୍ଗଠନମାନଙ୍କ ଦ୍ୱାରା ପରିଚ୍ଚଳିତ କିଛି ବରିଷ୍ଠ ନାଗରିକ ବାସସ୍ଥାନର ଅନ୍ତେବାସୀମାନଙ୍କର ଲୁକ୍‌କାୟିତ ପ୍ରତିଭା ଯେପରି କବିତା ଆବୃତି,ଗୀତ ଗାଇବା ଆଦିକୁ ପୋଡକାଷ୍ଟ ମାଧ୍ୟମରେ ରେକଡିଂ କରାଯାଇଥିଲା ଏବଂ ସେମାନଙ୍କୁ ଏ ବିଷୟରେ ପ୍ରଶିକ୍ଷଣ ମଧ୍ୟ ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଏନ୍‌ଆରସିଡବ୍ଲୁର ଯୁଗ୍ମ ସମ୍ପାଦିକା ଶର୍ମିଳୀ ପରିଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ମିଡିଆ ଫୋର୍ କମ୍ୟୁନିଟି ଫାଉଣ୍ଡେସନ୍‌ର ବୋର୍ଡ ମେମ୍ବର ସଙ୍କେତ ମହାଜନ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଅଂଶଗ୍ରହଣକାରୀମାନଙ୍କୁ ଅବଗତ କରାଇଥିଲେ । ବରିଷ୍ଠନାଗରିକଙ୍କ ଲୁକ୍‌କାୟିତ ପ୍ରତିଭା ବା ସ୍ୱରକୁ ସମାଜକୁ ଆଣିବା ପାଇଁ ଓ ଯୁବଗୋଷ୍ଠୀକୁ ନୂତନ ଦିଗ୍‌ଦର୍ଶନ ଦେବାପାଇଁ ସରକାର ଏହି ପୋଡକାଷ୍ଟ କେନ୍ଦ୍ରମାନ ପ୍ରତିଷ୍ଠା କରିଛନ୍ତି ବୋଲି ଶ୍ରୀ ମହାଜନ କହିଛନ୍ତି । ଏହି କେନ୍ଦ୍ରମାନଙ୍କୁ ଯେ କେବଳ ବରିଷ୍ଠ ନାଗରିକମାନେ ପରିଚ୍ଚଳନା କରିବେ ତା'ନୁହେଁ, ସେମାନେ ସେମାନଙ୍କର ଅନୁଭୂତିକୁ ରେକଡିଂ ମାଧ୍ୟମରେ ଆଇ. ରେଡିଓ ଲାଇଭ୍ ଜରିଆରେ ଦେଶର କୋଣ ଅନୁକୋଣରେ ବର୍ଷକୁ ୧୦୦ଟି କାର୍ଯ୍ୟକ୍ରମ ମାଧ୍ୟମରେ ପହଂଚାଇ ପାରିବେ । ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ନାଗେଶ୍ୱର ପଟ୍ଟନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଥିଲେ ଯେ, ବରିଷ୍ଠ ନାଗରିକଙ୍କ ସୁରକ୍ଷା ପାଇଁ ସରକାର ଏକ ଗଠନ ମୂଳକ ଆଇନ୍ ଆଣିବା ଏକାନ୍ତ ଆବଶ୍ୟକ । ଏତଦ୍ ବ୍ୟତୀତ କୋଭିଡ୍ ପାଇଁ ଯେଉଁମାନେ ଦୂରସ୍ଥାନରୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ପାରି ନାହାଁନ୍ତି ସେମାନଙ୍କ ପାଇଁ ଆୟୋଜକ ଅନ୍ୟ ବ୍ୟବସ୍ଥା (ଯେପରି ଅନ୍‌ଲାଇନ୍‌ରେ ଗୁଗୁଲ ମିଟ୍ ମାଧ୍ୟମରେ) ମଧ୍ୟ କରିଥିଲେ । ଏହି ଗୁଗୁଲମିଟ୍‌ରେ ମଧ୍ୟ ଅନେକ ଅଂଶଗ୍ରହଣକାରୀମାନେ ଯୋଗ ଦେଇଥିଲେ । ରାଷ୍ଟ୍ରୀୟ ସାମାଜିକ ପ୍ରତିରକ୍ଷା ସଂସ୍ଥାନର ଡେପୁଟି ଡାଇରେକ୍ଟର ଡକ୍ଟର ଏଚ୍.ସି ଶ୍ରୀଧରା ଚନ୍ନାକେଶବା ରଙ୍ଗା ରେଡ୍ଡୀ ଓ ମିଡିଆ ଫୋର୍ କମ୍ୟୁନିଟି ଫାଉଣ୍ଡେସନ୍‌ର ଡ. ଶ୍ରୀଧର ରାମମୂର୍ତ୍ତି, ଭାରତୀ ଚକ୍ର, ଓଡିଶା ରାଜ୍ୟ ମୁଖ୍ୟ , ହେଲପ୍ ଏଜ୍ ଇଣ୍ଡିଆ, ଡ. ଏନ୍. ଏ ଶାହ ଅଂସାରି ପ୍ରମୁଖ ଗୁଗୁଲ ମିଟ୍ ଜରିଆରେ ଯୋଗଦାନ କରି ନିଜର ବକ୍ତବ୍ୟ ରଖି ଅଂଶଗ୍ରହଣକାରୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବାସନ୍ତୀ ବେହେରା, ପ୍ରେରଣା ଦାଶ, ଲୀତା ପ୍ରହରାଜ, ଗୀତା ପ୍ରହରାଜ, ଶର୍ମିଳୀ ପରିଡା, ସାଗର ରାଉତରାୟ, କୁନି ଦେଇ, ଆନନ୍ଦ ଚନ୍ଦ୍ର ପଟ୍ଟନାୟକ, ଯୋଗେଶ ଚନ୍ଦ୍ର ନାୟକ, ରାଜେଶ କୁମାର ଦାସ, ସଂଯୁକ୍ତା ରାଣୀ ଦାଶ, ନିରାକାର ଦାଶ, ପଦ୍ମିନୀ ରାଉତ, ବର୍ଷା ସାହୁ, ସମୀର ପରିଡା, ଅଂଜଳି ନାୟକ, କାର୍ତ୍ତିକା ପ୍ରମୁଖ ସୁଚାରୁରୂପେ ପରିଚ୍ଚଳନା କରିଥିଲେ । ଶେଷରେ ଏନ୍.ଆର୍.ସି ଡବ୍ଲ୍ୟୁ.ଡିର ସମ୍ପାଦକ ସୁକାନ୍ତ କୁମାର ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନବୀନ ସରକାର ଦ୍ୱାରା କଟକରେ ଉର୍ଦ୍ଦୁ ସେକେଣ୍ଡାରୀ ଟ୍ରେନିଂ ସ୍କୁଲକୁ ବନ୍ଦ କରିବା ନିଷ୍ପତି ଦୁର୍ଭାଗ୍ୟଜନକ : ୟାସିର ନୱାଜ, ସଭାପତି

ଭୁବନେଶ୍ୱର ,(ପି.ଏନ): ନବୀନ ସରକାର ଦ୍ୱାରା କଟକରେ ଉର୍ଦ୍ଦୁ ସେକେଣ୍ଡାରୀ ଟ୍ରେନିଂ ସ୍କୁଲକୁ ବନ୍ଦ କରିବା ନିଷ୍ପତି ଦୁର୍ଭାଗ୍ୟଜନକ ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନରେନ୍ଦ୍ର ମୋଦୀଙ୍କୁ ଖୁସି କରିବାକୁ ଯାଇ ଏହିଭଳି ନିଷ୍ପତି ନେଇଛନ୍ତି। ଏହି ଟ୍ରେନିଂ ସ୍କୁଲ ବନ୍ଦହୋଇଗଲେ ଓଡ଼ିଶାର ମୁସଲମାନ ସଂଖ୍ୟାଲଘୁ ଛାତ୍ରଛାତ୍ରୀ ମାନେ ବ୍ୟାପକ ଭାବରେ କ୍ଷତିଗ୍ରସ୍ତ ହେବେ। ୧୯୧୨ ମସିହାରୁ କଟକର ଶେଖ ବଜାରରେ ଉର୍ଦ୍ଦୁ ସେକେଣ୍ଡାରୀ ଟ୍ରେନିଂ ସ୍କୁଲ ପ୍ରତିଷ୍ଠା ହୋଇଛି। ଉର୍ଦ୍ଦୁ ମାଧ୍ୟମରେ ପ୍ରାଥମିକ ଶିକ୍ଷକ ଟ୍ରେନିଂ ନିମନ୍ତେ ଏହି ଅନୁଷ୍ଠାନଟି ଉଦ୍ଦିଷ୍ଟ। ଏହି ଅନୁଷ୍ଠାନରୁ ପିଲମାନେ ପରୀକ୍ଷାରେ ପାଶ କରିଲାପରେ ଉର୍ଦ୍ଦୁ ସିଟି ସାର୍ଟିଫିକେଟ ପାଇ ପ୍ରାଥମିକ ଶିକ୍ଷକ ଭାବରେ ନିଯୁକ୍ତି ପାଆନ୍ତି। କିନ୍ତୁ ଗତବର୍ଷରୁ ଏହି ଉର୍ଦ୍ଦୁ ଶିକ୍ଷାନୁଷ୍ଠାନରେ ପିଲାମାନଙ୍କୁ ଆଡମିଶନ କରାଯାଇନାହିଁ। ବର୍ତମାନ ଓଡ଼ିଶା ସରକାର ଉର୍ଦ୍ଦୁ ସେକେଣ୍ଡାରୀ ସିଟି ଟ୍ରେନିଂ ସ୍କୁଲକୁ ବନ୍ଦ କରିଦେବେ। ଓଡ଼ିଶାର ନବୀନ ସରକାର କେନ୍ଦ୍ରର ବିଜେପି ସରକାର ସହିତ ହାତ ମିଳାଇ ଓଡ଼ିଶାରେ ମୁସଲମାନ ମାନଙ୍କର ସବୁ ସରକାରୀ ଅନୁଷ୍ଠାନକୁ ଅଚଳ କରିବା ସହିତ ଏବେ ବନ୍ଦ କରିଦେବାକୁ ବସିଛନ୍ତି। ଉର୍ଦ୍ଦୁ ସିଟି ଟ୍ରେନିଂ ସ୍କୁଲ ଦ୍ୱାରା ଅନେକ ଉର୍ଦ୍ଦୁ ଭାଷାଭାଷି ମୁସଲମାନ ଛାତ୍ରଛାତ୍ରୀ ମାନେ ଉର୍ଦ୍ଦୁ ଶିକ୍ଷକ ପଦବୀରେ ନିଯୁକ୍ତି ପାଇଛନ୍ତି। ଏହି ଉର୍ଦ୍ଦୁ ଅନୁଷ୍ଠାନଟି ବନ୍ଦ ହୋଇଗଲେ କେବଳ ମେଧାବୀ ମୁସଲମାନ ଛାତ୍ରଛାତ୍ରୀ ମାନଙ୍କର କ୍ଷତି ହେବ। ଅନେକ ମୁସଲମାନ ଯୁବକ ଯୁବତୀମାନେ ସରକାରୀ ଶିକ୍ଷକ ନିଯୁକ୍ତିରୁ ବଂଚିତ ହେବେ। ମୁସଲମାନ ମାନେ ସରକାରୀ ଚାକିରୀରେ ବହୁତ କମ ଅଛନ୍ତି ଏବଂ ଏହି ଉର୍ଦ୍ଦୁ ଅନୁଷ୍ଠାନକୁ ବନ୍ଦ କରିଦେଲେ ମୁସଲମାନ ଯୁବକ ଯୁବତୀମାନେ ସରକାରୀ ଚାକିରୀ ନିଯୁକ୍ତିରୁ ବଂଚିତ ହେବେ ଯାହାକି ମୁସଲମାନ ସମ୍ପ୍ରଦାୟ ପ୍ରତି ବିଜେଡ଼ିଇ ସରକାର ବହୁତ ବଡ଼ ଅନ୍ୟାୟ କରିବାକୁ ଯାଉଛି। କଂଗ୍ରେସ ସରକାର ସମୟରେ ଓଡ଼ିଶାରେ ଥିବା ୱାକଫ ବୋର୍ଡ, ହଜ କମିଟି, ଉର୍ଦ୍ଦୁ ଏକାଡେମି, ମଦ୍ରସା ବୋଡ଼ ଇତ୍ୟାଦିର ଗଠନ ହୋଇଥିଲା, କିନ୍ତୁ ବିଜେଡ଼ିର ନବୀନ ଓ ସରକାର ଏହି ସବୁ ଅନୁଷ୍ଠାନକୁ ଅଚଳ କରିଦେଇ ପରିଚାଳନା କମିଟିକୁ ଗଠନ କରୁନାହିଁ। ଭାରତର ଅଧିକାଂଶ ରାଜ୍ୟରେ ସଂଖ୍ୟାଲଘୁ କମିସନ ଗଠନ ହୋଇଯାଇଛି କିନ୍ତୁ ଓଡ଼ିଶା ବିଜେଡ଼ି ସରକାର ସଂଖ୍ୟାଲଘୁ କମିସନ ଗଠନ କରୁନାହାନ୍ତି କାରଣ ସଂଖ୍ୟାଲଘୁ କମିସନ ଗଠନ ହେଲେ ସାମ୍ବିଧାନିକ ଅଧିକାର ପାଇଯିବେ। ସଂଖ୍ୟାଲଘୁ ସମ୍ପ୍ରଦାୟର ବେକାର ଯୁବକ ଯୁବତୀମାନଙ୍କ ପାଇଁ କଂଗ୍ରେସର ତତ୍କାଳୀନ କଂଗ୍ରେସର ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟନାୟକ ସମୟରେ ନ୍ତସଂଖ୍ୟାଲଘୁ ଅର୍ଥ ନିଗମନ୍ତ ଗଠନ କରାଯାଇ ଅଳ୍ପ ସୁଧରେ ଋଣ ଯୋଗାଣ କରାଯାଉଥିଲା ବିଜେଡ଼ି ସରକାର ତାହାକୁ ବନ୍ଦ କରିଦେଇଛନ୍ତି। ବର୍ତମାନ ଓଡ଼ିଶାର ସର୍ବ ପୁରାତନ ୧୧୦ ବର୍ଷରୁ ଉର୍ଦ୍ଦୁ ସେକେଣ୍ଡାରୀ ସିଟି ଟ୍ରେନିଂ ସ୍କୁଲକୁ ନବୀନ ସରକାର ବନ୍ଦ କରିବା ପାଇଁ ଚକ୍ରାନ୍ତ ଚଳାଇଛନ୍ତି, ଯଦି ଓଡ଼ିଶା ସରକାର ଏହାକୁ ବନ୍ଦ କରନ୍ତି ତେବେ ଓଡ଼ିଶା ଛାତ୍ର କଂଗ୍ରେସ କଦାପି ବରଦାସ୍ତ କରିପାରିବ ନାହିଁ। ସରକାରଙ୍କ ଏହି ନିଷ୍ପତି ବିରୁଦ୍ଧରେ ରାଜରାସ୍ତାରେ ଲଢ଼େଇ କରିବା ପାଇଁ ଓଡ଼ିଶା ଛାତ୍ର କଂଗ୍ରେସ ପ୍ରସ୍ତୁତ ଅଛି। ତେଣୁ ଓଡ଼ିଶା ସରକାର କେନ୍ଦ୍ରର ବିଜେପି ସରକାରର ହାତବାରିଶି ନ ହୋଇ, ଉର୍ଦ୍ଦୁ ସେକେଣ୍ଡାରୀ ସିଟି ଟ୍ରେନିଂ ସ୍କୁଲକୁ ପୁନର୍ବାର ପରିଚାଳିତ କରନ୍ତୁ, ନଚେତ ଆଗାମୀ ଦିନରେ ଛାତ୍ର କଂଗ୍ରେସ ବୃହତ ଆନ୍ଦୋଳନ କରିବ।

# ବେସାରିକ ଯୋଗାଣ ବିଭାଗ ଦ୍ୱାରା ପରିଚାଳିତ ଏଚ୍‌ପିସିଏଲ ଗ୍ୟାସ୍ ଗୋଦାମ ପାଇଁ ଜମି ଯୋଗାଇ ଦେବାକୁ ଦାବୀ

କେନ୍ଦୁଝର(ପିଏନ): ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ମିଳୁନଥିବାରୁ ଡିଲରସିପ ବନ୍ଦ ହେବାକୁ ଯାଉଛି। ନିଜସ୍ୱ ଗୋଦାମ ଘର ନଥିବାରୁ ବିଭିନ୍ନ ବିଭାଗର ଯଥା ଏକ୍ସପ୍ଲୋସିଭ ଲାଇସେନ୍ସ, ଫାୟରସେପ୍ଟି ଲାଇସେନ୍ସ ୨୬ ବର୍ଷ ଧରି ମିଳିପାରୁନାହିଁ। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ପାଇଁ ବାରମ୍ବାର ସଦର ତହସିଲକୁ ଆବେଦନ କଲେ ମଧ୍ୟ ଜମି ନଥିବା କହି ତହସିଲ ପକ୍ଷରୁ ଅଗ୍ରାହ୍ୟ କରାଯାଉଛି। କେନ୍ଦୁଝର ସଦର ମହକୁମାରେ ଜନାକୀର୍ଣ୍ଣ ତଥା ଶିକ୍ଷାନୁଷ୍ଠାନକୁ ସଂଲଗ୍ନ ଥାଇ ଏକ ବିପଦସଂକୁଳ ଘରେ ଗ୍ୟାସ୍ ଗୋଦାମ ଚାଲୁଥିବାବେଳେ ଜମି ମିଳୁନଥିବାରୁ ଗୋଦାମ ଘର ହୋଇପାରୁନଥିବା ଜଣାପଡିଛି। ତେବେ ସୁରକ୍ଷା ଦୃଷ୍ଟି କୋଣରୁ ଗ୍ୟାସ ଗୋଦାମ ଜନବସତିଠାରୁ ଦୂରରେ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ରାଜସ୍ୱ ବିଭାଗ ଆବଶ୍ୟକୀୟ ଜମି ଯୋଗାଇ ଦେଉନଥିବାରୁ ଗ୍ୟାସ ଗୋଦାମ ଅନ୍ୟତ୍ର ସ୍ଥାନାନ୍ତର ହୋଇ ପାରୁନାହିଁ। ଓଡିଶା ସରକାରଙ୍କ ଖାଉଟି କଲ୍ୟାଣ ଓ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଯୋଗାଣ ନିଗମ ନିଗମ ଲିମିଟେଡ ଦ୍ୱାରା ପରିଚାଳିତ ଏହି ଗ୍ୟାସ ଗୋଦାମ ଆବଶ୍ୟକୀୟ ସୁରକ୍ଷା ଅଭାବରୁ ଏହାକୁ ଏଲପିଜି ବିତରଣ କରୁଥିବା କମ୍ପାନୀ ବନ୍ଦ କରିବାକୁ ସ୍ୱଷ୍ଟ ଭାବେ ଜଣାଇଛି। ଏଚ୍‌ପିସିଏଲର ଡିଜିଏମ ଧର୍ମେନ୍ଦ୍ର ବେହୁରା ଗୋଦାମ ଘର ନଥିବାରୁ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଆଡହକ ଡିଲରସିପ ୩୦ ନଭେମ୍ବର ୨୦୨୦ରେ ବନ୍ଦ କରିବାକୁ ଜିଲ୍ଲା ପରିଚାଳକ ବେସାମରିକ ଯୋଗାଣ ଅଧିକାରୀଙ୍କୁ ଚିଠି କରି ଜଣାଇବା ପରେ କେନ୍ଦୁଝର ସହରରେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହି ଡିଲରସିପ ଅଧିନରେ ୧୭,୪୦୦ ଉପଭୋକ୍ତା ଅଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହରରେ ଏଚ୍‌ପିସିଏଲ କମ୍ପାନୀ ତରଫରୁ ଗ୍ୟାସ ଯୋଗାଇବା ପାଇଁ ପୂର୍ବରୁ ମେସର୍ସ କେନ୍ଦୁଝର ଗ୍ୟାସ ଏଜେନ୍ସିକୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା। ତେବେ ଅନିୟମିତତା ଅଭିଯୋଗରେ ୧୯୯୬ ମସିହାରେ ଏହାର ଲାଇସେନ୍ସ ସସପେଣ୍ଡ ହୋଇଥିଲା। ଏହାପରେ ଏ ସଂପର୍କିତ ଏକ ମାମଲା କୋର୍ଟରେ ବିଚାରଧିନ ଥିବାବେଳେ ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାମରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ସେବେଠାରୁ ବେସାମରିକ ଯୋଗାଣ ବିଭାଗ ସୁଚାରୁରୁପେ ଏଲପିଜି ସିଲିଣ୍ଡର ଲୋକମାନଙ୍କୁ ଘରକୁ ଘର ଗାଡି ଦ୍ୱାରା ସୁଚାରୁରୂପେ ଗ୍ୟାସ ସିଲିଣ୍ଡର ଯୋଗାଣ କରିଆସୁଛି। ଏହି ସଂସ୍ଥା ୨୬ ବର୍ଷ ଧରି ସୁରୁଖୁରୁରେ ଚାଲି ଆସୁଥିବାବେଳେ ବନ୍ଦ ହେଲେ ଗ୍ୟାସ ବିତରଣରେ ବିଭ୍ରାଟ ହେବ ଏବଂ ଉପଭୋକ୍ତାମାନେ ହଇରାଣ ହେବ ବୋଲି ବହୁ ଜନସାଧାରଣ ପ୍ରକାଶ କରିଛନ୍ତି। ଏ ନେଇ ଶୁକ୍ରବାର ଦିନ ବରଦା ପ୍ରସନ୍ନ ଦାସ, ରୁଦ୍ର ନାରାୟଣ ମହାନ୍ତ, ସୁଧାଂଶୁ ଶେଖର ସାହୁ, ଅସିତ୍ ପଟ୍ଟନାୟକ, ରମେଶ ଚନ୍ଦ୍ର ନାୟକ, ରବିନ୍ଦ୍ର କୁମାର ସେଠୀ, ବାସୁଦେବ ରାଜ, ମନୋରଞ୍ଜନ ମଙ୍ଗରାଜ, ଶୁଭେନ୍ଦୁ ସାହୁ, କବିଚରଣ ନାୟକ, ଅଜୟ ଅଗ୍ରୱାଲ, ଅନୀଲ ଅଗ୍ରୱାଲ, କାର୍ତ୍ତିକ ସେଠୀ, ସୌରଭ ମହାପାତ୍ର, ଗୌତମ ମହାପାତ୍ର, ଶାନ୍ତନୁ ମହାନ୍ତି, ଶୁକୁମାର ଦେ,ରଜତ କୁମାର ଗିରି, କୈଳାଶ ଚନ୍ଦ୍ର ଜେନା,ଦେବେନ୍ଦ୍ର ନାଥ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସଂଜୟ କୁମାର ମହାନ୍ତ, ରାକେଶ କୁମାର ସାହୁ, ରାମଚନ୍ଦ୍ର ସେଠୀ,ସଂଜୟ କୁମାର ପଣ୍ଡା, ସତ୍ୟାନନ୍ଦ ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ମନୋଜ କୁମାର ମହାନ୍ତ,ଏମଡି ଇରସାଦ, ସୁବାସ ଚନ୍ଦ୍ର ସାହୁ, ଧରଣୀଧର ମହାନ୍ତ, ନାରାୟଣ ନାୟକ, ପ୍ରଶାନ୍ତ କୁମାର ଭଞ୍ଜଦେଓ ପ୍ରମୁଖଏକ ଦାବୀ ପତ୍ର ମାଧ୍ୟମରେ ବେସାରିକ ଯୋଗାଣ ବିଭାଗକୁ ୧ ଏକର ଜମି ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଦାବୀ କରିଛନ୍ତି।

## ଏମ୍‌ସ ଭୁବନେଶ୍ୱରରେ ବାର୍ଦ୍ଧକ୍ୟ ରୋଗ ଜନିତ ଚିକିତ୍ସା ସମ୍ପର୍କୀତ ରାଜ୍ୟସ୍ତରୀୟ ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୩।୨(ପି.ଏନ) ୨୦୩୧ ସୁଦ୍ଧା ଭାରତର ମୋଟ ଜନସଂଖ୍ୟାର ୧୩.୧ ପ୍ରତିଶତ ବରିଷ୍ଠ ନାଗରିକଙ୍କୁ ନେଇ ପୂରଣ ହେବ। ତେଣୁ, ଜିଲ୍ଲା ତଥା ତୃଣମୂଳସ୍ତରରେ ଥିବା ମାନବସମ୍ବଳ ଏବଂ ଭିତ୍ତିଭୂମିକୁ ସଠିକ ବିନିଯୋଗପୂର୍ବକ ବରିଷ୍ଠ ନାଗରିକଙ୍କ ସମ୍ପୂର୍ଣ୍ଣ ଯତ୍ନ ବର୍ତ୍ତମାନ ସମୟର ଏକ ବଡ଼ ଆହ୍ୱାନ। ଏମ୍‌ସ ଭୁବନେଶ୍ୱରର କମ୍ୟୁନିଟି ମେଡିସିନ୍ ଏବଂ ଫ୍ୟାମିଲି ମେଡିସିନ୍ ବିଭାଗ ପକ୍ଷରୁ ଆୟୋଜିତ ବାର୍ଦ୍ଧକ୍ୟ ରୋଗ ଜନିତ ଚିକିତ୍ସା ସମ୍ପର୍କୀତ ରାଜ୍ୟସ୍ତରୀୟ ତାଲିମ କାର୍ଯ୍ୟକ୍ରମରେ ଏପରି ମତବ୍ୟକ୍ତ କରିଛନ୍ତି ବିଭିନ୍ନ ସରକାରୀ ପ୍ରତିଷ୍ଠାନରୁ ଆସିଥିବା ବରିଷ୍ଠ ବିଶେଷଜ୍ଞମଣ୍ଡଳୀ। ଜାତୀୟ ସ୍ୱାସ୍ଥ୍ୟ ମିଶନ, ଓଡ଼ିଶାର ମିଳିତ ସହଯୋଗରେ ଆୟୋଜିତ ଏହି ତିନି ଦିନିଆ ତାଲିମ କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କ୍ୟାପିଟାଲ ହସ୍‌ପିଟାଲ ଭୁବନେଶ୍ୱର ଏବଂ ଇସ୍ପାତ ଜେନେରାଲ ହସ୍‌ପିଟାଲ ରାଉରକେଲାର ମେଡିସିନ୍ ଏବଂ ଅନ୍ୟାନ୍ୟ ବିଭାଗର ବିଶେଷଜ୍ଞ ତଥା ବରିଷ୍ଠ ଡାକ୍ତରମାନେ ଅଂଶଗ୍ରହଣ କରିଥିଲେ। ବାର୍ଦ୍ଧକ୍ୟ ଅବସ୍ଥାରେ ସମ୍ପୂର୍ଣ୍ଣ ଚିକିତ୍ସା ତଥା ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଏହି ତିନିଦିନିଆ ଶିବିରରେ ତାଲିମ ପ୍ରଦାନ କରାଯାଇଥିଲା। ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ନିରଂଜନ ମିଶ୍ର, ରାଜ୍ୟ ଏନ୍‌ସିଡି ସେଲର ଡ. ସୁଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ଅଦ୍ୟାବଧି ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟସେବାକୁ ନେଇ ରହିଥିବା ନାନା ପ୍ରତିବନ୍ଧକ ତଥା ଏହାର ପ୍ରତିକାର ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ। ଏହି ଶିବିରରୁ ତାଲିମ ନେଇଥିବା ମାର୍ଷ୍ଟ ତାଲିମଦାତାମାନେ ସେମାନଙ୍କର ସଂପୃକ୍ତ ଅଂଚଳରେ ଉତ୍ସର୍ଗୀକୃତ ଭାବେ ବାର୍ଦ୍ଧକ୍ୟ ଅବସ୍ଥାରେ ଆବାଶ୍ୟକ ହେଉଥିବା ଚିକିତ୍ସା ସମ୍ବନ୍ଧରେ ତଦାରଖ କରିବେ। ଗ୍ରାମାଂଚଳରେ ବରିଷ୍ଠ ନାଗରିକମାନଙ୍କୁ ବାର୍ଦ୍ଧକ୍ୟ ଅବସ୍ଥା ଜନିତ ରୋଗର ଉପଯୁକ୍ତ ଚିକିତ୍ସା ପ୍ରଦାନନେଇ କ୍ଷେତ୍ର ପ୍ରସ୍ତୁତ କରିବା ଏହି ତାଲିମ ଶିବିରରେ ପ୍ରମୁଖ ଲକ୍ଷ୍ୟ ଥିଲା। ମେଡିସିନ୍, ଗ୍ୟାଷ୍ଟ୍ରୋଏଂଟେରୋଲୋଜି, ଫିଜିକାଲ୍ ମେଡିସିନ୍ ଏବଂ ପୁନର୍ବାସ, ୟୁରୋଲୋଜି, ସ୍ନାୟୁବିଜ୍ଞାନ, ପଲ୍ମୋନାରି ମେଡିସିନ୍, ଅଙ୍କୋଲୋଜି, ସାଇକିଆଟ୍ରି, ଏଣ୍ଡୋକ୍ରାଇନୋଲୋଜି ଏବଂ କାର୍ଡିଓଲୋଜି ଭଳି ବିଭିନ୍ନ ବିଭାଗର ବିଶେଷଜ୍ଞଙ୍କୁ ନେଇ ଗଠିତ ଏକ ବହୁମୁଖୀ ଦଳ ଏହି ତିନି ଦିନିଆ ତାଲିମ କାର୍ଯ୍ୟକ୍ରମରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲା।

## କେନ୍ଦୁଝର ଜିଲ୍ଲା ଜୋନ-୭ ର ପଣ୍ଡାପଡା ଓ ମସିଣାଯୋଡି ବୁଥ୍‌ରେ ବ୍ୟାପକ ରିଗିଂ ପ୍ରସଙ୍ଗରେ ରାଜ୍ୟ ନିର୍ବାଚନ କମିଶନଙ୍କୁ ତଥ୍ୟ ପ୍ରମାଣ ସହ ଅବଗତ

ଭୁବନେଶ୍ୱର, ୨୩।୨(ପି.ଏନ) କେନ୍ଦୁଝର ଜିଲ୍ଲା ଘଷିପୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଘଟଗାଁ ବ୍ଲକର ୭ ନମ୍ବର ଜିଲ୍ଲା ପରିଷଦ ଜୋନ ଅନ୍ତର୍ଗତ ପଣ୍ଡାସାହି, ମସିଣାଯୋଡି ଗ୍ରାମର ୭,୮ ଓ ୯ ନମ୍ବର ବୁଥ୍‌ରେ ଗତ ୧୬ ତାରିଖ ଦିନ ଅନୁଷ୍ଠିତ ହୋଇଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଶାସକ ବିଜେଡି ତରଫରୁ ବ୍ୟାପକ ଭାବେ ବୁଥ୍ ରିଗିଂ ହୋଇଥିଲା। ଏହି ବୁଥ୍ ଦଖଲ ସମୟର ସମସ୍ତ ଘଟଣାର ଫଟୋ, ଭିଡିଓକୁ ସ୍ଥାନୀୟ ଘଟଗାଁ ବିଡିଓ, ଉପ ଜିଲ୍ଲାପାଳ ଏବଂ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରାଯିବା ସହିତ ଗତ ୧୮ ତାରିଖ ଦିନ ରାଜ୍ୟ ନିର୍ବାଚନ କମିଶନଙ୍କୁ ମଧ୍ୟ ଘଟଣା ସଂପର୍କରେ ବିଧିବଦ୍ଧ ଭାବେ ଅବଗତ କରାଯାଇ ସାନି ନିର୍ବାଚନ ପାଇଁ ବିଜେପି ତରଫରୁ ଦାବୀ କରାଯାଇଥିଲା । ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ରାଜ୍ୟ ନିର୍ବାଚନ କମିଶନ ଆଜି ସୁଦ୍ଧା କୌଣସି କାର୍ଯ୍ୟନୁଷ୍ଠାନ ଗ୍ରହଣ ନକରିବାରୁ ଆଜି ପୁଣି ଥରେ ତଥ୍ୟ ପ୍ରମାଣ ସହ ବିଜେପି ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ କମିଶନଙ୍କୁ ଭେଟି ରିଗିଂ ହୋଇଥିବା ବୁଥ୍‌ମାନଙ୍କରେ ସାନି ମତଦାନ ପାଇଁ ଦାବୀ କରିଛନ୍ତି ।ଘଷିପୁରା ନିର୍ବାଚନମଣ୍ଡଳୀର ବିଜେପି ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥ୍ୱୀରାଜ କୁଅଁରଙ୍କ ନେତୃତ୍ୱରେ ବିଜେପି ପ୍ରାର୍ଥୀମାନେ ଆଜି ରାଜ୍ୟ ନିର୍ବାଚନ କମିଶନଙ୍କୁ ଭେଟି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବୀ ଜଣାଇଛନ୍ତି ।

# ରାଜ୍ୟରେ ନାରୀ ଅସୁରକ୍ଷିତ ଓ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ : କଂଗ୍ରେସ

ଭୁବନେଶ୍ୱର (ପିଏନ)- ତିର୍ତୋଲ ଅଂଚଳର ଜୈନିକା ନାବାଳିକାକୁ କଟକର ଚାଉଳିଆଗଞ୍ଜ ଥାନା ଅଧିନସ୍ଥ ଗତିରାଉତପାଟଣାର ଏକ ପରିତ୍ୟକ୍ତ ଘରେ ୨୨ ଦିନ କାଳ ବନ୍ଦି କରି ରଖି ଗଣଦୁଷ୍କର୍ମ କରିବା ଘଟଣାରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ନାରୀ ଅସୁରକ୍ଷିତ ବୋଲି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର। ଘଟଣା ସଂପର୍କରେ ପୋଲିସ ପାଖରେ ଅପରାଧିଙ୍କ ସଂପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭିତିକ ଅଭିଯୋଗ ହେବାର ୪୮ ଘଂଟା ବିତି ଯାଇଥିଲେ ମଧ ଅପରାଧିଙ୍କୁ ପୋଲିସ ଧରିବାରେ ବିଫଳ। ସମଗ୍ର ଦେଶରେ ଦଣ୍ଡହାର ଠାରୁ ରାଜ୍ୟର ଦଣ୍ଡ ହାର ସର୍ବନିମ୍ନ। ଯେଉଁଥି ପାଇଁ ଅପରାଧିମାନେ ଅପରାଧ ଘଟାଇବା ପାଇଁ ପଛଘୁଂଚା ଦେଉନାହାନ୍ତି ଏବଂ ଅପରାଧିମାନଙ୍କୁ ଦଣ୍ଡ ଦେବା ପାଇଁ ସରକାରଙ୍କର ମାନସିକତା ମଧ ନାହିଁ। କାରଣ ଦୀର୍ଘ ୨୦ ବର୍ଷର ଶାସନ କାଳରେ ଅଧିକାଂଶ ଅପରାଧିକ ଘଟଣାରେ ସରକାରୀ ଦଳର କର୍ମୀ ସଂପୃକ୍ତ ହୋଇଥିବାରୁ ତଦନ୍ତକାରୀ ସଂସ୍ଥା ଅପରାଧିଙ୍କ ପ୍ରତି କୋହଳ ମନୋଭାବ ରଖି ଅଭିଯୋଗ ଫର୍ଦ୍ଦ ଦାଖଲ କରୁଥିବାରୁ ଅପରାଧିମାନେ ଅପରାଧ ଘଟାଇ



ଖସିବାରେ ସଫଳ ହେଉଛନ୍ତି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିବା ସହିତ ରାଜ୍ୟରେ ପିପିଲିର ବେବିନା, ଟିକିରି ଶିକ୍ଷୟତ୍ରୀ ଇତିଶ୍ରୀ ପ୍ରଧାନ ଓ ଆୟୁଷ ଡାକ୍ତରାଣୀ ମାଧବୀଲତା ଘଟଣାକୁ ରାଜ୍ୟ ସରକାର ଯେଭଳି ଭାବେ ତଦନ୍ତ କରାଇଲେ ତାହା ସମସ୍ତ ରାଜ୍ୟବାସୀ ଅବଗତ। ବିଶେଷକରି କୁନ୍ଦୁଲି ଘଟଣାରେ ସରକାରଙ୍କର ତଦନ୍ତ ଏବଂ ମାତ୍ରାଧିକ ଚାପ ସହି ନପାରି କୁନ୍ଦୁଲି ପୀଡିତା ଆତ୍ମହତ୍ୟା କରିଥିଲେ। ତେଣୁ ତିର୍ତୋଲ ପୀଡିତାଙ୍କ କ୍ଷେତ୍ରରେ କୁନ୍ଦୁଲି ଘଟଣାର ଯେଭଳି ପୁନରାବୃତି ନହେଉ, ସେଥିପାଇଁ ରାଜ୍ୟ ସରକାର ଉଚ୍ଚସ୍ତରୀୟ କ୍ରାଇମବ୍ରାଂଚ ତଦନ୍ତ କରାଇବା ସହିତ ପରିବାରକୁ ସୁରକ୍ଷା, ପୀଡିତା ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ତା'ର ସମସ୍ତ ଭରଣପୋଷଣ ଖର୍ଚ୍ଚ ଓ ମାଗଣା ଶିକ୍ଷା ସହିତ ପୀଡିତାର ପରିବାରକୁ ସରକାରଙ୍କର ଜନମଙ୍ଗଳକାରୀ ଯୋଜନାରେ ସାମିଲ କରି ସାମାଜିକ ସୁରକ୍ଷା ପ୍ରଦାନ, ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ରଶ୍ମି ମହାପାତ୍ର, ଜିନେ୍ ଦାସ, ନାରାୟଣ ଜେନା, ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




## ଝିରିପାଣିରେ କଂଗ୍ରେସର ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟିତ ଓ ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ଆରମ୍ଭ

ରାଉରକେଲା (ପିଏନ୍): ଆସନ୍ତା ୧୮ ତାରିଖରେ ବିଶ୍ରା ବ୍ଲକ୍ ପାଇଁ ଅନୁଷ୍ଠିତ ହେବାକୁ ଯାଉଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ କ ଜୋନର ଜିଲ୍ଲା ପରିଷଦ ପ୍ରାର୍ଥୀ ଶ୍ରୀ ସୁଶୀଲ କିଣ୍ଡୋଙ୍କର ଝିରିପାଣି ଗ୍ରାମ ପଞ୍ଚାୟତରେ ନିର୍ବାଚନୀ ପ୍ରଚାର କାର୍ଯ୍ୟକ୍ରମ ଜୋରଦାର ଭାବେ ଆରମ୍ଭ କରାଯାଇଛି । ଏହି ପରିପ୍ରେକ୍ଷୀରେ ରାଉରକେଲା ଜିଲ୍ଲା କଂଗ୍ରେସ ସଭାପତି ତଥା ପ୍ରାକ୍ତନ ବିଧାୟକ ଶ୍ରୀ ଜର୍ଜ ତିର୍କୀ ଝିରିପାଣି ବଜାର ଠାରେ ସକାଳ ୧୦ଟା ବେଳେ ଜିଲ୍ଲା ପରିଷଦ ପ୍ରାର୍ଥୀ ଶ୍ରୀ କିଣ୍ଡୋଙ୍କ ନିର୍ବାଚନୀ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଶତାଧିକ କଂଗ୍ରେସ କର୍ମୀ ଓ ଶୁଭେଚ୍ଛୁଙ୍କୁ ଶ୍ରୀ ତିର୍କୀ ସମ୍ବୋଧିତ କରି ଶୃଙ୍ଖଳିତ ଢଙ୍ଗରେ ଶାଂପୂର୍ଣ୍ଣ ଭାବରେ ପ୍ରଚାର କାର୍ଯ୍ୟକୁ ଆଗେଇ ନେବା ପାଇଁ ପରାମର୍ଶ ଦେଇ ପ୍ରଚାର କାଳରେ ବିଜେପି-ବିଜେଡିର ଜନମାରଣ ନୀତି ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବାକୁ ପରାମର୍ଶ ଦେଇଥିଲେ । ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ସମେତ ଅତ୍ୟାବଶ୍ୟକୀୟ ଖାଉଟି ସାମଗ୍ରୀର ଅହେତୁକ ଦରବୃଦ୍ଧି, ବେକାରୀ-ବେରୋଜଗାରୀ ବୃଦ୍ଧି, ଧାନ ସମେତ କୃଷିଜାତ ସାମଗ୍ରୀର ଅଭାବୀ ବିକ୍ରି, ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି, ଇନ୍ଦିରା ଆବାସ, ବାର୍ଦ୍ଧକ୍ୟ ଭତ୍ତା, ରାସନ କାର୍ଡ ଇତ୍ୟାଦିରେ ବ୍ୟାପକ କମିଶନି କାରବାର ଲୋକଙ୍କୁ ଅବଗତ କରାଇ ବିଜେପି-ବିଜେପିର ମୁଖା ଖୋଲିବାକୁ ପରାମର୍ଶ ଦେଇଥିଲେ । କୋଟି କୋଟି ଟଙ୍କା ଦୁର୍ନୀତିରେ ଲିପ୍ତ ରାଉରକେଲା ବିଧାୟକ ଏବଂ ଆଦିବାସୀ ମହିଳାଙ୍କୁ ଅଶାଳୀନ ବ୍ୟବହାର କରି ଆତ୍ମଗୋପନ କରିଥିବା ସୁନ୍ଦରଗଡ ସାଂସଦଙ୍କର କଳା କାରନାମାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଶ୍ରୀ ତିର୍କୀ ଆହ୍ୱାନ ଦେଇଥିଲେ । କାର୍ଯ୍ୟାଳୟ ଉଦ୍‌ଘାଟନ ପରେ ଜିଲ୍ଲା ପରିଷଦ ପ୍ରାର୍ଥୀ ଶ୍ରୀ ସୁଶୀଲ କିଣ୍ଡୋଙ୍କୁ ନେଇ ଶ୍ରୀ ତିର୍କୀ ବଜାର ଅଞ୍ଚଳ ପରିକ୍ରମା କରିବା ସହିତ ଲୋକଙ୍କୁ ଭୋଟ ଭିକ୍ଷା କରିଥିଲେ । ଝିରିପାଣି ବଜାର ଅଞ୍ଚଳ ସମେତ ପଞ୍ଚାୟତର ଖଡିଆପଡା ଅଞ୍ଚଳରେ ଦ୍ୱାରକୁ ଦ୍ୱାର ବୁଲି ଶ୍ରୀ କିଣ୍ଡୋ ଓ କଂଗ୍ରେସ ନେତୃବୃନ୍ଦ ତଥା କର୍ମକର୍ତ୍ତା ପ୍ରଚାର କରି କଂଗ୍ରେସକୁ ଭୋଟ୍ ଦେବା ପାଇଁ ନିବେଦନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ତଥା ରାଉରକେଲା ବିଧାନସଭା କ୍ଷେତ୍ର ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ଉପସଭାପତି ଦେବବ୍ରତ ବିହାରୀ, ସଂୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ସାଧାରଣ ସମ୍ପାଦକ ରାଜେଶ ଟପ୍ପୋ ଓ ତୁଳସୀ ନାଗ, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂହ, ଯୁବ ସଭାପତି ଜ୍ଞାନେନ୍ଦ୍ର ଦାସ, ସମ୍ପାଦିକା ସୁନୀତା ଲାକ୍ରା, ସରିତା କୁଲୁ ଓ ରବୀନ୍ଦ୍ର ନାୟକ, ଏସ୍‌ସି ସେଲ୍ ଅଧ୍ୟକ୍ଷ ବିନୋଦ ତାଂ୍ତି, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ବିଶ୍ୱଜିତ ସାହୁ, ସୁଦର୍ଶନ ଗୌଡ, କୃଷକ କଂଗ୍ରେସ ଅଧ୍ୟକ୍ଷ ମନମୋହନ ଓରାମ, ବରିଷ୍ଠ ନେତା ଇନ୍ଦ୍ରମୋହନ ପଣ୍ଡା, ଭାସ୍କର ଖିଲ୍ଲାର, ରେହେମାନ ଖାନ, ଅଜୟ ଖାଲକୋ, ବିନୋଦ ରାଉତ, ପୂର୍ବତନ ସରପଞ୍ଚ ପ୍ରଭା ଖାଲକୋ, ସରିତା ଟପ୍ପୋ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ କଂଗ୍ରେସ କର୍ମକର୍ତ୍ତା ଏହି ନିର୍ବାଚନୀ ପ୍ରଚାର ଯାତ୍ରାରେ ସାମିଲ୍ ହୋଇଥିଲେ ବୋଲି କଂଗ୍ରେସ ମୁଖପାତ୍ର ଶ୍ରୀ କୈଳାସ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

## ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପ୍ରସ୍ତୁତି

ବାଲେଶ୍ୱର (ପିଏନ୍)-ଆସନ୍ତା ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ନିଯୁକ୍ତ ପ୍ରିଜାଇଡିଂ ଅଧିକାରୀ ଓ ପ୍ରଥମ ପୋଲିଂ ଅଧିକାରୀଙ୍କ ନିମନ୍ତେ ଜିଲ୍ଲାର ସମସ୍ତ ବ୍ଲକରେ ଫେବୃଆରୀ ୪ତାରିଖରୁ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ଫେବୃଆରୀ ୪, ୬ ଓ ୭ତାରିଖରେ ଆୟୋଜିତ ହୋଇଥିବା ଏହି ପ୍ରଶିକ୍ଷଣ ଶିବିରରେ ପଂଚାୟତ ନିର୍ବାଚନର ବିଭିନ୍ନ ପ୍ରକ୍ରିୟା ଓ ପରିଚାଳନା ସମ୍ପର୍କରେ ପ୍ରିଜାଇଡିଂ ଅଧିକାରୀ ଓ ୧ମ ପୋଲିଂ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଏଥି ପାଇଁ ବ୍ଲକ୍ ସ୍ତରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ ପ୍ରଶିକ୍ଷିତ ମାଷ୍ଟର ଟ୍ରେନରମାନେ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦେବେ । ବିଶେଷ କରି କୋଭିଡ୍-୧୯ ନିୟମାବଳୀର ଅନୁପାଳନ ପୂର୍ବକ ନିର୍ବାଚନ ପରିଚାଳନା, ଭୋଟ୍ ଗ୍ରହଣ ପ୍ରକ୍ରିୟା, ଭୋଟବାକ୍ସର ସଠିକ୍ ବ୍ୟବହାର, ଏଜେଂଟଙ୍କ ଉପସ୍ଥିତିରେ ଭୋଟବାକ୍ସ ଓ ବାଲଟ ପେପରକୁ କିଭଳି ଠିକ ଢଙ୍ଗରେ ପ୍ରସ୍ତୁତ କରାଯିବ, ଭୋଟରଙ୍କୁ ଠିକ ଭାବେ ଚିହ୍ନଟ ପ୍ରକ୍ରିୟା ଇତ୍ୟାଦି ସମ୍ପର୍କରେ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବ । ପଂଚାୟତ ନିର୍ବାଚନରେ ନିୟୋଜିତ ପ୍ରିଜାଇଡିଂ ଅଧିକାରୀ ଓ ୧ମ ପୋଲିଂ ଅଧିକାରୀମାନଙ୍କ ପାଇଁ ଏହି ପ୍ରଶିକ୍ଷଣ ବାଧ୍ୟତାମୂଳକ କରାଯାଇଛି । ପୁନଶ୍ଚ କୋଭିଡ୍-୧୯ ଟିକା'ର ପ୍ରିକସନ ଡୋଜ୍ ନେଇ ନ ଥିବା ଅଧିକାରୀ ମାନେ ଏହି ଶିବିରରେ ତାହା ପାଇପାରିବେ । ପ୍ରଶିକ୍ଷଣ ସମ୍ପର୍କରେ କୌଣସି ସନ୍ଦେହ ବା ଦ୍ୱନ୍ଦ୍ୱ ଥିଲେ ସେମାନେ ଦାୟିତ୍ୱରେ ଥିବା ଟ୍ରେନିଂ ଇନଚାର୍ଜଙ୍କୁ ତାହା ପଚାରିପାରିବେ । ପ୍ରଶିକ୍ଷଣ ଶିବିରରେ ଅନୁପସ୍ଥିତ ରହିଥିବା ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳ ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତୀ ନିର୍ଦ୍ଦେଶ ଦେଇଛନ୍ତି ।

## ଶରତଙ୍କୁ କଂଗ୍ରେସରୁ ବହିଷ୍କାର କରାଯାଇଛି

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ପୌରପାଳିକାର ପୂର୍ବତନ କାଉନସିଲର ଶରତ ବେହୁରାଙ୍କୁ କଂଗ୍ରେସ ଦଳରୁ ଦଳବିରୋଧୀ କାର୍ଯ୍ୟ ପାଇଁ ବହିଷ୍କାର କରାଯାଇଥିବା ଜିଲ୍ଲା କଂଗ୍ରେସ ସଭାପତି ଅଂଶୁମାନ ମହାନ୍ତି ଜଣାଇଛନ୍ତି। ଜିଲ୍ଲା କଂଗ୍ରେସ ସଭାପତି ଏକ ପ୍ରେସ ବିବୃତ୍ତି ଜାରିକରି କହିଛନ୍ତି ଯେ ଦଳବିରୋଧୀ ଆଚରଣ ପାଇଁ ଶରତଙ୍କୁ ଦଳରୁ ବହିଷ୍କାର କରାଯାଇଛି। ଅନୁରୂପ ଭାବେ କେନ୍ଦ୍ରାପଡା ନଗର କଂଗ୍ରେସ କମିଟି ପକ୍ଷରୁ ଏକ ପ୍ରେସ ବିବୃତ୍ତି ଗଣମାଧ୍ୟମକୁ ପ୍ରଦାନ କରାଯାଇ ସେଥିରେ କୁହାଇଛି ଯେ ଗତ ଜାନୁୟାରୀ ୨୭ ତାରିଖରୁ ଶ୍ରୀ ବେହୁରାଙ୍କୁ ଦଳରୁ ବହିଷ୍କାର କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏ ସଂକ୍ରାନ୍ତରେ ନିଷ୍ପତ୍ତି ନେବାକୁ ନଗର କଂଗ୍ରେସ ପକ୍ଷରୁ ପିସିସି ସଭାପତିଙ୍କୁ ସୁପାରିସ କରାଯାଇଥିଲା ବୋଲି ନଗର କଂଗ୍ରେସ ସଭାପତି ରାଜେଶ ମହାନ୍ତି ଏହି ପ୍ରେସ ବିବୃତ୍ତିରେ ଜଣାଇଛନ୍ତି। ସେ କହିଛନ୍ତି ଯେ ଶ୍ରୀ ବେହୁରା କଂଗ୍ରେସ ଦଳରୁ ବହୁ ଫାଇଦା ହାସଲ କରିଛନ୍ତି। ଦଳ ପାଇଁ ତାଙ୍କ ସହଧର୍ମିଣୀ ଓ ପୁଅକୁ ଚାକିରି ମିଳିଛି। ବଡ଼ ଗାଡି କରିବା ପାଇଁ ଋଣ ମଧ୍ୟ ସେ ଦଳ ପାଇଁ ପାଇଛନ୍ତି। କଂଗ୍ରେସ ଯୋଗୁ ସେ ଅର୍ବାନ ବ୍ୟାଙ୍କରେ ଏକାଧିକଥର ନିର୍ଦ୍ଦେଶକ ପଦରେ ବସିଛନ୍ତି। ଏ ସମସ୍ତ ସୁବିଧା ସୁଯୋଗ ହାତେଇବା ପରେ ବି ସେ ଦଳବିରୋଧୀ କାର୍ଯ୍ୟ କରିଛନ୍ତି। ତାଙ୍କ ଆଚରଣ ଓ ଉଚାରଣର ଲକ୍ଷ୍ମଣରେଖା ସେ ଅତିକ୍ରମ କରିଗଲେ। ତେଣୁ ତାଙ୍କୁ ବହିଷ୍କାର କରାଯିବା ପାଇଁ ଗତ ୨୭ ତାରିଖରେ ସୁପାରିସ କରାଯାଇଥିଲା। ଏ ସଂକ୍ରାନ୍ତରେ ଜିଲ୍ଲା ସଭାପତି ନିଷ୍ପତ୍ତି ଗ୍ରହଣ କରି ତାଙ୍କୁ ୬ ବର୍ଷ ପାଇଁ ଦଳରୁ ବହିଷ୍କାର କରିଛନ୍ତି। ଶରତ ବେହୁରାଙ୍କୁ ନେଇ ସହରର ପୌର ରାଜନୀତି ଏବେ ସରଗରମ ହୋଇଛି। କାରଣ କେନ୍ଦ୍ରାପଡ଼ା ପୌରପାଳିକାର ନଗରପାଳ ପଦବୀ ପାଇଁ ଶରତ ଆଶୟୀ ଥିଲେ। ବିଜେଡିରୁ ସେ ଟିକେଟ ପାଇବେ ବୋଲି ଆଶାବାଦୀ ହୋଇ କଂଗ୍ରେସରୁ ଇସ୍ତଫା ଦେଇଥିବା ଆଲୋଚନା ହେଉଛି। କିନ୍ତୁ ନଗରପାଳ ଟିକଟ ସାଧାରଣବର୍ଗ ମହିଳାଙ୍କ ପାଇଁ ସଂରକ୍ଷିତ ହେବା ପରେ ଶରତ ବିଜେଡିରେ ମିଶି ଦଳୀୟ ଟିକେଟ ହାତେଇ ନେଇ ନଗରପାଳ ହେବାକୁ ଥିବା ଆଶା ତାଙ୍କର ଏବେ ମଉଳି ଯାଇଛି। କିନ୍ତୁ ସେ ନିଜ ପତ୍ନୀ ମାନସ ମଞ୍ଜରୀଙ୍କ ପାଇଁ ଟିକଟ ହାତେଇବାକୁ ଜୋରଦାର ଉଦ୍ୟମ କରୁଥିବା ଜଣାପଡିଛି। କିନ୍ତୁ ଏଥିରେ କେତେଦୂର ସେ ସଫଳ ହେଉଛନ୍ତି ତାହା ସମୟ କହିବ !

## ଜିଲ୍ଲାରେ ବିଭିନ୍ନ ଧର୍ମାନୁଷ୍ଠାନ ଖୋଲାଯିବା ନେଇ ଆଲୋଚନା



ବାଲେଶ୍ୱର (ପିଏନ୍)- ଜିଲ୍ଲାବାସୀଙ୍କ ପାଇଁ ବିଭିନ୍ନ ଧର୍ମାନୁଷ୍ଠାନ ଖୋଲାଯିବା ସମ୍ପର୍କରେ ନିଷ୍ପତି ନେବା ପାଇଁ ସ୍ଥାନୀୟ ସଦଭାବନା ସଭାଗୃହରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ଧର୍ମୀୟ ଅନୁଷ୍ଠାନ ଯଥା ମନ୍ଦିର, ମସଜିଦ୍, ଚର୍ଚ୍ଚ, ଗୁରୁଦ୍ୱାର ଇତ୍ୟାଦିର ପ୍ରତିନିଧିମାନଙ୍କ ସହ ଆଲୋଚନା କରାଯାଇଥିଲା । କୋଭିଡ୍-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ଗତ ମାସରେ ଧର୍ମାନୁଷ୍ଠାନଗୁଡିକୁ ଜନସାଧାରଣଙ୍କ ଦର୍ଶନ ନିମନ୍ତେ ବନ୍ଦ ରଖାଯାଇଥିଲା । କେବଳ ବିଧି-ବିଧାନ ଓ ନୀତିକାନ୍ତି ପାଇଁ ସୀମିତ ସଂଖ୍ୟକ ବ୍ୟକ୍ତିଙ୍କୁ ପ୍ରବେଶ ଅନୁମତି ଦିଆଯାଇଥିଲା । ଏବେ ସଂକ୍ରମଣ ହ୍ରାସ ପାଉଥିବାରୁ କିଛି କଟକଣା ସହିତ ଜନସାଧାରଣଙ୍କ ପାଇଁ ଗତ ଫେବୃଆରୀ ୪ତାରିଖରୁ ଧର୍ମାନୁଷ୍ଠାନଗୁଡିକୁ ଖୋଲାଯିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଥିଲା । ଜିଲ୍ଲାରେ ଧର୍ମାନୁଷ୍ଠାନଗୁଡିକ ସକାଳ ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ଜନସାଧାରଣଙ୍କ ନିମନ୍ତେ ଖୋଲା ରହିବ । ତେବେ ଧର୍ମାନୁଷ୍ଠାନକୁ ପ୍ରବେଶ ବେଳେ ଜନସାଧାରଣଙ୍କୁ କୋଭିଡ୍ ନିୟମର ଅନୁପାଳନ କରିବାକୁ ହେବ । ସେମାନେ ନିଶ୍ଚିତ ଭାବେ ମାସ୍କ ପିନ୍ଧିବା ସହିତ ସାମାଜିକ ଦୂରତା ବଜାୟ ରଖିବେ । ଧର୍ମାନୁଷ୍ଠାନ ପରିଚାଳନା ଦାୟିତ୍ୱରେ ଥିବା ସଦସ୍ୟମାନଙ୍କୁ ତାହା ସୁନିଶ୍ଚିତ କରିବାକୁ ପଡିବ । ଏ ନେଇ ବୈଠକରେ ଉପସ୍ଥିତ ଧର୍ମୀୟ ଅନୁଷ୍ଠାନଗୁଡିକର ପ୍ରତିନିଧିମାନେ ସହମତି ପ୍ରକାଶ କରିଥିଲେ । ଜିଲ୍ଲାରେ ସଂକ୍ରମଣ ହ୍ରାସ ପାଉଥିଲେ ହେଁ ଏ କ୍ଷେତ୍ରରେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ଆବଶ୍ୟକ ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ବୈଠକରେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଅନନ୍ତ ସେଠୀ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ଧର୍ମାନୁଷ୍ଠାନ ପ୍ରତିନିଧିମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ବାରଡାଙ୍ଗ ପଞ୍ଚାୟତରେ ସରକାରୀ ଅର୍ଥ ତୋଷରପାତର ଉଚ୍ଚସ୍ତରୀୟ ତଦନ୍ତ ଦାବି

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ ବାରଡାଙ୍ଗ ଗ୍ରାମପଞ୍ଚାୟତରେ ଗତ ୨୦୧୨-୧୩ ଠାରୁ ୨୦୧୭-୧୮ମସିହା ପର୍ଯ୍ୟନ୍ତ ହୋଇଥିବା ସରକାରୀ ଅର୍ଥ ତୋଷରପାତ ଘଟଣାର ଏକ ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରାଯାଇଛି। ସୂଚନା ଅଧିକାର କର୍ମୀ ପ୍ରତାପ କୁମାର ମହାନ୍ତି ସୂଚନା ଅଧିକାର ଆଇନ ବଳରେ ଯାଜପୁରସ୍ଥିତ ଲୋକାଲ ଫଣ୍ଡ ଅଡିଟ୍ କାର୍ଯ୍ୟାଳୟରୁ ପାଇଥିବା ତଥ୍ୟ ଅନୁଯାୟୀ ବାରଡାଙ୍ଗ ଗ୍ରାମପଞ୍ଚାୟତରେ ହୋଇଥିବା ସରକାରୀ ଅର୍ଥ ତୋଷରପାତ ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରାଯିବା ସହ ସେଥିପାଇଁ ଦାୟୀ ଜନପ୍ରତିନିଧି ଓ ସରକାରୀ କର୍ମଚାରୀମାନଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କେନ୍ଦ୍ରାପଡା ଜିଲ୍ଲାପାଳ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ଏଥିସହିତ ଏହି ଘଟଣାର ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ତଦନ୍ତ କରାଯିବାକୁ ଦୁର୍ନୀତି ନିବାରଣ ବିଭାଗର ନିର୍ଦ୍ଦେଶକଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାଇ ଲୋକାଲ ଫଣ୍ଡ ଅଡିଟ୍ ଦ୍ୱାରା ବାରଡାଙ୍ଗ ଗ୍ରାମପଞ୍ଚାୟତର ଅଡିଟ୍ କରାଯାଇ ୨୦୧୨-୧୩ ଆର୍ଥିକ ବର୍ଷରେ ୫୨ହଜାର ୨୨୩ଟଙ୍କା ସରକାରୀ ଅର୍ଥର ପରିଚାଳନାଗତ ତୃଟି ଓ ତୋଷରପାତ କାରଣରୁ ସରପଞ୍ଚ ଅରବିନ୍ଦ ଜେନା ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜକିଶୋର ମାହାଳିଙ୍କ ଠାରୁ ଆଦାୟ କରାଯିବାକୁ ଗତ ୩୧.୦୫.୨୦୧୫ରିଖରେ ଉଭୟଙ୍କୁ କାରଣ ଦର୍ଶାଅ ନୋଟିସ ଲୋକାଲ ଫଣ୍ଡ ଅଡିଟ୍ ପକ୍ଷରୁ ଜାରି କରାଯାଇଛି। ୨୦୧୩-୧୪ ଆର୍ଥିକ ବର୍ଷର ଅଡିଟ ରିପୋର୍ଟରେ ୪ଲକ୍ଷ ୨୮ହଜାର ୫୫୪ଟଙ୍କା, ୨୦୧୪-୧୫ରେ ୫ହଜାର ଟଙ୍କା, ୨୦୧୫-୧୬ରେ ଏକଲକ୍ଷ ୩ହଜାର ୪ଶହ ଟଙ୍କା, ୨୦୧୬-୧୭ରେ ୭୬ହଜାର ୮୧୨ଟଙ୍କା ଏବଂ ୨୦୧୭-୧୮ ଆର୍ଥିକ ବର୍ଷରେ ୩ଲକ୍ଷ ୧୧ହଜାର ୭୮୫ଟଙ୍କା ସେହି ପଞ୍ଚାୟତର ସରପଞ୍ଚ ଶ୍ରୀ ଜେନା ଓ ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କ ଠାରୁ ସରକାରୀ ଅର୍ଥର ପରିଚାଳନାଗତ ତୃଟି ଓ ତୋଷରପାତ କାରଣରୁ ଆଦାୟ କରାଯିବାକୁ ଧାରା ୯(୨)(ଖ) ଅନୁଯାୟୀ ନୋଟିସ ଜାରି କରାଯାଇଛି।

## ନିର୍ବାଚନ ମଇଦାନରେ ସାମ୍ବାଦିକଙ୍କ ଭଉଣୀ ଓ ଭିଣୋଇ

ଫୁଲନଖରା (ପିଏନ୍))-ସାମ୍ବାଦିକ ଅଜୟକୁମାର ପାତ୍ରଙ୍କ ଭଉଣୀ ଜ୍ୟୋସ୍ନାରାଣୀ ମୂଳିଆ ଖଲର୍ଦ୍ଦା ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ହୋଇଥିଲାବେଳେ ଭିଣୋଇ ତ୍ରୈଲୋକ୍ୟ ମଙ୍ଗରାଜ ବାଲିଅନ୍ତା ବ୍ଲକ ୧୬ନମ୍ବର ଜୋନ ଜିଲାପରିଷଦ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛଂି । ତେବେ ଉଭୟ ଆସନରେ ସେମାନଙ୍କ ଜୋରଦାର ପ୍ରଚାର ଯୋଗୁଁ ନିଜ ନିଜ ସ୍ଥିତିକୁ ମଜଭୁତ କରିବାରେ ସକ୍ଷମ ହୋଇପାରିଛଂି । ଏହି ଦୁଇ ସ୍ଥାନରେ ଶାସକ ବିଜେଡ଼ି ସମେତ ଅନ୍ୟ ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀମାନେ ପ୍ରଚାରରେ ବହୁ ପଛରେ ଥିବା ପରିଲକ୍ଷିତ ହୋଇଛି। ଖଲର୍ଦ୍ଦା ପଞ୍ଚାୟତରେ ମୋଟ ୧୮ଟି ୱାର୍ଡ଼ରେ ୪,୪୮୪ ଜଣ ମତଦାତା ରହିଥିବାବେଳେ ଜଗନ୍ନାଥପୁର, ଭଇଁଚୁଆ, ବେଣୁପୁର ଓ ବାଲିଅଂ। ପଞ୍ଚାୟତକୁ ନେଇ ଗଠିତ ୧୬ନମ୍ବର ଜୋନରେ ମୋଟ ୬୦ଟି ୱାର୍ଡ଼ରେ ୨୩,୮୪୫ ଜଣ ଭୋଟର ଥିବା ଜଣାପଡ଼ିଛି।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication


## ଦୁଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଗୁଲନଗର ଗ୍ରାମର ଦୁଇଜଣ ଯୁବକଙ୍କୁ ମୁଣ୍ଡରେ ବନ୍ଧୁକ ଲଗାଇ ଉଠାଇ ନେବା ପରେ ସେମାନଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇଯାଇ ମରଣାନ୍ତକ ଆକ୍ରମଣ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପିଡିତ ଯୁବକ ସଦର ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାଇ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଗୁଲନଗର ଗ୍ରାମରଖଗେଶ୍ୱର ସାହୁଙ୍କ ପୁଅ ଅଜିତ କୁମାର ସାହୁ ନାମକ ୨୧ବର୍ଷର ଯୁବକ ତାଙ୍କ ସାଙ୍ଗ ନରେନ୍ଦ୍ର ବାରିକଙ୍କ ସହ ଗ୍ରାମରୁ ଏକ ଜରୁରୀ କାର୍ଯ୍ୟରେ ତିନିମୁହାଣୀ ଆସୁଥିବା ବେଳେ ଗୁଲନଗର ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ଆଇସକ୍ରିମ ପାର୍ଲର ନିକଟରେ ଗରାପୁର ଅଞ୍ଚଳର ଆଜାରୁଦ୍ଦିନ ଖାଁ ଓ ସୁଜାନଗର ଅଞ୍ଚଳର ମଞ୍ଜୁର ଅଲ୍ଲୀ ନାମକ ଦୁଇ ଯୁବକ ଅଜିତ ଓ ନରେନ୍ଦ୍ରଙ୍କୁ ଅଟକାଇଥିଲେ। ଏହାପରେ ଉଭୟ ଅଜିତ ଓ ନରେନ୍ଦ୍ରଙ୍କ ମୁଣ୍ଡରେ ଦୁର୍ବୃତ୍ତଦ୍ୱୟ ବନ୍ଧୁକ ଲଗାଇ ସେମାନଙ୍କୁ ତିନିମୁହାଣୀର ବିସ୍କୁଟ ଫାକ୍ଟ୍ରୀ ନିକଟ ଏକ ନିଛାଟିଆ ସ୍ଥାନକୁ ନେଇଯାଇଥିଲେ। ସେଠାରେ ଉଭୟ ଅଜିତ ଓ ନରେନ୍ଦ୍ରଙ୍କୁ ବନ୍ଧୁକ ଦେଖାଇ ଜୀବନରେ ମାରିଦେବାକୁ ଭୟଭୀତ କରିବା ସହ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଅଜିତ ତଳେ ପଡିଯିବା ପରେ ଯୁବକଦ୍ୱୟ ତାଙ୍କ ବେକ ଉପରେ ଚଢି ଯାଇ ତାଙ୍କୁ ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲେ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏଥିସହ ଅଜିତଙ୍କ ନିକଟରେ ଥିବା ନଗଦ୨ ହଜାର ଟଙ୍କା ଛଡାଇ ନେଇଥିଲେ। ଏଥିସହ ଦୁର୍ବୃତ୍ତମାନେ ଯିବା ବେଳେ କହିଥିଲେ ଆମେ ବହୁଥର ଜେଲ ଗଲୁଣି। ଆମକୁ ଡର ନାହିଁ। ଏହିଭଳି ଭାବେ ଧମକ ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଘଟଣାସମ୍ପର୍କରେ ସଦର ଥାନା ଅଧିକାରୀ ପବିତ୍ର ମହାରଣାଙ୍କୁ ପଚାରିବାରୁ ସେ କହିଥିଲେ ଅଭିଯୋଗ ହୋଇଛି। ତଦନ୍ତ ଚାଲିଛି। କିନ୍ତୁ କୌଣସି ମାମଲା ରୁଜୁ ହୋଇନାହିଁ।

## ପଂଚାୟତ ନିର୍ବାଚନ ପାଇଁ ପୋଲିଂ ଅଧିକାରୀଙ୍କ ପ୍ରଶିକ୍ଷଣ ଶିବିର

ବାଲେଶ୍ୱର (ପିଏନ୍)-ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ନିଯୁକ୍ତ ପ୍ରିଜାଇଡିଂ ଅଧିକାରୀ ଓ ପ୍ରଥମ ପୋଲିଂ ଅଧିକାରୀଙ୍କ ନିମନ୍ତେ ଜିଲ୍ଲାର ପ୍ରତି ବ୍ଲକ ସ୍ତରରେ ଫେବୃଆରୀ ୪ତାରିଖରୁ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ଫେବୃଆରୀ ୪, ୬ ଓ ୭ତାରିଖରେ ଏହା ଅନୁଷ୍ଠିତ ହେବାକୁ ଥିବା ବେଳେ ୪ତାରିଖ ଦିନ ପ୍ରଶିକ୍ଷଣ ଶିବିରରେ କିଛି ଅଧିକାରୀ ଅନୁପସ୍ଥିତ ରହିଥିବା ଜଣାପଡିଛି । ଏ ନେଇ ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ ଅସନ୍ତୋଷ ପ୍ରକାଶ କରିବା ସହିତ ଅନୁପସ୍ଥିତ ରହିଥିବା ଅଧିକାରୀମାନେ ଫେବୃଆରୀ ୬ ଓ ୭ତାରିଖରେ ଆୟୋଜିତ ହେବାକୁ ଥିବା ପ୍ରଶିକ୍ଷଣ ଶିବିରରେ ନିଶ୍ଚିତ ଭାବେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପଂଚାୟତ ନିର୍ବାଚନର ବିଭିନ୍ନ ପ୍ରକ୍ରିୟା ଓ ପରିଚାଳନା ସମ୍ପର୍କରେ ଜାଣିବା ପାଇଁ ଏହି ପ୍ରଶିକ୍ଷଣ ଶିବିର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଏଥିରେ ଅନୁପସ୍ଥିତ ନ ରହିବାକୁ ସମସ୍ତ ପ୍ରିଜାଇଡିଂ ଅଧିକାରୀ ଓ ୧ମ ପୋଲିଂ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି । 'କୋଭିଡ୍-୧୯ ଟିକା'ର ପ୍ରିକସନ ଡୋଜ୍ ନେଇ ନ ଥିବା ଅଧିକାରୀମାନେ ଏହି ଶିବିରରେ ତାହା ପାଇପାରିବେ । ଅନୁପସ୍ଥିତ ରହିଥିବା ଅଧିକାରୀଙ୍କ ବିରୁଦ୍ଧରେ ନିୟମାନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

## ମେଡିକାଲ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ, ଫୁଲବାଣୀ ପକ୍ଷରୁ ଏଚଏମଏସର ଆବାହକଙ୍କୁ ସମ୍ବର୍ଦ୍ଧିତ

ଫୁଲବାଣୀ (ପିଏନ୍): ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ଫୁଲବାଣୀ ଶାଖା ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ଉପଦେଷ୍ଟା ବାଲେଶ୍ୱର କହଁରଙ୍କ ନେତୃତ୍ୱରେ ଏବଂ ଜିଲ୍ଲା ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘ ସମ୍ପାଦକ ବଳରାମ ଦାସଙ୍କ ଉପସ୍ଥିତି ଏବଂ ଆଉଟ ସୋରସିଂର ସଭାପତି ବିଶ୍ୱମ୍ଭର ବେହେରା, ସମ୍ପାଦକ ରବିନ୍ଦ୍ର ବେହେରାଙ୍କ ସହଯୋଗରେ ନୂତନ ଭାବେ କେନ୍ଦ୍ରିୟ ଶ୍ରମିକ ସଂଗଠନ ହିନ୍ଦ୍ ମଜଦୁର ସଭାର ନବନଯୁକ୍ତ କନ୍ଧମାଳ ଜିଲ୍ଲା ଶାଖା ଆବାହକ ଆଇନଜୀବି ସତ୍ୟନାରାୟଣ ବେହେରାଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ ପ୍ରାଙ୍ଗଣ ମଧ୍ୟରେ ସଂଘ ପକ୍ଷରୁ ସ୍ୱାଗତ ଓ ସମ୍ବର୍ଦ୍ଧନା କରାଯାଇଛି । ହିନ୍ଦ୍ ମଜଦୁର ସଭାର ଲକ୍ଷ୍ୟ ଉଦ୍ଦେଶ୍ୟ ସର୍ବଭାରତୀୟ ସ୍ତରରେ ଏବଂ ଓଡ଼ିଶା ତଥା କନ୍ଧମାଳ ଜିଲ୍ଲାରେ ଆଭିମୁଖ୍ୟ ରହିବ ସେମାନଙ୍କୁ ପ୍ରକୃତ ନ୍ୟାୟ ପ୍ରଦାନ କରାଯିବାକୁ ସରକାରଙ୍କ ଠାରେ ଜିଲ୍ଲା ପ୍ରଶାସନ ଠାରେ ସେମାନଙ୍କ ନ୍ୟାଯ୍ୟ ଅଧିକାର, ମାନବିକ ଅଧିକାର ଇତ୍ୟାଦି ବିଷୟରେ ନବନିଯୁକ୍ତ ଆବାହକ ଶ୍ରୀ ବେହେରା ଆଲୋକପାତ କରିଥିଲେ । ପରେ ଉପସ୍ଥିତ ସମସ୍ତ କର୍ମଚାରୀ ଖୁସିବ୍ୟକ୍ତ କରିବା ସହ ସେମାନଙ୍କର ଜଣେ ନେତୃତ୍ୱ ନେବାର ଏବଂ ସଗଠନ ଆବଶ୍ୟକ ଥିଲା । ସର୍ବଭାରତୀୟ ସ୍ତରୀୟ ଶ୍ରମିକ ସଂଗଠନ ହିନ୍ଦ ମଜଦୁର ସଭା ସେମାନଙ୍କ ନିମନ୍ତେ ଦାୟିତ୍ୱ ନେଇଥିବା ଓଡ଼ିଆ ସଂଗଠନର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ । ସମ୍ବର୍ଦ୍ଧନା ସଭାରେ ମିନାକ୍ଷୀ ମହାପାତ୍ର, ଭଗବାନ ଗୁରୁ, ପୁରୁଷୋତମ ଦିଗାଲ, ଭାଗ୍ୟଲକ୍ଷ୍ମୀ ବାରିକ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଏଥିରେ ୫୦ରୁ ଉର୍ଦ୍ଧ କର୍ମଚାରୀ ଉପସ୍ଥିତ ଥିଲେ । ଅନ୍ୟତମ ଅତିଥି ଭାବେ ସାମ୍ବାଦିକ ରମେଶ ଚନ୍ଦ୍ର ପ୍ରଧାନ, କନ୍ଧ ଗୌଡ଼ ସମାଜ ଜିଲ୍ଲା ସଭାପତି ପ୍ରେମାନନ୍ଦ ମାଝୀ, ଅବସର ପ୍ରାପ୍ତ କର୍ମଚାରୀ ତ୍ରିନାଥ ବେହେରା ପ୍ରମୁଖ ଯୋଗ ଦେଇଥିଲେ

## ଭାରସାମ୍ୟ ହରାଇ ସ୍କୁଟି ଦୁର୍ଘଟଣାଗ୍ରସ୍ତ, ୩ ଆହତ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅଂର୍ଗତ ଭୁବନ ରାସ୍ତାର ବଳଭଦ୍ରପାଟଣା ନିକଟରେ ଏକ ସ୍କୁଟି ଭାରସାମ୍ୟ ହରାଇ ଇଲେକ୍ଟ୍ରି ଖୁଂଟରେ ପିଟି ହେବା ଫଳରେ ଏଥିରେ ୩ଜଣ ଆହତ ହୋଇଥିବା ସୂଚନା ମିଳିଛି। ଆହତ ମାନେ ହେଲେ ଭୁବନ ଗ୍ରାମର ଲିଜା ମଲିକ (୧୮), ମାମୁନି ମଲିକ (୧୯), ସୀମା ମଲିକ (୧୨)। ଆଜି ସରସ୍ୱତୀ ପୂଜା ଥିବାରୁ ଏହି ୩ଜଣ ଏକ ସ୍କୁଟି ଯୋଗେ ଜାରକା ଆସୁଥିବା ସମୟରେ ଭାରସାମ୍ୟ ହରାଇ ସ୍କୁଟିଟି ଖୁଂଟରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଆହତ ୩ଜଣଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଭର୍ତି କରାଯାଇଥିଲା। ସେଠାରେ ୨ଜଣଙ୍କ ଅବସ୍ଥା ଥିବାରୁ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ଆନନ୍ଦପୁର ବ୍ଲକ ଛକ ସ୍ଥିତ ଆଇଆଇସିଏମ୍ କମ୍ପୁଟର ସେଣ୍ଟରରେ ସରସ୍ୱତୀ ପୂଜା



ଆନନ୍ଦପୁର (ପିଏନ୍): ଆନନ୍ଦପୁର ବ୍ଲକ ଛକ ସ୍ଥିତ ଆଇଆଇସିଏମ୍ କମ୍ପୁଟର ସେଣ୍ଟରରେ ସରସ୍ୱତୀ ପୂଜା ସରକାରଙ୍କ କୋଭିଡ୍ କଟକଣାକୁ ମାନି ନିରାଡମ୍ବର ସହକାରେ ପାଳିତ ହୋଇଯାଇଛି । ଏହି ପୂଜାରେ ଆଇଆଇସିଏମ୍‌ର ପରିଚାଳକ ମନୋଜ କୁମାର ମହାଁ ସମସ୍ତ ଛାତ୍ରଛାତ୍ରୀଙ୍କ ମଙ୍ଗଳ କାମନା କରି ମା'ଙ୍କ ନିକଟରେ ପୂଜା କରିଥିଲେ । ଏହି ପୂଜାରେ ଛାତ୍ରଛାତ୍ରୀ ଶୁଭେନ୍ଦୁ ସାହୁ, ସତ୍ୟ କୁମାର ସେଠୀ, ଦେବାଶିଷ ସାହୁ, ସପନ କୁମାର ଦାଶ, ମମତା, ଅନନ୍ୟା ହଜାରୀ, ରେଜେଶ୍ୱର ସିଂ, ରିତାରାଣୀ ଦାସ, ଲିଜା, ସନା, ରୁଦ୍ର ସାହୁ, ଦେବାଶିଷ ମହାରଣା, ବିକି, ଚିକି, ପର୍ଶୁରାମ, ସୃଜନିକା ପଟ୍ଟନାୟକ, ନିଳୀମା, ବର୍ଷା, ଲିପନ, କୁନମୁନ, ସବିତା ପଟ୍ଟନାୟକ ଉପସ୍ଥିତ ଥିଲେ ।

## ସାମ୍ବାଦିକଙ୍କୁ କରୋନା ସମ୍ମାନ



ବାଙ୍କୀ (ପିଏନ୍)- ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ଗୟଳବାଙ୍କଠାରେ ଉତ୍କଳ ଶିବଶକ୍ତି ମନ୍ଦିର ପୂଜକ ସଂଘ ପକ୍ଷରୁ କରୋନା ମହାମାରୀରେ ସାମ୍ବାଦିକମାନେ ଯେଉଁଭଳି ଭାବେ ନିଜ ଜୀବନକୁ ବାଜି ଲଗାଇ ନିଜର କର୍ତ୍ତବ୍ୟକୁ ସୂଚାରୁ ରୂପେ ତୁଲାଇଥିବା ବେଳେ ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ସାମ୍ବାଦିକମାନଙ୍କୁ କରୋନା ଯୋଦ୍ଧାର ଆଖ୍ୟା ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଉତ୍କଳ ଶିବଶକ୍ତି ମନ୍ଦିର ପୂଜକ ସଂଘର ରାଜ୍ୟ ସଭାପତି ପରମ ଶୈବ ଲଳିତ ମହାପାତ୍ର, ରାଜ୍ୟ ସଂପାଦକ ଆର୍ଚ୍ଚର୍ଯ୍ୟ ବି.କେ. ମହାପାତ୍ରଙ୍କ ତରଫରୁ ସାମ୍ବାଦିକ ଅନନ୍ତ କୁମାର ପଟ୍ଟନାୟକଙ୍କୁ କରୋନା ଯୋଦ୍ଧା ସମ୍ମାନରେ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।




# ବିଜେଡିର କୁଶାସନକୁ ରାଜ୍ୟବାସୀ ଆଉ ବରଦାସ୍ତ କରିବେ ନାହିଁ : ସମୀର ମହାନ୍ତି

ବାଲିଗୁଡା /ଭୁବନେଶ୍ୱର, (ପି.ଏନ): ଶାସକ ବିଜେଡି ସରକାର, ମିଛୁଆ ରାଧୁଆ ସରକାର । କେବଳ ପ୍ରତାରଣା ବ୍ୟତୀତ ରାଜ୍ୟବାସୀଙ୍କୁ ଆଉ କିଛି ଦେଇନାହିଁ ଶାସକ ବିଜେଡି । ରାଜ୍ୟ ସରକାରଙ୍କ ପିଠା, କାଳିଆ, ହରିଶ୍ଚନ୍ଦ୍ର ଯୋଜନା ଆଦି ଫେଲ ମାରିଛି । ବାସହୀନଙ୍କ ପାଇଁ ମୋଦି ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ଯୋଗାଇ ଦେଲେ । କିନ୍ତୁ ରାଜ୍ୟରେ ଦୀର୍ଘ ୨୨ ବର୍ଷ ଧରି ନିରନ୍ତର ଭାବେ ଶାସନ କ୍ଷମତାରେ ଥିବା ବିଜେଡି ସରକାରର ଦୁର୍ନୀତି ଓ ଭ୍ରଷ୍ଟାଚାର କାରଣରୁ ଗରୀବ ଲୋକଟି ବାସଗୃହଟିଏ ପାଇବାରୁ ବଂଚିତ ହେଲା । ସେହିପରି ଆଦିବାସୀଙ୍କ ବିକାଶ ପାଇଁ ବହୁ କଲ୍ୟାଣକାରୀ ଯୋଜନାର ସୁଫଳରୁ ବଂଚିତ ରଖାଗଲା । ଆଜି ମଧ୍ୟ ସମଗ୍ର ରାଜ୍ୟବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ।ମେଘାଳୟ ରାଜ୍ୟରେ ଚାଷୀଙ୍କ ଆୟ ୩୫ ହଜାର ଟଙ୍କା ଥିବାବେଳେ ଓଡିଶାରେ ଏହା ମାତ୍ର ୫ ହଜାର ଟଙ୍କାରେ ସୀମିତ ଅଛି । ରାଜ୍ୟରେ କୃଷକଙ୍କ ଆୟ ୫ ଗୁଣା ବୃଦ୍ଧି ପାଇବାର ସମସ୍ତ ସମ୍ଭାବନା ଥିବାବେଳେ ଶାସକ ବିଜେଡିର ଚାଷୀମାରଣ ନୀତି କାରଣରୁ ଚାଷୀକୁଳଙ୍କ ଆର୍ଥିକ ସ୍ଥିତି ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି । କନ୍ଧମାଳର ଚାଷୀ, ଆଦିବାସୀ ଏବଂ ଜଙ୍ଗଲ ବର୍ତ୍ତମାନ ବିପନ୍ନ ସ୍ଥିତିରେ । କନ୍ଧମାଳ ହଳଦୀର ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ଚାହିଦା ରହିଥିବାବେଳେ ରାଜ୍ୟ ସରକାରଙ୍କ ଆନ୍ତରିକତା ଅଭାବ କାରଣରୁ ହଳଦୀ ବିକ୍ରି ହୋଇନପାରି ନଷ୍ଟ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର କାରଣରୁ କନ୍ଧମାଳ ଚାଷୀ ଆଜି ବିପନ୍ନ ସ୍ଥିତିକୁ ପହଂଚିଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି ।ରାଜ୍ୟରେ ମହିଳା ଓ ଶିଶୁ ସୁରକ୍ଷିତ ନାହାନ୍ତି । ରାଜ୍ୟରେ ପ୍ରତିଦିନ ହାରାହାରି ୪ ଦୁଷ୍କର୍ମ ଓ ୬ ଅପହରଣ ଘଟଣା ପ୍ରମୁଖ ଚିନ୍ତାର କାରଣ ସାଜିଥିବାବେଳେ ରାଜ୍ୟ ସରକାର ହାତ ବାନ୍ଧି ବସିରହିଛନ୍ତି । ଶାସକ ବିଜେଡି ବର୍ତ୍ତମାନ ଅପରାଧୀଙ୍କ ଚରାଭୁଇଁ ପାଲଟିଛି । ଓଡିଶାବାସୀଙ୍କୁ ପ୍ରତାରଣା ଦେଇ ଆସୁଥିବା ଶାସକ ବିଜେଡି ବର୍ତ୍ତମାନ ରକ୍ତମୁଖା ସାଜି ଏବଂ ପ୍ରତିହିଂସା ପରାୟଣ ହୋଇ ବିରୋଧୀ ଦଳର କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ କରୁଛି । ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତାଙ୍କ ଉପରେ ବାରମ୍ବାର ଆକ୍ରମଣ କରାଯାଉଛି ।

# ବିଜ୍ଞାନ ସର୍ବତ୍ର ପୂଜ୍ୟତେ ଅଭିଯାନ ଉଦ୍‌ଘାଟିତ

ଭୁବନେଶ୍ୱର, (ପି.ଏନ): ଜୀବନର ବିଭିନ୍ନ କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ଏବଂ ପ୍ରତିବନ୍ଧକଗୁଡ଼ିକୁ ଅତିକ୍ରମ କରିବା ପାଇଁ ବିଜ୍ଞାନ ସହାୟକ ହୋଇଛି । ସେଥିପାଇଁ ବିଭିନ୍ନ ସମସ୍ୟାଗୁଡ଼ିକର ଚିହ୍ନଟ ସାଙ୍ଗକୁ ସେଗୁଡ଼ିକର ସମାଧାନ ପାଇଁ ଅନ୍ୟାନ୍ୟ କ୍ଷେତ୍ର ସହିତ ସମନ୍ୱୟ ରକ୍ଷାକରି ବୈଜ୍ଞାନିକମାନେ କାର୍ଯ୍ୟ କରୁଛନ୍ତି । ମାନବ ଜାତି ପାଇଁ ବିଜ୍ଞାନ ଅପରିହାର୍ଯ୍ୟ । ଭାରତରେ ବୈଜ୍ଞାନିକ ଉଦ୍ଭାବନ, ଆବିଷ୍କାର ସାଙ୍ଗକୁ କାରିଗରୀ କୌଶଳର ପ୍ରୟୋଗ ମାଧ୍ୟମରେ ଆତ୍ମନିର୍ଭରତାର ଉପଲବ୍ଧି ଆସିପାରିଛି ବୋଲି ବିଶିଷ୍ଟ ଅତିଥିମାନେ ମତପ୍ରଦାନ କରିଛନ୍ତି । 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ ଅବସରରେ ଦେଶର ଛାତ୍ରଛାତ୍ରୀମାନଙ୍କୁ ଅନୁପ୍ରାଣିତ କରିବା ପାଇଁ 'ବିଜ୍ଞାନ ସର୍ବତ୍ର ପୂଜ୍ୟତେ' ଅଭିଯାନର ଉଦ୍‌ଘାଟନ ପର୍ବରେ ଅତିଥିମାନେ ଉପରୋକ୍ତ ମର୍ମରେ ବକ୍ତବ୍ୟ ରଖିଛନ୍ତି । ଦେଶର ୭୫ଟି ସ୍ଥାନରେ ପାଳିତ ଏହି କାର୍ଯ୍ୟକ୍ରମର ଅଂଶସ୍ୱରୂପ ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ କାରିଗରୀ ବିଭାଗ ଆନୁକୂଲ୍ୟରେ ଏବଂ ଓଡ଼ିଶା ବିଜ୍ଞାନ ଏକାଡେମୀ, ଭୁବନେଶ୍ୱର ସିଟି ନଲେଜ୍ ଇନୋଭେସନ୍ କ୍ଲଷ୍ଟର, ଆଂଚଳିକ ବିଜ୍ଞାନ କେନ୍ଦ୍ର ଏବଂ କିଟ୍ ବିଶ୍ୱବିଦ୍ୟାଳୟର ସହଯୋଗ କ୍ରମେ ଅନୁଷ୍ଠିତ ଉତ୍ସବର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଇଲେକ୍‌ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି, ବିଜ୍ଞାନ ଓ କାରିଗରୀ ବିଭାଗର ଶାସନ ସଚିବ ମନୋଜ କୁମାର ମିଶ୍ର, ଓଡ଼ିଶା ବିଜ୍ଞାନ ଏକାଡେମୀର ସଭାପତି ପ୍ରଫେସର ବିଭୂତିଭୂଷଣ ମିଶ୍ର, ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସ, ଆଇସିଏମ୍‌ଆର-ଆରଏମ୍‌ଆରସି, ଭୁବନେଶ୍ୱରର ନିର୍ଦ୍ଦେଶିକା ଡା. ସଂଘମିତ୍ରା ପତି, ଭୁବନେଶ୍ୱର ସିଟି ନଲେଜ୍ ଇନୋଭେସନ୍ କ୍ଲଷ୍ଟରର ଅଧ୍ୟକ୍ଷ ପ୍ରଫେସର ମୃତ୍ୟୁଞ୍ଜୟ ସୁଆର, ସିଏସ୍‌ଆଇଆର-ଆଇଆଇଏମ୍‌ଟିର ନିର୍ଦ୍ଦେଶକ ପ୍ରଫେସର ସୁଧାସତ୍ୱ ବସୁ ପ୍ରମୁଖ ଯୋଗଦେଇ ବିଭିନ୍ନ ଦୃଷ୍ଟିକୋଣରୁ ବିଜ୍ଞାନ ଓ କାରିଗରୀ ବିଦ୍ୟାର ଶିକ୍ଷଣ, ପୁନଃଶିକ୍ଷଣ, ଉପଯୋଗ ଏବଂ ବ୍ୟବହାରିକତା ଉପରେ ମନ୍ତବ୍ୟ ରଖିଥିଲେ । ଉଭୟ ଆଭାସୀ ମାଧ୍ୟମ ଓ ପ୍ରତ୍ୟକ୍ଷ କାର୍ଯ୍ୟକ୍ରମ ଭାବରେ ଆୟୋଜିତ ଏହି ଉଦ୍‌ଘାଟନ ପର୍ବରେ ରାଜ୍ୟର ବିଭିନ୍ନ ସ୍ଥାନରୁ ବିଜ୍ଞାନୀ, ଗବେଷକ ଓ ଚିକିତ୍ସକମାନେ ଅଂଶଗ୍ରହଣ କରିଥିଲେ । ନଲେଜ୍ ଇନୋଭେସନ୍ କ୍ଲଷ୍ଟରର ନିର୍ଦ୍ଦେଶକ ଡ. ପ୍ରଶାନ୍ତ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ । ଚଳିତ ମାସ ୨୮ ତାରିଖ ପର୍ଯ୍ୟନ୍ତ କିଟ୍ ଇଂଟରନ୍ୟାସନାଲ୍ ସ୍କୁଲ୍ ଠାରେ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏକ ବିଜ୍ଞାନ ପାଭିଲିଅନ୍ ଖୋଲିଛି । ଏଥିରେ ଭାରତୀୟ ପ୍ରତିରକ୍ଷା ଗବେଷଣା ଓ ବିକାଶ ପ୍ରତିଷ୍ଠାନ, ଓଡ଼ିଶା ରିମୋଟ୍ ସେନ୍‌ସିଂ ଆପ୍ଲିକେସନ୍ ସେଂଟର ଏବଂ ନ୍ୟାସନାଲ୍ ଇନୋଭେସନ୍ ଫାଉଣ୍ଡେସନ୍‌ର ମଣ୍ଡପମାନ ସ୍ଥାପିତ ହୋଇଛି । ଛାତ୍ରଛାତ୍ରୀ ଓ ଯୁବବର୍ଗ ତଥା ସାଧାରଣ ଜନତାଙ୍କୁ ଭାରତୀୟ ବୈଜ୍ଞାନିକମାନଙ୍କ ଅବଦାନ ଅବଗତି ସମେତ ବିଜ୍ଞାନ ଶିକ୍ଷା ପ୍ରତି ଆଗ୍ରହ ବୃଦ୍ଧି 'ବିଜ୍ଞାନ ସର୍ବତ୍ର ପୂଜ୍ୟତେ' କାର୍ଯ୍ୟକ୍ରମର ଆଭିମୁଖ୍ୟ ।

# ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଏମଡ଼ିଏମ୍ ସଂଘର ମୟୂରଭଞ୍ଜ ଶାଖା ପକ୍ଷରୁ ବିକ୍ଷୋଭ

ବାରିପଦା,(ପିଏନ)- ମୟୂରଭଞ୍ଜ ଜିଲ୍ଲାରେ ଥିବା ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଏମ୍‌ଡ଼ିଏମ୍ ପାଚିକା ଓ ସହାୟିକାମାନଙ୍କର ୨୮ ମାସର ଏରିଆର ପ୍ରଦାନ ସହ ବକେୟା ୩ ମାସର ଦରମା ଏବଂ ବେଆଇନ ଭାବେ ଛଟେଇ ହୋଇଥିବା ପାଚିକା ଓ ସହାୟିକାମାନଙ୍କୁ ପୁନଃ ନିଯୁକ୍ତି ଦାବିରେ ଆଜି ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର ମୟୂରଭଞ୍ଜ ଶାଖା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କରୋନା ମାର୍ଗଦର୍ଶୀକା ଅନୁପାଳନ ପୂର୍ବକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର କୋଷାଧ୍ୟକ୍ଷ ଅମଲ ଦେଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକର୍ତନ କବି, ପ୍ରଶାନ୍ତ ପରିଡ଼ା, କୁଞ୍ଜଲତା ମହାନ୍ତ, ସନ୍ଧ୍ୟା ବେହେରା, ମାଳତୀ ମହାନ୍ତ, ରଞ୍ଜିତା ରାଉତ, ମେରିଆ ହାଁସଦାଃ, ବୀଣାପାଣି ନାୟକ, ଆଲାଦି ହେମ୍ବ୍ରମ, କାଲୁ ଦେହୁରୀ, ମଞ୍ଜୁଳା ମହାନ୍ତ, ଆରତୀ କବି, ଅନ୍ନପୂର୍ଣ୍ଣା ବାରିକ ପ୍ରମୁଖ ଯୋଗ ଦେଇ ନିଜ ନିଜର ମତ ଉପସ୍ଥାପନ କରାଇଥିଲେ । ଏହାପରେ ଏକ ପ୍ରତିଧି ଦଳ କାର୍ଯ୍ୟାଳୟକୁ ଯାଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ସେମାନଙ୍କ ୮ ଦଫା ଦାବିଗୁଡ଼ିକ ଉପରେ ଆଲୋଚନା କରିଥିଲେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ୩ ମାସର ବକେୟା ଦରମା ପ୍ରଦାନ ନିମନ୍ତେ ବିଲ ଯାଇଛି । ପାଶ ହୋଇ ଆସିବା ପରେ ପ୍ରଦାନ କରାଯିବ । ଏଥି ସହିତ ୨୮ ମାସର ଏରିଆର ଟଙ୍କା ପ୍ରଦାନ ନିମନ୍ତେ ବିଲ ଯାଇଛି । ଭୁବନେଶ୍ୱରରୁ ପାଶ ହୋଇ ଆସିଲେ ମିଳିଯିବ ଏବଂ ଛଟେଇ ପାଚିକା ଓ ସହାୟିକାମାନଙ୍କ ଫାଇଲକୁ ଅନୁଧ୍ୟାନ କରି ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ସେହିପରି ଯେଉଁ ଦାବିଗୁଡ଼ିକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କ୍ଷମତା ପରିସରର ବାହାରେ ସେଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଇବେ ବୋଲି ପ୍ରକାଶ କରିଥିଲେ ।

# ଜୀବନ ଜୀଇଁବାର ରାହା ଦେଖାଇଲା ରେଡ୍ ସ୍ୱସ୍ତିକ୍ ସୋସାଇଟି

ଭୁବନେଶ୍ୱର, (ପି.ଏନ): ମୁଁ ହେବି ସ୍ୱାବଲମ୍ବୀ । ପରିବାରର କାହାରି ଉପରେ ବୋଝ ଆଉ ହେବିନାହିଁ । ଘରକୁ ବି ଚଳାଇ ପାରିବି । ଏହିଭଳି ଦୃଢ ମନୋବଳ ଓ ଆତ୍ମବିଶ୍ୱାସ ନେଇ ଆଗେଇ ଚାଲିଛନ୍ତି ୟୁନିଟ୍-୯ ଅଂଚଳରେ ରହୁଥିବା ଗରିବ ମେଧାବୀ ଛାତ୍ରୀ ସୁସ୍ମିତାରାଣୀ ରାଉତ । ଅଭାବ ମଧ୍ୟରେ ସଂଘର୍ଷ କରି ଘରେ ଛୋଟ ଛୋଟ ପିଲାଙ୍କୁ ଶିକ୍ଷାଦାନ କରିବା ସହ ଦୂରଶିକ୍ଷା ମାଧ୍ୟମରେ ଉତ୍କଳ ବିଶ୍ୱ ବିଦ୍ୟାଳୟ ଅଧିନରେ +୩ କଳାରେ ଶେଷବର୍ଷରେ ସେ ପାଠ ପଢୁଛନ୍ତି । ଏତଦ୍‌ସହ ଏକ ସରକାରୀ କମ୍ପୁଟର ଶିକ୍ଷା ଅନୁଷ୍ଠାନରେ କମ୍ପୁଟର ଏକ କୋର୍ସ କରୁଛନ୍ତି । ଆଉ ଅଳ୍ପଦିନ ପରେ କମ୍ପୁଟରର କୋର୍ସ ସମାପ୍ତ ହୋଇଯିବ । କମ୍ପୁଟର ମାଧ୍ୟମରେ ଅର୍ଥ ଉପାର୍ଜନ କରି ଆର୍ଥିକ ଅବସ୍ଥାକୁ ସୁଦୃଢ କରିବା ପାଇଁ ଲକ୍ଷ୍ୟ ରହିଥିଲେ ସୁଦ୍ଧା ଆର୍ଥିକ ଅନାଟନ ଯୋଗୁ କମ୍ପୁଟର ବା ଲ୍ୟାପଟପ୍‌ଟିଏ କିଣିବା ତାଙ୍କ ପାଇଁ ସାତସପନ । ଏହିଭଳି ମେଧାବୀ ଛାତ୍ରୀର ଆଗ୍ରହ ଓ ସ୍ୱାବଲମ୍ବୀ ହେବାର ଖବର ପାଇ ୧୯୮୫ ବ୍ୟାଚ୍

# ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିନିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା । ନିଆଁ ଲାଗିଥିବା ସପିଂ ମଲର ଅଳ୍ପ ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ରହିଥିବାରୁ ସେଥିରେ ଯେପରି ନିଆଁ ନ ଧରିବ ସେଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିଲା । ରାଇରଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଁଚି ମୁଖ୍ୟ ରାସ୍ତାକୁ ସିଲ୍ କରିଦେଇଥିଲେ । ସପିଂ ମଲରେ ଅଗ୍ନିକାଣ୍ଡ ଘଟିବାର ସଠିକ୍ କାରଣ ବର୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନଥିବା ସମୟରେ ସର୍ଟ ସର୍କିଟ୍ କାରଣରୁ ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଇଥିବା ସମୟରେ ରାଇରଙ୍ଗପୁର ଉପଖଣ୍ଡରେ ଏହି ପ୍ରକାରର ଭୟାବହ ଅଗ୍ନିକାଣ୍ଡ ପ୍ରଥମ ଘଟଣା ବୋଲି ଜଣାପଡ଼ିଛି ।

# ନିଆଳିରେ ପିସିସି ସଭାପତିଙ୍କ ନିର୍ବାଚନୀ ପ୍ରଚାର

ଭୁବନେଶ୍ୱର, (ପି.ଏନ): ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ନିଆଳି ବ୍ଲକରେ ୨୧ନଂ ଜୋନରେ ଦୀର୍ଘ ତିନିଘଂଟା ଧରି ପ୍ରଚାର କରିଥିଲେ । ଏହି ପ୍ରଚାର ଶୋଭାଯାତ୍ରା କସରଦାଠୁ ଆରମ୍ଭ ହୋଇ ଏରଂଚ, ରାଣିଓଳା, ସଗଡ଼ାଇଲୋ, ସିଠାଲୋ, ଏକବରୁଆଁ ପଂଚାୟତ ଦେଇ ଯାଇଥିଲା । ରାସ୍ତାରେ ସମସ୍ତ ଗ୍ରାମରେ ପ୍ରବଳ ଜନସମାଗମ ହୋଇଥିଲା । ଜନସାଧାରଣ ଉତ୍ସାହର ସହ ଶ୍ରୀ ପଟ୍ଟନାୟକଙ୍କୁ ସ୍ୱାଗତ କରିବା ସହ ରାଲିରେ ଯୋଗଦାନ କରିଥିଲେ । ପ୍ରତି ଛକରେ ଫୁଲତୋଡ଼ା ଓ ଉତରୀୟ ପ୍ରଦାନ କରି ସାଧାରଣ ଜନତା କଂଗ୍ରେସ ପ୍ରତି ସମର୍ଥନ ପ୍ରକଟ କରିଛନ୍ତି । ପ୍ରକାଶଥାଉକି ନିଆଳି ବିଧାୟକ ପ୍ରମୋଦ ମଲ୍ଲିକଙ୍କ ନିଜ ଗ୍ରାମ ପଂଚାୟତ ଦେଇ ଶୋଭାଯାତ୍ରା ଯାଉଥିବା ବେଳେ ହଜାର ହଜାର ସଂଖ୍ୟାରେ ଜନସାଧାରଣ ସ୍ୱତପ୍ରବୃତ ଭାବେ କଂଗ୍ରେସର ପ୍ରଚାର ଶୋଭାଯାତ୍ରାରେ ଯୋଗଦାନକୁ ଦେଖି ପିସିସି ସଭାପତି ଶ୍ରୀ ପଟ୍ଟନାୟକ ଭାବବିହ୍ୱଳ ହୋଇପଡ଼ିଥିଲେ ଏବଂ ନିଆଳି ବ୍ଲକରେ କଂଗ୍ରେସ ବିପୁଳ ସଂଖ୍ୟାରେ ଜୟଯୁକ୍ତ ହେବ ବୋଲି ଆଶା ପ୍ରକଟ କରିଛନ୍ତି ଶ୍ରୀ ପଟ୍ଟନାୟକ । ଯୁବନେତା ତଥା କଟକ ଜିଲ୍ଲା କଂଗ୍ରେସ ଉପସଭାପତି ଶଶିକାନ୍ତ ଲେଙ୍କା ଆଜିର ବିଶାଳ ଶୋଭାଯାତ୍ରାରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକଙ୍କ ସମେତ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପଂଚାନନ କାନୁନଗୋ, କଟକ ଜିଲ୍ଲା କଂଗ୍ରେସ ସଭାପତି ମାନସ ଚୌଧୁରୀ, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ, କଂଗ୍ରେସ ଜିଲ୍ଲା ପରିଷଦ ପ୍ରାର୍ଥୀ ରେଣୁକା ସିଂ, ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର କଂଗ୍ରେସ ନେତୃବୃନ୍ଦ ଓ କଂଗ୍ରେସକୁ ସମର୍ଥନ କରୁଥିବା ସରପଂଚ ଓ ସମିତିସଭ୍ୟ ପ୍ରାର୍ଥିମାନେ ଯୋଗଦେଇଥିଲେ ।

# ପଟ୍ଟାମୁଣ୍ଡାଇ ଦୂର୍ଗାପୂଜା ପାଇଁ ଶାନ୍ତି କମିଟି ବୈଠକ

ପଟ୍ଟାମୁଣ୍ଡାଇ,(ପିଏନ)- ସଂପ୍ରତି ଆଗାମୀ ଶାରଦୀୟ ଦୂର୍ଗାପୂଜା ଉତ୍ସବ ପାଳନ ପାଇଁ ପଟ୍ଟାମୁଣ୍ଡାଇ ଦୂର୍ଗାପୂଜା ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ତହସିଲଦାର ଶରତ କୁମାର ଗିରିଙ୍କ ପୌରହିତ୍ୟରେ ପଟ୍ଟାମୁଣ୍ଡାଇ ପଟାଂୟତ ସମିତି ସଭାଗୃହରେ ଆୟୋଜିତ ବୈଠକରେ ଆଗାମୀ ଦୂର୍ଗାପୂଜା ଉତ୍ସବକୁ କୋଭିଡ ନିୟମାନୁଯାୟୀ ପାଳନ କରାଯିବାକୁ ଆଲୋଚନା କରାଯାଇଥିଲା । ତେବେ ମେଢ କମିଟିର ସଭାପତିମାନେ କେନ୍ଦ୍ରାପଡା ଏଡିଏମଙ୍କ ନିକଟରେ ଉତ୍ସବକୁ ପାଳନ କରିବା ପାଇଁ ଚୁକ୍ତିପତ୍ର ସ୍ୱାକ୍ଷର କରିବା ଘଟଣାକୁ ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା । ମେଢ କମିଟିର କର୍ମକର୍ତା ଓ ଶାନ୍ତି କମିଟିର ସଦସ୍ୟମାନେ ଏହି ଚୁକ୍ତିପତ୍ର ସ୍ଥାନୀୟ ପ୍ରଶାସନ ଜରିଆରେ ସଂପାଦନ କରାଯିବା ନେଇ ଯୁକ୍ତି ଉପସ୍ଥାପନ କରିଥିଲେ । ସଭା ମଚଂରେ ଉପସ୍ଥିତି ତହସିଲଦାର ଶ୍ରୀଗିରି ଓ ପଟ୍ଟାମୁଣ୍ଡାଇ ବିଡିଓ ଭରତ ଚନ୍ଦ୍ର ପରିଡା ଫୋନ ଯୋଗେ ଏଡିଏମଙ୍କ ସହିତ ଯୋଗାଯୋଗ କରି ଶାନ୍ତି କମିଟି ବୈଠକ ନିଷ୍ପତିକୁ ଜଣାଇବା ପରେ ମଧ ଏଡିଏମ ସମସ୍ତ ମେଢର କର୍ମକର୍ତାମାନେ କେନ୍ଦ୍ରାପଡା ଯାଇ ତାଙ୍କ କାର୍ଯ୍ୟାଳୟରେ ଚୁକ୍ତିପତ୍ର ସ୍ୱାକ୍ଷର କରିବାକୁ କହିବାରୁ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା । ପଟ୍ଟାମୁଣ୍ଡାଇ ଏସଡିପିଓ ରଞ୍ଜନ କୁମାର ଦେ, ତହସିଲଦାର ଶ୍ରୀଗିରି ଓ ବିଡିଓ ଶ୍ରୀପରିଡା ଶାନ୍ତି କମିଟି ଓ ମେଢ କମିଟି ସଭ୍ୟମାନଙ୍କୁ ବୁଝାଶୁଝା କରିବା ସହିତ ଜିଲ୍ଲା ପ୍ରଶାସନକୁ ଏହି ବିଷୟରେ ଅବଗତ କରାଇ ସମାଧାନ ବାହାର କରିବା ପାଇଁ ପ୍ରତିଶୃତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ଏହି ବୈଠକରେ ପୌରନିର୍ବାହୀ ଅଧିକାରୀ ସଂପଦ ସ୍ୱାଇଁ, ମେଡିକାଲ ଅଫିସର ଡା.ନିରାକାର ପରିଡା, ମେଢ କମିଟି ସଂପାଦକ ବିଜୟ ସାହୁ, ବିକାଶ ପରିଷଦର ସଂପାଦକ ଗୋପିନାଥ ତ୍ରିପାଠୀ, ବରିଷ୍ଠ ସଦସ୍ୟ ଭୋଳାନାଥ ପାଢୀ, କିଶୋର ସାହୁ, ରମେଶ ଦେ, ସାମ୍ବାଦିକ ପତିତପାବନ ଭଦ୍ର, ଅନୀଲ ଚୌଧୁରୀ, ରାଧାମୋହନ ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ବୈଠକରେ ଅତିରିକ୍ତ ତହସିଲଦାର ଓମ ପ୍ରକାଶ ମହାନ୍ତି, ପୂର୍ତ ବିଭାଗ ସହନିର୍ବାହୀ ଅଧିକାରୀ ଇଂ. ପ୍ରଶାନ୍ତ କୁମାର ଦାସ, ଜଳସଂପଦ ବିଭାହ ସହନିର୍ବାହୀ ଅଧିକାରୀ ଇଂ. ଶକ୍ତି ପ୍ରସାଦ ଦାସ, ସେସୁ ଏସଡିଓ ଇଂ. ବିବେକାନନ୍ଦ ପଣ୍ଡା, ମେଢ କମିଟିର କର୍ମକର୍ତା ପ୍ରମୋଦ ଜେନା, ରବିନ୍ଦ୍ର ସାହୁ, ଦୁଷ୍ମନ୍ତ ସାହୁ , ସନାତନ ବିଶ୍ୱାଳ, ବିଶ୍ୱଜିତ ଦାସ, ବାବୁରାମ ପାଢୀ ପ୍ରମୁଖ ବହୁ ମେଢ କମିଟିର କର୍ମକର୍ତା ଓ ସଭ୍ୟ ଏହି ବୈଠକରେ ଯୋଗ ଦେଇଥିଲେ । ଶେଷରେ ବରିଷ୍ଠ ସଭ୍ୟ ଗୋପିନାଥ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ ।

# ଚିହ୍ନଟ ହେଲେ ନୂଆ ୬୭ ଆକ୍ରାନ୍ତ

ଭଦ୍ରକ, (ପିଏନ)- ଭଦ୍ରକ ଜିଲ୍ଲାରୁ ଆଜି ନୂଆ କରୋନା ଆକ୍ରାନ୍ତ ୬୭ଜଣ ଚିହ୍ନଟ ହୋଇଛନ୍ତି । ଜିଲ୍ଲାରୁ ମୋଟ ୧ ଲକ୍ଷ ୩୦୪୯ ଜଣଙ୍କ ନମୁନା ପରୀକ୍ଷା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ପହଂଚିଛି ୬୧୬୬ରେ । ତେବେ ଏମାନଙ୍କ ମଧ୍ୟରୁ ୫୫୯୧ଜଣ ସୁସ୍ଥ ହୋଇ ସାରିଛନ୍ତି । ଗତକାଲି ୧୧୪ ଜଣ ସୁସ୍ଥ ହେବା ପରେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ଏବେ ମୋଟ ୫୬୦ଜଣ ଆକ୍ରାନ୍ତ ସକ୍ରିୟ ରହି ଚିକିତ୍ସିତ ହେଉଛନ୍ତି । ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତମାନେ ବାସୁଦେବପୁର ବ୍ଲକର ୨ଜଣ, ଭଦ୍ରକ ବ୍ଲକର ୪ଜଣ, ଭଦ୍ରକ ପୌରପାଳିକାର ୬ଜଣ, ବନ୍ତ ବ୍ଲକର ୧୯ଜଣ, ଭଣ୍ଡାରିପୋଖରୀ ବ୍ଲକର ୩ଜଣ, ଚାନ୍ଦବାଲି ବ୍ଲକର ଜଣେ, ଧାମନଗର ବ୍ଲକର ୨୬ଜଣ, ତିହିଡି ବ୍ଲକର ୬ଜଣ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






# ଅଧ୍ୟୟନ ସହ ସାଧାରଣ ଜ୍ଞାନ ସଫଳତା ଆଣେ : ଖୋର୍ଦ୍ଧା ଆଇନ୍ କଲେଜରେ ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ




ଖୋର୍ଦ୍ଧା,(ପି.ଏନ): ଖୋର୍ଦ୍ଧା ଆଇନ୍ କଲେଜରେ ଗ୍ରାଜୁଏସନ୍ ପରେ ତିନି ବର୍ଷିଆ ଏଲ .ଏଲ୍.ବି ( ୨୦୨୧-୨୦୨୪) ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି । କଲେଜର ପ୍ରତିଷ୍ଠାତା ସମ୍ପାଦକ ସୁଧୀର କୁମାର ମାନସିଂହଙ୍କ ସଭାପତିତ୍ୱରେ ଓ ଅଧକ୍ଷ ଡ. ସୁଜିତ୍ କୁମାର ବିଷୋୟୀଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଥମ ବର୍ଷରେ ନାମ ଲେଖାଇଥିବା ଷାଠିଏ ଜଣ ଛାତ୍ରଛାତ୍ରୀ ନିଜ ନିଜ ପରିଚୟ ଦେବା ସହ ସେମାନଙ୍କୁ ସ୍ୱାଗତ କରାଯାଇଥିଲା । ଅଧ୍ୟାପକ ଡ. ଗିରିଶ ରଂଜନ ସାହୁ ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଅବସରପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ରୋଟାରିଆନ୍ ଦେବପ୍ରସାଦ ମଜୁମଦାର ପୋଲିସ୍ ଆଇନର ବିଭିନ୍ନ ଦଫା ଉପରେ ବିଶ୍ଲେଷଣ କରି ଛାତ୍ରଛାତ୍ରୀମାନେ ଅଧ୍ୟୟନ ସହ ସାଧାରଣ ଜ୍ଞାନର ଅକଲ ପ୍ରୟୋଗ କରିପାରିଲେ ବୃତ୍ତିରେ ସଫଳ ହେବେ ବୋଲି କହିଥିଲେ । ମୁଖ୍ୟବକ୍ତା ପ୍ରଫେସର୍ ଡ. ଶରଚ୍ଚନ୍ଦ୍ର ମହାପାତ୍ର କହିଥିଲେ ଯେ, ଆଇନ୍ ପାଠ ନେତୃତ୍ୱ ନେବା ପାଇଁ ବେଶ୍ ସହାୟକ ହୁଏ ବୋଲି କହି ଡ଼. ରାଜେନ୍ଦ୍ର ପ୍ରସାଦ ଓ ଚିତ୍ତରଂଜନ ଦାସଙ୍କ ଉଦାହରଣ ଦେଇଥିଲେ । ଗଜପତି ରାଣୀ ସୂର୍ଯ୍ୟମଣି ପାଟ ମହାଦେଇଙ୍କ ଅନୁରୋଧ କ୍ରମେ ମଧୁବାବୁ ନିଜର ବିଚକ୍ଷଣ ପ୍ରତିଭା ବଳରେ କିଭଳି ହିନ୍ଦୁ ଶ୍ରୀମନ୍ଦିରକୁ ଇଂରୋଜମାନଙ୍କ କବଳରୁ ମୁକ୍ତ କରିପାରିଥିଲେ, ସେ ତା'ର ଉଦାହରଣ ଦେଇଥିଲେ । ସଚ୍ଚୋଟତା ଓ ନିଷ୍ଠା ରହିଲେ ଅନୁଷ୍ଠାନ ଗଢ଼ିବା ସମ୍ଭବପର ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ଐତିହାସିକ ସତ୍ୟବାଦୀ ବଳିଆରସିଂହ ତାଙ୍କ ବକ୍ତବ୍ୟରେ ଛାତ୍ରଛାତ୍ରୀମାନେ ବଡ଼ ଓକିଲ ହେବା ପରିବର୍ତ୍ତେ ଭଲ ଓକିଲ ହେବା ପାଇଁ ସଂକଳ୍ପ ନେବା ପାଇଁ ଆହ୍ୱାନ ଦେଇଥିଲେ । ସେ କହିଲେ ମଧୁବାବୁ ଭାଷା ଭିତ୍ତିରେ ଆମକୁ ଓଡ଼ିଶା ରାଜ୍ୟ ଦେଲେ ଅଥଚ ଆମେ କୃତଘ୍ନ ଓଡ଼ିଆ ନିଜ ଭାଷା ରକ୍ଷା କରିପାରୁନାହୁଁ । ପ୍ରତ୍ୟେକ ଛାତ୍ରଛାତ୍ରୀ ସମ୍ବିଧାନକୁ ବେଦ ଭଳି ମୁଖସ୍ଥ କରିବା ସହିତ ମଧୁବାବୁଙ୍କୁ ନିଜ ଜୀବନର ଆଦର୍ଶ ମାନି ଭାଷା ସୁରକ୍ଷା ପାଇଁ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ । ଅଧ୍ୟାପକ ରମେଶ ଚନ୍ଦ୍ର ବେହେରା, ଅଧ୍ୟାପକ ସନ୍ତୋଷ କୁମାର ବେହେରା, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଅଧ୍ୟାପିକା ଜୟଶ୍ରୀ ମିଶ୍ର ଏବଂ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ଲଲାଟେନ୍ଦୁ ଶ୍ରୀଚନ୍ଦନ ସୁନ୍ଦରାୟ, ଦିଲ୍ଲୀପ କୁମାର ସାହୁ ଓ ସଂଧ୍ୟାରାଣୀ ମହାନ୍ତି ପ୍ରମୁଖ ବକ୍ତବ୍ୟ ଦେଇଥିଲେ । ଅଧ୍ୟାପିକା ଇପ୍‌ସିତା ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

# ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟରେ ଦିନିକିଆ ଇ-ଲର୍ଣ୍ଣିଂ କର୍ମଶାଳା ଅନୁଷ୍ଠିତ




ବାରିପଦା,(ପି.ଏନ): ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ସମ୍ମିଳୀନ କକ୍ଷରେ ଏକ ଦିବସୀୟ ଇ-ଲର୍ଣ୍ଣିଂ ଶିର୍ଷକ କର୍ମଶାଳା ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି । ଓ.କେ.ସି.ଏଲ ମୟୂରଭ ଜିଲ୍ଲା ସଂଯୋଜକ ଅଧ୍ୟାପକ ସମରେନ୍ଦ୍ର କୁମାର ବସା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଇ-ଲର୍ଣ୍ଣିଂର ଆବଶ୍ୟକତା, ଶିକ୍ଷା ନେବା ଓ ଶିକ୍ଷା ଦେବାର ମାଧ୍ୟମ ଏବଂ ଛାତ୍ର-ଶିକ୍ଷକ ସମସ୍ତଙ୍କର ଶିଖିବାର ଆବଶ୍ୟକତା ଅଛି ବୋଲି କହିଥିଲେ । ଓ.କେ.ସି.ଏଲ ଦ୍ୱାରା ଦିଆଯାଉଥିବା କମ୍ପ୍ୟୁଟର ଶିକ୍ଷା ସମସ୍ତେ ଗ୍ରହଣ କରିବାର ଆବଶ୍ୟକତା ଅଛି ଏବଂ ଏହା ସରକାରୀ ଏବଂ ବେସରକାରୀ ଚାକିରୀ କ୍ଷେତ୍ରରେ ସାହାଯ୍ୟ କରିବ ବୋଲି କହିଥିଲେ । ମହାବିଦ୍ୟାଳୟର ଉପାଧକ୍ଷା ସଂଘମିତ୍ରା ରାଉତ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ସମସ୍ତ ଛାତ୍ରଛାତ୍ରୀ ଓ.କେ.ସି.ଏଲ ଦ୍ୱାରା ଦିଆଯାଉଥିବା କମ୍ପ୍ୟୁଟର ଶିକ୍ଷା ସମସ୍ତେ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ଅଧ୍ୟାପକ ମଦନ ମୋହନ ସାହୁ, ଦେବୀଦତ୍ତ ରାଉତ, ଅଭିପ୍ସା ନାୟକ, ଅଙ୍କିତା ସାହୁ, ସାଗରୀକା ପଣ୍ଡା, ତୃପ୍ତି ଦାସ, ଦେବସ୍ମିତା ବିଶ୍ୱାଳ, ସୁଜାତା ପାଲ, ସସ୍ମିତା ବିଶ୍ୱାଳ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ମୀରା ସେନାପତି ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଅନ୍ୟତମ ପ୍ରୋଗ୍ରାମ ଅଫିସର ବିଜୟା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଧର୍ମଶାଳା ବ୍ଲକର ୩ଟି ବୁଥରେ ପୁନଃମତାଦାନ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକର ୩ ଗୋଟି ବୁଥରେ ଆଜି ଶାନ୍ତପୁର୍ଣ୍ଣ ଭାବେ ପୁନଃ ମତଦାନ ଶେଷ ହୋଇଛି । ଏହି ତିନୋଟି ବୁଥରେ ମୋଟ୮୪୭ ମତଦାତାଙ୍କ ମଧ୍ୟରୁ ୭୬.୫୫ ହାରରେ ୬୫୩ଜଣ ମତଦାନ କରିଛନ୍ତି । ଧର୍ମଶାଳା ବ୍ଲକର ୪୫ ଗୋଟି ପଂଚାୟତର ୬୩୭ଟି ବୁଥରେ ପ୍ରଥମ ପର୍ଯ୍ୟାୟ ୧୬ ତାରିଖରେ ମତଦାନ ହୋଇଥିଲା । ମାତ୍ର ଦେଓଦା ପଂଚାୟତର ୬,୭ ନଂ ବୁଥ ଓ ଅରାବଳ ପଂଚାୟତର ୮ ନମ୍ବର ବୁଥରେ ଜବର ଦଖଲ ଯୋଗୁଁ ମତଦାନ ବନ୍ଦ କରାଯାଇଥିଲା । ଏଠାରେ ପୁନଃ ମତଦାନ କରିବାକୁ ଜିଲ୍ଲାପାଳ ନିର୍ବାଚନ କମିସନଙ୍କୁ ସୁପାରିସ କରିଥିଲେ । ଏନେଇ ଆଜି ଏହି ୩ଟି ବୁଥରେ ସକାଳ ୯ଟାରୁ ମତଦାନ ଆରମ୍ଭ ହୋଇ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ମତଦାନ ଶାନ୍ତି ଶୃଙ୍ଖଳାରେ ଶେଷ ହୋଇଛି । ଦେଓଦା ପଂଚାୟତର ୬ ନମ୍ବର ବୁଥରେ ୨୨୬ଜଣ ଭୋଟରଙ୍କ ମଧ୍ୟରୁ ୧୬୮ଜଣ, ୭ ନମ୍ବର ବୁଥରେ ୧୯୮ଜଣ ଭୋଟରଙ୍କ ମଧ୍ୟରୁ ୧୫୮ଜଣ ଓ ଅରାବଳ ପଂଚାୟତର ୮ ନମ୍ବର ବୁଥରେ ୪୪୩ଜଣ ଭୋଟରଙ୍କ ମଧ୍ୟରୁ ୩୨୭ଜଣ ମୋଟ ୬୫୩ଜଣ ଆଜି ମତଦାନ କରିଛନ୍ତି । ଶାନ୍ତିଶୃଙ୍ଖଳାରେ ନିର୍ବାଚନ ସମାପନ ପାଇଁ ପ୍ରତ୍ୟେକ ବୁଥରେ ଜଣେ ଇନିସ୍ପେକ୍ଟର, ୨ଜଣ ସବଇନିସ୍ପେକ୍ଟରଙ୍କ ସମେତ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ । ସେହିପରି ଦେଓଦା ବୁଥରେ ମାଜିଷ୍ଟ୍ରେଟ ଭାବେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ ଓ ଅରାବଳ ବୁଥରେ ମାଜଷ୍ଟ୍ରେ ଅତିରିକ୍ତ ତହସିଲଦାର ସୁଭସ୍ମିତା ନାୟକ ଉପସ୍ଥିତ ରହିଥିଲେ । ମତଦାନ ଶେଷ ପରେ କଡା ପୋଲିସ ସୁରକ୍ଷାରେ ଭୋଟବାକ୍ସକୁ ଅଣାଯାଇ ଧର୍ମଶାଳା କଲେଜର ଅନ୍ୟଏକ ଷ୍ଟ୍ରଙ୍ଗ ରୁମରେ ରଖାଯାଇଛି ବୋଲି ବିଡିଓ ତଥା ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି ।

## ଜାତୀୟ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ କେନ୍ଦ୍ରାପଡ଼ା ଝିଅଙ୍କ କୃତିତ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ୨୧ ନମ୍ବର ୱାର୍ଡର ଝିଅ ପୁଷ୍ପାଞ୍ଜଳୀ ମଲ୍ଲିକ ଜାତୀୟ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଛନ୍ତି । ସେଣ୍ଟର ଫର ଏଜୁକେସନାଲ ଡେଭେଲପମେଣ୍ଟ ଆଣ୍ଡ ରିସର୍ଚ୍ଚ, ମହାରାଷ୍ଟ୍ର ପକ୍ଷରୁ ଏହି ପ୍ରତିଯୋଗିତା ସଞ୍ଚାର ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପୁଷ୍ପାଞ୍ଜଳୀ ଏ-ଗ୍ରେଡ ପାଇଛନ୍ତି । ପୁଷ୍ପାଞ୍ଜଳୀ କୌଣସି ଅନୁଷ୍ଠାନରେ ବିଧିବଦ୍ଧ ଭାବେ ତାଲିମ ନେଇ ନାହାଁନ୍ତି । ସେ ଚିତ୍ର ଦେଖି ଘରେ ଆଙ୍କନ୍ତି । ଚିତ୍ର ଆଙ୍କିବା ତାଙ୍କର ଏକ ସଉକ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ପୁଷ୍ପାଞ୍ଜଳୀଙ୍କ ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ଶୁଅ ଛୁଟିଛି ।

## ଭୋଟର ତାଲିକାରେ ସଂଶୋଧନକୁ ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ

ଖୋର୍ଦ୍ଧା,(ପିଏନ): ଖୋର୍ଦ୍ଧା ସଦର ମହକୁମାର ବିଜ୍ଞାପିତ ଅଂଚଳର ୧୦ ନମ୍ବର ୱାର୍ଡର ଶାନ୍ତିଦାନ କଲୋନୀର ବାସିନ୍ଦା ପୂର୍ବ ନିର୍ବାଚନ ମାନଙ୍କରେ ଭୋଟ ଦେଇ ଆସୁଥିଲେ । କିନ୍ତୁ ଚଳିତ ତ୍ରୀ ସ୍ତରୀୟ ପଂଚାୟତ ନିର୍ବାଚନରେ ୧୦ ନମ୍ବର ୱାର୍ଡର ବାସିନ୍ଦାଙ୍କୁ ପ୍ରକାଶିତ ଭୋଟର ତାଲିକାରେ ଚଂଚକତା କରାଯାଇ ୧୧ ନମ୍ବର ୱାର୍ଡରେ ଯୋଗ କରାଯାଇଛି । ତେବେ ଏ ନେଇ ଶାନ୍ତିଦାନ କଲୋନୀର ସଭାପତି ଓ ସମ୍ପାଦକ ତୋଫାନ ନାୟକ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି ।ଆଗାମୀ ଦିନରେ ବାସିନ୍ଦାଙ୍କୁ ୧୦ ନମ୍ବର ୱାର୍ଡରେ ସଂଯୋଗ କରା ନଯାଏ ତେବେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଅଭିଯୋଗ କରାଯାଇଛି ।

# ଧର୍ମଶାଳାର ବିକାଶ ପୁରୁଷ ଥିଲେ କାଙ୍ଗାଳି ଚରଣ ପଣ୍ଡା

ଧର୍ମଶାଳା, (ପିଏନ୍):ଧର୍ମଶାଳାର ପୁର୍ବତନ ବିଧାୟକ, ଜନମାନସର ନେତା ଓ ଏହି ମାଟିର ବରପୁତ୍ର ସ୍ୱର୍ଗତ କାଙ୍ଗାଳି ଚରଣ ପଣ୍ଡାଙ୍କ ଦ୍ୱାଦଶାହରେ ଏକ ଶ୍ରଦ୍ଧାଳି ସଭା ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡିଆରେ ସର୍ବଦଳୀୟ ଶ୍ରଦ୍ଧାଳି ସଭା ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ଲକ୍ଷ୍ମୀଧର ମହାନ୍ତିଙ୍କ ତତ୍ୱାବଧାନରେ ଆୟୋଜିତ ଶ୍ରଦ୍ଧାଳି ସଭାରେ ବିଭିନ୍ନ ରାଜନୈତିକ ଦଳର ବହୁ ବିଶିଷ୍ଟ ରାଜନେତା ଯୋଗଦେଇଥିଲେ । ଧର୍ମଶାଳା ବ୍ଲକର ପୂର୍ବତନ ପଂଚାୟତ ସମିତି ଅଧ୍ୟକ୍ଷ କିଶାନ ପଣ୍ଡା ଅଧ୍ୟକ୍ଷତା କରିଥିଲେ । ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନବନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ସ୍ୱର୍ଗତ ପଣ୍ଡା ଧର୍ମଶାଳା ବିଧାୟକଙ୍କ ସହିତ ସାକ୍ଷାତ ସମୟରେ ଧର୍ମଶାଳାର ବିକାଶ ଓ ଉନ୍ନତି ସମ୍ପର୍କରେ ଆଲୋଚନା କରୁଥିଲେ ବୋଲି ଶ୍ରୀ ବଳବନ୍ତରାୟ ମତବ୍ୟକ୍ତ କରିଥିଲେ । ସେହିପରି ଅତିଥି ଭାବେ ବଡଚଣା ବିଧାୟକ ଅମର ପ୍ରସାଦ ଶତପତୀ ଯେଗଦେଇ ସ୍ୱର୍ଗତ ପଣ୍ଡାଙ୍କ ଶିକ୍ଷା ପ୍ରତି ଅନୁରାଗଥିଲା । ସେ ପ୍ରତିକୁଳ ପରିସ୍ଥିତିରେ ଲଢେଇ କରି ଲୋକଙ୍କ ହୃଦୟ ଜିତିବା ସହ ସଫଳତା ପାଇତରଲେ ବୋଲି ଶ୍ରୀ ଶତପଥୀ ମତପ୍ରକାଶ କରିଥିଲେ । ଅନ୍ୟତମ ଅତିଥି ଭାବେ ପୁର୍ବତନ ସାଂସଦ ରୀତା ତରାଇ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା, ରାଜ୍ୟ କଂଗ୍ରେସ ମୁଖପାତ୍ର ଡ. ଗୋବିନ୍ଦ ଭୁୟାଁ, ଅମୀୟ ପାଣ୍ଡବ,ପଦ୍ମାକର ଗୁରୁ, ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତ, ସନ୍ତୋଷ ନନ୍ଦ, ଡ. ପ୍ରିୟନାଥ ମହାପାତ୍ର , ବ୍ଲକ ବିଜେଡି ସଭାପତି ଜଳଧର ମାହାନ୍ତି, ଜିଲ୍ଲା କଂଗ୍ରେସ ସଭାନେତ୍ରୀ ରୀତାଶ୍ରୀ ମହାନ୍ତି, ଅବସରପ୍ରାପ୍ତ ଅଧ୍ୟକ୍ଷ ବେଣୁଧର ଶରଣ, କୃଷକ ନେତା ବସନ୍ତ କୁମାର ପରିଡା, ବିଜେପି ନେତା କାହ୍ନୁ ଚରଣ ଦାଶ, ପୂର୍ଣ୍ଣଚନ୍ଦ୍ର ତରାଇ, ପ୍ରେସ କ୍ଲବ ସଭାପତି ରମାକାନ୍ତ ଜେନା, ସାମ୍ବାଦିକ ବଟକୃଷ୍ଣ ପରିଡା, ସଂଗ୍ରାମ କେଶରୀ ଜେନା, କୃଷ୍ଣଚନ୍ଦ୍ର ପଟ୍ଟନାୟକ, ଅଜୟ ସାମଲ, ଧର୍ମଶାଳା ମହାବିଦ୍ୟାଳୟ ଅଧ୍ୟକ୍ଷ ତପନ କୁମାର ମିଶ୍ର, ଗୋଲକ ମଲିକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ସ୍ମୃତିଚାରଣ କରିବା ସହ ସେ ଧର୍ମଶାଳାର ଆଦ୍ୟ ବିକାଶ ପୁରୁଷ ଥିଲେ ବୋଲି କହିଥିଲେ । ସାମ୍ବାଦିକ ଅଖିଳ କୁମାର ସ୍ୱାଇଁ ଅତିଥିମାନଙ୍କର ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଗୀତା ପାଠ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା । ପରେ କଳାକାରମାନଙ୍କ ଦ୍ୱାରା ଭଜନ ସଂଧ୍ୟା ପରିବେଷଣ କରାଯାଇଥିଲା ।

# ଖୋର୍ଦ୍ଧାରୁ ଜବତ ହେଲା କଫ ସିରୋପ ଓ ଗଞ୍ଜେଇ,ଅଭିଯୁକ୍ତ ଗିରଫ



ଖୋର୍ଦ୍ଧା,(ପିଏନ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଜିଲ୍ଲାପାଳ ଓ ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶରେ ଏକ ଟିମ ଚଢାଉ କରି କଫ ସିରୋପ ଓ ଗଞ୍ଜେଇ ଜବତ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।ସୂଚନା ଅନୁଯାଇ ଖୋର୍ଦ୍ଧା ଜିଲ୍ଲା ଟାଉନ ଥାନା ଅନ୍ତର୍ଗତ ପୁବୁସାହି ଗ୍ରାମର ଗଣେଶ ପାତ୍ର(୩୧) ଜଣେ ଯୁବକ କଫ ସିରୋପ ଓ ଗଞ୍ଜେଇ ଦୀର୍ଘ ଦିନ ଧରି ବିକ୍ରୀ କରି ଆସୁଥିଲେ । ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗର ଇନିପେକ୍ଟର ଭୈରବ ସାହୁ ଓ ମୋବାଇଲ ଇନିସପେକ୍ଟର ସସ୍ମିତା ହୋତାଙ୍କ ନେତୃତ୍ୱରେ ଖୋର୍ଦ୍ଧା ଓଆଇସି ବି ମନୋଜ କୁମାର,ବେଗୁନିଆ ଓଆଇସି ବିରଂଚି ନାରାୟଣ ମହାନ୍ତିଙ୍କ ସମେତ ଏକ ଟିମ ଅତର୍କିତ ଭାବରେ ବୁଧବାର ପୂର୍ବାହ୍ନରେ ଚଢାଉ କରି ୩ ଶହ ବୋତଲ କଫ ସିରୋପ ଓ ୨ କେଜି ଗଞ୍ଜେଇକୁ ନଡା ଗଦା ଭିତରୁ ଜବତ କରିଥିଲେ । ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୭୦ ହଜାର ହେବ ବୋଲି ଜଣା ପଡିଛି । ଏ ନେଇ ପିଆର ନମ୍ବର ୫୪/୨୧-୨୨ରେ ଏନଡିପିଏସ ଆକ୍ଟରେ ମାମଲା ରୁଜୁ କରି ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray